ଶ୍ରୀଯୁକ୍ତ ସୁଭାଷ ଓ ଶ୍ରୀଯୁକ୍ତ ଯତୀନ ସେନଗୁପ୍ତ ଜେଲରେ ଥିବା ସମୟରେ ବିଶେଷ ରୋଗାକ୍ରାନ୍ତ ହୋଇ ପଡ଼ିଛନ୍ତି । କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାରେ ଏ ବିଷୟ ଆଲୋଚନା ନିମନ୍ତେ ଶ୍ରୀ [illegible] ପ୍ରସ୍ତାବ ଆଗତ କରି କହିଲେ ଯେ ଶ୍ରୀଯୁକ୍ତ ବୋଷ ଓ ସେନଗୁପ୍ତଙ୍କ ସ୍ୱାସ୍ଥ୍ୟ ଅବନତି ନିମନ୍ତେ ସରକାର ବିଶେଷ ଭାବରେ ଦାୟୀ ଏବଂ ଉଦାସୀନ । ସରକାରଙ୍କ ନିକଟରୁ ମିଳୁ ନ ଥିଲେ, ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ଏବଂ ସାହା ଦରକାର ତାହା କରନ୍ତୁ ବୋଲି କହିଛନ୍ତି ।

## ରାଜନୈତିକ ବନ୍ଦୀଙ୍କ ସଂଖ୍ୟା

ସାମ୍ପ୍ରତିକ ରାଜନୈତିକ ବନ୍ଦୀଙ୍କ ସଂଖ୍ୟା ସେପ୍ଟେମ୍ବର ଠାରୁ ଅକ୍ଟୋବରରେ [illegible] କମ । ଅକ୍ଟୋବର ମାସ ଶେଷ ସୁଦ୍ଧା ରାଜନୈତିକ ବନ୍ଦୀଙ୍କ ସଂଖ୍ୟା ୧୮୨୪୩ । ଏହା ମଧ୍ୟରୁ ମାନ୍ଦ୍ରାଜରେ ୧୯୫୧, ବୋମ୍ବେରେ ୪୬୬୧, ବଙ୍ଗରେ ୨୪୪୨, ଯୁକ୍ତ ପ୍ରଦେଶରେ ୩୬୧୦, ପଞ୍ଜାବରେ ୫୪୧, ବିହାର ଉତ୍କଳରେ ୨୨୬୭, ମଧ୍ୟ ପ୍ରଦେଶରେ ୫୧୪, ଆସାମରେ ୪୫୭, ସୀମାନ୍ତ ପ୍ରଦେଶରେ ୧୯୬୭, ଦିଲ୍ଲୀରେ ୧୬୩, କୁର୍ଗରେ ୧୬୩, ଆଜମୀର ମାରୱାଡ଼ରେ ୬୪

## ସୈନ୍ୟଙ୍କ ଗୁଳିରେ ନିହତ

ଚଟ୍ଟଗ୍ରାମ ୨୮।୧୧।୩୨

କାଲି ରାତିରେ ଦେଖାଗଲା [illegible] ଗୃହ ତଲାସି କରିବା ସମୟରେ ଜଣେ ଲୋକ ପଳାଇବାକୁ ଚେଷ୍ଟା କରିବାର ଦେଖି ସବ ଇନ୍ସପେକ୍ଟର ସୈନ୍ୟ ଗୁଳିରେ ତାକୁ ମାରି ଦେଲେ । ମୃତ ଲୋକ ସନ୍ଦେହ କରାଯାଉଛି ଯେ ସେ [illegible] ବୋଲି କିନ୍ତୁ ଅନୁସନ୍ଧାନ ଫଳରେ ବିଶେଷ କିଛି ମିଳି ନାହିଁ ।

Digitized by srujanika@gmail.com

ତ ୨୭୭ ନମ୍ବର ଛଡ଼ି ତାରିଖ ସନ ୧୯୩୨ ମସିହା
ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି ଡିଃ
ହାଇକୁଣ୍ଡ ମହାରଣା ଓଗେର ଦେଃ

ଉପରୋକ୍ତ ନମ୍ବର ମୋକଦ୍ଦମାରେ ଡିକ୍ରି-ଦାରଙ୍କର ନାଲିଶି ଓଗେର ଅଦାୟ ନିମନ୍ତେ ଦେଣଦାର ମାନଙ୍କର ନିମ୍ନଲିଖିତ ସମ୍ପତ୍ତି ସମସ୍ତ ପ୍ରକାର ସର୍ତ୍ତରହିତ ସହିତ କଟକ ମୁନସିଫ ପ୍ରଥମ ମୁନସଫଙ୍କ ଅଦାଲତରେ ତା ୧୬।୧୨।୩୨ ରିଖ ନିଲାମ ହେବ

୧। ଜିଃ କଟକ ଥାଃ ହରହରପୁର ତ ୨୨୦୨ ନମ୍ବର ମୌଃ ଗରୁଡ଼ଆଳରେ ଥିବା ତ ୨୯୨ ନମ୍ବର ଖାତା ତ ୧୧୨ ନମ୍ବର ଦେଣଦାର ମାନଙ୍କ ନାମର ସ୍ଥିତିବାନ ୫୧—୧୨ ଡିଃ ଭୂ ଜମା ୪ଁ୬ ଅଟେ

୨। ପ୍ରଃ ଏକର ନ ୨୨୦୨ ନମ୍ବର ଭିଃ ମୌଃ ଗରୁଡ଼ଆଳରେ ଥିବା ନିଜମଣି ମହାରଣା ନାମସାମିଲ ତ ୧୧୨ ନମ୍ବର ଦେଣଦାର ମାନଙ୍କ ନାମର ସ୍ଥିତିବାନ ତ ୪୮ ନମ୍ବର ଖାତା ଖାଃ ୫୦—୮୧ ଡିଃ ଭୂ ଜମା ୪।୯ ମଧ୍ୟରୁ ୫୦—୪୨ ଡିଃ ଭୂ ଜମା ୪।୯ ଅଟେ

୩। ପ୍ରଃ ଏକର ନ ୮୪୬୨ ନମ୍ବର ଭିଃ ମୌଃ ଗରୁଡ଼ଆଳରେ ଥିବା ନିଜମଣି ମହାରଣା ନାମସାମିଲ ନ ୧୧୨ ନମ୍ବର ଦେଣଦାରମାନଙ୍କ ନାମରେ ସ୍ଥିତିବାନ ତ ୪୭୦ ନମ୍ବର ଖାତା ଖାଃ ୫୦—୪୫ ଡିଃ ଭୂ ଜମା ୪।୯ ମଧ୍ୟରୁ ୫୦—୧୭ ଡିଃ ଭୂ ଜମା ୨।୦୯ ଅଟେ

—୦—

## ପୁତ୍ରପ୍ରାଣ ରକ୍ଷାପାଇଁ ମାତାର ଉଦ୍ୟମ ନିଷ୍ଫଳ ହେଲା

ମେଦନାପୁର ଜିଲ୍ଲା ହାକିମ ଡଗ୍‌ଲାସଙ୍କୁ ହତ୍ୟା କରିବା ଅପରାଧରେ ପ୍ରଦ୍ୟୋତ କୁମାର ଭଟ୍ଟାଚାର୍ଯ୍ୟଙ୍କୁ ଫାଶି ହୁକୁମ ହୋଇଥିଲା। ଏ ଫାଶି ହୁକୁମ ରଦ କରିବାପାଇଁ ପ୍ରିଭି କାଉନସିଲ ପର୍ଯ୍ୟନ୍ତ ଲଢ଼ି କଣ୍ଡୁ ଫଳ ହୋଇନାହିଁ। କେବଳେ ତାଙ୍କର ମା ପଞ୍ଜାବ ହେବା ଜଣାଇଟଙ୍କ ନିକଟ ପୁତ୍ରର ଜୀବନ ଭିକ୍ଷାକରି ଏକ ଆବେଦନ କରିଥିଲେ। ଲାଟ ନବାବ କେବଳ-ନା, ମୃତ୍ୟୁଦଣ୍ଡ ଉଚିତ ଦଣ୍ଡ ହୋଇଛି, ଅଜରେଣ୍ଟର ବସ୍ତୁ ମୋଗଲ।

—୦—

## ରୋଗଗ୍ରସ୍ତ ଆଲିମ ଖାଁଙ୍କର ଅବସ୍ଥା ଆଶାପ୍ରଦ ନୁହେଁ

ଲାହୋର ତା ୨୫।୧୧।୩୨

ମେୟୋ ହସ୍ପିଟାଲରେ ଡାକ୍ତର ଆଲମ ଗତ କେତେ ମାସଧରି ଅସହ୍ୟ ରୋଗ ଯନ୍ତ୍ରଣା ଭୋଗ କରୁଥିଲେ। ଏକ ଡାକ୍ତର ଆଲମ ରୋଗଗ୍ରସ୍ତ ଡାକ୍ତର ମିର୍ଜାକର ତାଙ୍କୁ ଦେଖି କହିଲେ, "ସ୍ୱାସ୍ଥ୍ୟ ସମ୍ବାଦ ଜଣାଇଛନ୍ତି ଯେ ବର୍ତ୍ତମାନ ସମସ୍ତଠାରୁ ଡାକ୍ତର ଆଲମଙ୍କ ଅବସ୍ଥା ଭଲ ଅଛି। ତାଙ୍କର ଚିକିତ୍ସା ପାଇଁ ସେ ସବୁ ଡାକ୍ତର ଆସିଛନ୍ତି ସେମାନଙ୍କ ମଧ୍ୟରୁ ସମସ୍ତେ ହତାଶ ହୋଇଛନ୍ତି ଯେ ତାଙ୍କର ସମସ୍ତ ବ୍ୟାଧିର ଉପଶମ ହେବ ନାହିଁ।"

ସରକାରୀ ଇସ୍ତାହାରରେ ପ୍ରକାଶ ଯେ ଡାକ୍ତର ଆଲମଙ୍କ ସ୍ୱାସ୍ଥ୍ୟର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଡାକ୍ତରମାନେ ଅସ୍ତ୍ର ଚିକିତ୍ସା ପାଇଁ ଉପଦେଶ ଦେଉଛନ୍ତି। କେଳ ଡାକ୍ତରଙ୍କ ମତରେ ଏ ଅସ୍ତ୍ର ଚିକିତ୍ସା ବିଶେଷ ସାଂଘାତିକ ହେବ। ଜୀବନର ଆଶଙ୍କା ରହିଛି। ସରକାର କୌଣସି ଦାୟିତ୍ୱ ନେବାକୁ ଅନିଚ୍ଛୁକ, ଡାକ୍ତର ଆଲମଙ୍କୁ ସରକାର ଛାଡ଼ି ଖଲାସ ଦେବା ଉପଯୁକ୍ତ ବିବେଚନା କଲେ।

—୦—

## ମାଛ ପେଟରୁ ମନୁଷ୍ୟ

ପାଟଣା ୨୭।୧୧।୩୨

ଜଣେ କେଉଟ ଗୋଟାଏ ବଡ଼ମାଛ ବହୁତ କଷ୍ଟରେ ଧରି ଆଣିଥିଲା। ଜଣେ ଲୋକ ତାକୁ କିଣି ଘରକୁ ନେଇ ମାଛକୁ କାଟିବାରୁ ଦେଖିଲା ମାଛ ପେଟ ଭିତରେ ଗୋଟାଏ ମନୁଷ୍ୟପିଲା, ମାଛ-ପେଟ ମଧ୍ୟରେ କିପରି ସେ ପିଲା ସ୍ଥାନ ପାଇଲା ତାହା ଜଣା ଯାଇନାହିଁ।

—୦—

## ଅଭିନେତାଙ୍କ ତିରୋଧାନ ବାଜିବାରୁ ଆଉ ରଙ୍ଗଜଗତରେ ନାହାନ୍ତି

ଭାରତ ପ୍ରସିଦ୍ଧ ଅଭିନେତା ସୁରେନ୍ଦ୍ରନାଥ ଘୋଷ ( ଦାନିବାବୁ ) ନଭେମ୍ବର ତା ୨୮ ରିଖରେ ସ୍ୱର୍ଗାରୋହଣ କରିଛନ୍ତି। ସେ ସ୍ୱନାମଧନ୍ୟ ସ୍ୱର୍ଗୀୟ ବଙ୍ଗରଙ୍ଗ ମଞ୍ଚର ପ୍ରତିଷ୍ଠାତା ଗିରିଶଚନ୍ଦ୍ରଙ୍କ ପୁତ୍ର। ବଙ୍ଗଳାର ମଞ୍ଚରେ ସେ ଅଭିନେତା ରୂପରେ ସୁପ୍ରତିଷ୍ଠା ଲାଭ କରିଥିଲେ। ତାଙ୍କ ମୃତ୍ୟୁରେ ବଙ୍ଗରଙ୍ଗ ମଞ୍ଚ ଶୂନ୍ୟ ହୋଇ ପଡ଼ିଲା।

—୦—

## ଗୁରୁଭାୟୁରର ଜେଲଖାନ ଅବସ୍ଥା ସଂଘାତିକ

କାଲିକଟ ତା ୨୫।୧୧।୩୨

ମିଷ୍ଟର କେଲାପାନଙ୍କୁ ସେଉଁ ଡାକ୍ତର ସାହେବ ପରୀକ୍ଷା କରୁଛନ୍ତି ସେ କହୁଛନ୍ତି, "କେଲାପାନଙ୍କ ଉଚ ପେଟର ବାଁ ପାଖରେ ଯେ ଘା ହୋଇଛି ବୈଦ୍ୟୁତିକ ଯନ୍ତ୍ର ସାହାଯ୍ୟରେ ତାର ପରୀକ୍ଷା କର ଅସ୍ତ୍ରୋପଚାର ବ୍ୟବସ୍ଥା ଅତି ଶୀଘ୍ର କରିବା ଦରକାର।

—୦—

## ( ପ୍ରାପ୍ତ )

କଟକ ଜିଲ୍ଲାରେ ଡିଷ୍ଟ୍ରିକ୍ଟବୋର୍ଡ ସଭ୍ୟ ନିର୍ବାଚନ ପାଇଁ ଭୋଟ ଦେବାର କ୍ଷମତା ଯୋଗ୍ୟବ୍ୟକ୍ତି ଅନେକ ପରିମାଣରେ ଭୋଟର ତାଲିକା ଭୁକ୍ତହୋଇ ନାହାନ୍ତି। ଏହାର ପ୍ରଧାନ କାରଣ ଏହି ଯେ ଭୋଟର ତାଲିକା ପ୍ରସ୍ତୁତ କରାଯିବା ପାଇଁ ଯେଉଁ ପ୍ରଥା ଅବଲମ୍ବନ କରାଯାଇଅଛି ତାହା ଦୋଷଯୁକ୍ତ ହୋଇଅଛି। ସାଧାରଣତଃ ଇଉନିୟନ ପ୍ରେସିଡେଣ୍ଟମାନେ ନିଜ ନିଜ ସର୍କଲ ଭିତରେ ପଞ୍ଚାୟତମାନଙ୍କ କଥାନୁସାରେ ଗ୍ରାମର ଗୁରୁ କମ ଲୋକଙ୍କୁ ଭୋଟର ତାଲିକା ଭୁକ୍ତ କରି ଥାଆନ୍ତି। ବାସ୍ତବରେ ଦେଖିବାକୁ ଗଲେ ଲୋକାଲବୋର୍ଡ ସଭ୍ୟ ନିର୍ବାଚନ ପାଇଁ ଭୋଟ ଦେବାପାଇଁ ଯେ ଯୋଗ୍ୟତା ଦରକାର ତାହା ବୁଝିନଥାଏ। ପ୍ରେସିଡେଣ୍ଟ ତାଙ୍କ ନମାବନ୍ଦି କାଗଜ ଦେଖି ଏବଂ ଦଫାଦାରଙ୍କ ମତ ଉପରେ ନିର୍ଭରକରି ଗୋଟିଏ ତାଲିକା ପ୍ରସ୍ତୁତ କରନ୍ତି। ବହୁତ ଯୋଗ୍ୟ ବ୍ୟକ୍ତି ଭୋଟର ତାଲିକା ଭୁକ୍ତ ହୋଇ ନାହାନ୍ତି। ଭୋଟର ତାଲିକା ପ୍ରସ୍ତୁତ ହୋଇ ଗଲେ ମଧ୍ୟ ଲୋକେ ତାହା ଜାଣିପାରୁ ନଥିବାରୁ ଏବଂ ଭୋଟର ଶ୍ରେଣୀ ଭୁକ୍ତହେବା ପାଇଁ ସେମାନଙ୍କ ହାତରୁ ଯେ ଅଧିକାର ଦିଆଯାଇଅଛି ତାହା ବୁଝିପାରୁ ନଥିବାରୁ ସେମାନେ ନିଜ ଇଚ୍ଛାରେ ଭୋଟର ହେବାକୁ ପ୍ରାର୍ଥୀହୋଇ ପାରନ୍ତି ନାହିଁ। ଏହି ଅସୁବିଧା ଦୂରୀକରଣାର୍ଥେ ପ୍ରତ୍ୟେକ ଇଉନିୟନରେ ଅନ୍ତତଃ ଜନଗଣ ଯାହାରେ ଲୋକଙ୍କୁ ନେଇ ସଭା ସମିତି କରାଯାଇ ଭୋଟ ଦେବାର ଯୋଗ୍ୟତା କ'ଣ ଏବଂ ଭୋଟର ହେବା ଦ୍ୱାରା କି ସମ୍ମତି ହାତକୁ ଅସିବ ଇତ୍ୟାଦି ବିଷୟ ବୁଝାଇ ଦେବାପାଇଁ, କେବେ କେଉଁଠାରେ ଭୋଟର ତାଲିକା ପ୍ରସ୍ତୁତ ... ପାରିବେ ସେଥିପାଇଁ ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଇଉନିୟନରେ ପ୍ରେସିଡେଣ୍ଟ ଭୋଟ ତାଲିକା ପ୍ରସ୍ତୁତ କରିବାପାଇଁ ବିଧାନ କରାଯିବା ଉଚିତ।

ଲୋକନାଥ ମିଶ୍ର
କଟକ

—୦—

## ( ପ୍ରାପ୍ତ )

କଟକ ଜିଲ୍ଲାବୋର୍ଡ ପାଇଁ ଭୋଟ ଉପସ୍ଥିତ କେତେ କୌଣସି କୌଣସି ଥାନାର ଭୋଟରମାନେ ଭୋଟ ଦିଆଯିବା କେନ୍ଦ୍ର ସ୍ଥାନକୁ ଯାଇ ଯାତାୟାତ ସୁବିଧା ନପାଇ ସେମାନଙ୍କ ଭୋଟ ଦେବାରୁ ବଞ୍ଚିତ ହୁଅନ୍ତି। ବସ୍ତୁତଃ ସେହି ଥାନା ସ୍ଥାନଙ୍କୁ ନେଇ ଉଚ ଲୋକ ପ୍ରତିନିଧି ସମଗ୍ର ନିର୍ବାଚନ ମଣ୍ଡଳର ଲୋକ ମତ ପ୍ରାପ୍ତ ମନୋନୀତ ନହୋଇ କେବଳ ଅଞ୍ଚଳ ଭଳେ ନିର୍ବାଚିତ ହୋଇ ଥାଆନ୍ତି। ଏହି ଅସୁବିଧା ଘଟିବାର ପ୍ରଧାନ କାରଣ ଏହି ଯେ, କୌଣସି ନିର୍ବାଚନ ମଣ୍ଡଳ ଦୁଇଗୋଟି ଲେଖାଏ ଥାନା ନେଇ ଗଠିତ ହୋଇଅଛି। ... କଟକର ସଦର ମହକୁମା ପଞ୍ଚାଶ ଜଗତସିଂହପୁର ଏବଂ କିସିମ ନିର୍ବାଚନ ମଣ୍ଡଳ ଅଟେ। ପ୍ରଥମ ନିର୍ବାଚନ ମଣ୍ଡଳର ଭୋଟ ଦିଆଯିବାର କେନ୍ଦ୍ର, ସଦରଥାନା ଓ ଅନ୍ୟଟିର କେନ୍ଦ୍ର କେବଳ ନିର୍ଦ୍ଦିଷ୍ଟ ହୋଇ ଯାଇଅଛି। ଏହା ଦ୍ୱାରା ମହାଙ୍ଗା ଥାନାର ଓ ତିର୍ତ୍ତୋଲ ଥାନାର କୌଣସି ଭୋଟ ଦାତା, ଜଣ ବୋର୍ଡଙ୍କୁ ଲୋକ ପ୍ରତିନିଧି ନିର୍ବାଚନ ହେବା ଦରଠାରୁ ସେମାନଙ୍କ ଭୋଟ ପ୍ରାପ୍ତ ଦେଇ ପାରି ନାହାନ୍ତି। ଏହି ଅସୁବିଧା ଦୂର କରାଯିବା ପାଇଁ ଆସନ୍ତା ଜଲବୋର୍ଡ ନିର୍ବାଚନ ବେଳେ ମହାଙ୍ଗା ଥାନା ଆଦିରେ ଏବଂ ତିର୍ତ୍ତୋଲ ଥାନାରେ ଭୋଟ ଦିଆଯିବାର ସ୍ୱତନ୍ତ୍ର କେନ୍ଦ୍ର, କରାଯିବା ନିତାନ୍ତ ଆବଶ୍ୟକ।

ଲୋକନାଥ ମିଶ୍ର
କଟକ

Split by PDF Splitter
Digitized by srujanika@gmail.com

# ଲୋଭର ନୀତି

( ପୂର୍ବାନୁବୃତ୍ତି )

ଏ କଥା ମଧ୍ୟ ସଙ୍ଗେ ଭାରତର ଜନକ ପାର୍ଟି-ମାଲ ଯେ ଶାଇବ ତାଙ୍କ ଇଂରେଜୀ 'ଇଣ୍ଡିଆ' ଏବଂ ହିନ୍ଦୁ ବଳିଷ୍ଠ ହୋଇଯାଇଛି କିନ୍ତୁ ଆମର ସ୍ୱର୍ଗ ଦୋଷରୁ ସେମାନେ କେବଳ 'ପଥଭ୍ରଷ୍ଟ'। ଭାରତବର୍ଷରେ ବର୍ତ୍ତମାନ ବିପ୍ଳବ ଉପଲକ୍ଷରେ ବନ୍ଧୁକ ଲାଠି (Lathi charge) ସମ୍ମୁଖରେ ବନ୍ଧୁ ପକ୍ଷ ବସନ୍ତି ତାଙ୍କର ଶୀତଳ ଅଛି ଅଲ୍ପ। ଏ କଥା ମାନିବାକୁ ଆମ୍ଭେମାନେ ଅନିଚ୍ଛୁକ, ଯାହା ଅଙ୍ଗରେ ଓ ବର୍ତ୍ତମାନ ଶାସନ ନୀତି ସହିତ ତୁଳନା କରି ଦେଖିଲେ ଏଥିରୁ ଅତ୍ୟୁକ୍ତି ବୋଲି କହି ପାରିବା ନାହିଁ। ସତ କେତେ ଖାଉଛୁ, ଅନ୍ୟାୟ ମାତ୍ର ଏ ସମ୍ପୂର୍ଣ୍ଣ ଆମ ସ୍ୱର୍ଗରେ ଯୁଦ୍ଧ, ସବୁଠାରୁ ବଳିଷ୍ଠର କଥା ସେ ଗୁପ୍ତ ମାତ୍ର ତାର ଏ ଅଭାବ ନଥିଲା। ଏ କଥାଟା ଯାହା ଯେ ମାନ୍ତ ଶାଇବନ୍ତି ସ୍ୱାର୍ଥ ତାଙ୍କର ଅଛି, ସେ ସାଇବନ୍ତି ଯେ ଭାରତ ନାକ ଟେକିଲେ। କିନ୍ତୁ ସାଧାରଣ ଭଦ୍ର ଶାସକ ନୀତିର ଆଦର୍ଶରେ ଉତ୍କଳ ଜଣେ ... ସ୍ୱାଧୀନ ନିଶ୍ଚୟ ମୁକ୍ତ ଅଲ୍ପ। ବିଶେଷତଃ ସେମାନେ ବିଦେଶୀ ତାଙ୍କ ଦ୍ୱାରା ଆମର ଜାତୀୟ ମଙ୍ଗଳ ନାହିଁ, ତା ପରେ ବି ପ୍ରଶସ୍ତ ଭାରତକୁ କମ୍ୟୁନିଷ୍ଟ ସୋସିଆଲିଷ୍ଟ ଉଦ୍ଦେଶ୍ୟ ନୀତି ଦେଖାଇ ସେମାନଙ୍କ ପକ୍ଷରେ ଯାହା ଭଲ କରିବା ଅସମ୍ଭବ ବି ନଥିଲା। ଅନେକ ଅନ୍ୟ ସମସ୍ତ ବିଷୟ ... ସ୍ୱତନ୍ତ୍ର ସହିତ ଭାରତ ଯୋଗ ରହିବ ଭାରତୀୟ ଅର୍ଥ ଧାର୍ମିକ ଆଧ୍ୟାତ୍ମିକରେ ପ୍ରଗତି କୁହନ୍ତି କେବଳ କଥାରେ ଜନସ୍ୱ ଭାବରେ ଭିନ୍ନ ଶାସକ ସ୍ୱାର୍ଥ ତା ଅନୁସାର ଭାରତକୁ ସବୁ ଦେଶ ଭଲଭା ଶକ୍ତି ପ୍ରୟୋଜନ ନାହିଁ। ଏହା ବଡ଼ଲାଟ ଲିନଲିଥଗୋଙ୍କ ସଙ୍ଗେ ଦେଖାକଲେ ଜାଣି ପାରିଥିବା ଭାବ ଅନେ ବଙ୍ଗଳାର ଶୁଣିଛୁ।

ଦୁଃଖର ବିଷୟ ଭୁକମ୍ପ ଯୋଗ ହେଉଛି ସେହି କଥା। ଆମ ଦେଶର କେତେ ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ ଲୋକ ଆମର ଜାତର ବନ୍ଧୁ, ଏହାଦ୍ୱାରା ଭାରତ ସେମାନେ ଲୋକ ସ୍ୱାର୍ଥ ବିଚାର ହୋଇ ନାହିଁ କେହି ହେଉଛନ୍ତି। ଏହି କଥା ନୁହେଁ, କାରଣ ତାଙ୍କ ମଠ ମାଲିକ ସାର ଲୋକେ ପକ୍ଷରେ ଅଶିକ୍ଷିତ, ଏଥିର ବି କେବେ ତାଙ୍କର ବନ୍ଧୁ ଅର୍ଥାତ୍ ଅସମ୍ଭବ ନୁହେଁ; କିନ୍ତୁ ଏଥିରେ ବି ସାନ୍ତ୍ୱନା ମିଳୁନାହିଁ, ସେହିଁ ମାନ ଅନ୍ତରେ ଅନ୍ତରେ ବୁଝିଛୁ ସେହି ଦେଶରେ ଗୁଣାଏ ଲୋକଙ୍କ ସ୍ୱାର୍ଥ ଫଟାଇ ପୁଣି କୁହୁଡ଼ିର ଝୋଲ ଉଠାଇ ଲଢ଼ାଇ ନାହିଁ। ସମସ୍ତ ନାକଟା କୁ ସେ ସେ ପଥର କରିଦେଲ; ଶିକାରୀ ସବୁ ଶିକାରୀ ତାର ଭ ଜଣେ ନାହିଁ। ଗୋଟିଏ ଭାବ ସେଥିପାଇଁ ହେଉଛି ଦେଶର ମାନ୍ଦ ଦରେ ତାଙ୍କ କରେ ବନ୍ଦ ଦେବ ବନ୍ଧୁ କେବଳ ସାଇଭ ନିଜ ଭାଗ୍ୟ ନାହିଁ।

ଦେଶର ଲୋକଙ୍କର ଦୈହିକ ଓ ମାନସିକ ଅବସ୍ଥାର ଚରମ ଦୁର୍ଦ୍ଦଶା ଦୁଃଖ ଅବେଜ ଜାତିରୁ ଦୁରସ୍ଥରେ ଦେଖି ଆସୁଛୁ। ଭାରତ୍ୟ ଦଶଟ ଜଣିଷ ସେ କେବଳ ସତ୍ୟ ତା ନୁହେଁ ସେ ଜନକୁ ଅବଶ୍ୟ ସାଧ ବ ଯଥା କରିବ। ସେଥିପାଇଁ ଶାସ କଳ ସାଧୁତ ଜନ୍ତୁ ସାଧରେ "In our the most formidable of the evils from which India is suffering have their roots in social and economic customs of long-standing, which can only be remedied by the action of the Indian people themselves" ଏହା ହେଲା ଅଙ୍କାଙ୍କର କଥା। ଭାରତର ପ୍ରଯୋଜନକୁ ସେ ସେହିଁ ଅବସ୍ଥାକୁ ବସୁନ ଦୃଷ୍ଟିରେ ଦେଖି ଉନ୍ନତ ଭରର ଆଦର୍ଶ ନୁହେଁ। ପ୍ରଭୁର ଧନ ଉତ୍ପାଦନ ଯୋଗୁଁ ସେହିଁ ଅବାଧ ଶିକ୍ଷା, ସେହିଁ ସ୍ୱଯୋଗ, ସେହିଁ ସ୍ୱାଧୀନତା ତାଙ୍କର ଅଛି, ସେହିଁ ସବୁ ସୁବିଧା ପ୍ରକାରୁ ସେମାନଙ୍କର ଜୀବନ ଯାତ୍ରାର ଆଦର୍ଶ ଜୀବନରେ ଉନ୍ନତିର ଦ୍ୱାରେ ଦୋଳି କରିବା ପ୍ରଭୃତି ପରିମାଣରେ ପରିପୂର୍ଣ୍ଣ ହୋଇ ପାରଛି; କିନ୍ତୁ କଣ୍ଠ ଶୀର୍ଣ୍ଣ ଚକ୍ଷୁ ଦେଶବାସୀଙ୍କ ଶିକ୍ଷାଦୀକ୍ଷା ଭାରତ ପକ୍ଷରେ ସେ ଆଦର୍ଶ କଳ୍ପନା ମଧ୍ୟରେ ବି ଅସେ ନାହିଁ। ଅନ୍ୟ କୌଣସି ପ୍ରକାରରେ ଜନ ଯାପନ କରିବୁ, ଲୋକ ବୃଦ୍ଧି ଉଚ୍ଚାଟନ ତାର ଏବଂ ଶରତ ଏଣ୍ଡ କମେଲ ଅଛି ଅନ୍ତ ସେମାନେ ଜନର ଖାଦ୍ୟାଭାବେ ସେ ସ୍ଥିର ହୋଇ ସେହିଁ ଆଦର୍ଶ ବହନ କରୁଛନ୍ତି ତାକୁ ଉରନ୍ତ ବମୁଳ ପରି-ମାଣରେ ସ୍ୱମୂଳ ଉପଭୋଗ ଆମର ଜାଣିବା ଶର୍ତ୍ତ ହେଉ। ଏହାଠାରୁ ବେଶୀ କିଛି ତାଙ୍କର ଦାବିଦାର ନାହିଁ। ଅତଏବ ଭଲମନ୍ଦର ଦାୟିତ୍ୱ ଆମ ଉପରେ।

---

## ବୋମ୍ବେ ପ୍ରାଦେଶିକ ଅଭିନୀତ ଆଇନ ଏକବର୍ଷ ପରମାୟୁ

ବୋମ୍ବେ, ୨୬।୧୧।୩୭

ଆଜ ବୋମ୍ବେ ବ୍ୟବସ୍ଥା ପରିଷଦରେ ବୋମ୍ବେ ଅଭିନୀତ ଆଇନର ବିଷୟ ହେଲା, ପ୍ରସ୍ତାବ ହେଲା ଏ ଆଇନ ବର୍ଷକ ନିମନ୍ତେ ହେଉ। ସରକାରୀ ପ୍ରସ୍ତାବ ହେଲା ସେ-ବର୍ଷ ନିମନ୍ତେ କରିବାକୁ ସରକାର ଭଙ୍କ ଅଛନ୍ତି। କିନ୍ତୁ ବର୍ଷକବାଦ ଯଦି ଦରକାର ପଡ଼େ ତେବେ ସରକାର ଏଥର ଆଇନ ଅଉ ବୁଇବର୍ଷ ବଢ଼ାଇବାର ବ୍ୟବସ୍ଥା କରି-ପାରିବେ।

—o—

## ଗ୍ରେଟବ୍ରିଟେନ ଛିନ୍ନ ବିଚ୍ଛିନ୍ନ ସ୍କଟଲଣ୍ଡ ପୁଣି ସ୍ୱତନ୍ତ୍ର ହେବ

ଇଂଲଣ୍ଡଠାରୁ ସ୍କଟଲଣ୍ଡ ଅଲଗା ହେବା ନିମନ୍ତେ ସ୍କଟିସ ଲୋକଙ୍କର ଖୁବ ଉଦ୍ୟମ ଚାଲିଛି। ସେମାନଙ୍କର ଇଚ୍ଛା ସେ ତାଙ୍କ ସରକାରକୁ ଇଂଲଣ୍ଡରୁ ଅଲଗା କରିବେ ... ଶାସନାଧୀନ ହେବାକୁ ଚାହାନ୍ତି। ଗତ ୧୮ ତାରିଖରେ ଏ ବିଷୟରେ ଏକ ପ୍ରସ୍ତାବ ପାର୍ଲିଅମେଣ୍ଟରେ ଉତ୍ଥାପିତ ହୋଇଥିଲା। ସରକାରୀ ମନ୍ତ୍ରୀମାନେ ଏ ପ୍ରସ୍ତାବର ଉଦ୍ଦେଶ୍ୟ ଉଦ୍ଧାରଣ କରିବାରେ କିନ୍ତୁ ବହୁ ଚିନ୍ତାନ୍ତ ହୋଇ ପାରିଲେ ନାହିଁ। ଏ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ ଇଂଲଣ୍ଡର ଶକ୍ତି କମିଯିବ ଏବଂ ଇଂଲଣ୍ଡ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିବ।

---

## ମୁଲିଆ ବହିଷ୍କାର

### ସରକାରୀ ଜୁଲମ

ଦିଲ୍ଲୀ ତା ୨୭।୧୧।୩୭

ନୂଆ ଦିଲ୍ଲୀ ସହର ଗଢ଼ିବା ପାଇଁ ପ୍ରାୟ ୧୨ ହଜାର ମୁଲିଆ ସଂଗ୍ରହ କରାଯାଇଥିଲେ। ସେମାନେ ଅଠ ଦଶ ବର୍ଷରୁ ଝୁମ୍ପୁଡ଼ି ବାନ୍ଧି ଦିଲ୍ଲୀରେ ରହି କାର୍ଯ୍ୟ କରୁଥିଲେ। ନୂଆ ସହର ଗଢ଼ାକାର୍ଯ୍ୟ ଶେଷ ହେଲା। ମୁଲିଆଙ୍କ ଆଉ ଦରକାର ପଡ଼ୁ ନାହିଁ। ସେମାନେ ନୂଆ ସହରରେ ସାମାନ୍ୟ କୁଡ଼ିଆ ବାନ୍ଧି ରହିବାରୁ ସହରର ମର୍ଯ୍ୟାଦା କମିଲା। ସରକାର ହୁକୁମ ଦେଲେ ୨୪ ଘଣ୍ଟା ମଧ୍ୟରେ ସହର ଛାଡ଼ିଯିବ। କୁଡ଼ିଆ ଭାଙ୍ଗି ଦିଆଯାଉ, ମୁଲିଆମାନେ ସ୍ତ୍ରୀ ବାଳକ ଧରି ବର୍ତ୍ତମାନ ରାସ୍ତାରେ ଭୁଲୁଛନ୍ତି ... ଦିନ ଦାସ୍ତରେ ପଡ଼ିଛନ୍ତି ସେମାନେ। ସେମାନଙ୍କ ପକ୍ଷରୁ ବାଇସ୍ରୟଙ୍କ ଅପପଯିଉ ଲୁଦର ମନ୍ତ୍ରୀଙ୍କି ଏ ସରକାରୀ ଅତ୍ୟାଚାର ବିଷୟ ଜଣାଇ ଦାବ କରୁଛନ୍ତି।

---

## ଭୀଷଣ ଅଗ୍ନିକାଣ୍ଡ

### ଭୀଷଣ କ୍ଷତି

ବୋମ୍ବେ ତା ୨୭।୧୧।୩୭

ବୋମ୍ବେର ଜଣେ ବନ୍ଦରରେ ଫେବରିଅର୍ଡ କାମ୍ପାନୀର ଭଣ୍ଡାରର ଭୟଙ୍କର ଜୁଟ ଭବନରେ ଅଗ୍ନି ଲାଗିଥିଲା। ଯୋଗାଯୋଗରେ ତହିଁ ଦିନ ୨ ଲକ୍ଷ ଟଙ୍କାର ମାଲ ପୋଡ଼ି ଯାଇଛି। ୨ ହଜାର ଗଣ୍ଠି ପୋଡ଼ି ଯାଇଛି ବୋଲି ଜଣାଯାଇଛି। ବନ୍ଦର କର୍ତ୍ତୃପକ୍ଷଙ୍କ ତରଫରୁ ଜାହାଜରେ ଜାଲଗାଡ଼ି ବନ୍ଦର ଉପକୂଳକୁ ପଠାଇ ଧୂଆଁ ଉଠିଲା। ସଙ୍ଗେ ସଙ୍ଗେ ଅଗ୍ନି ନିର୍ବାପକ ବାହାର କରାଗଲା। କିନ୍ତୁ ବିଶେଷ ଫଳ ହେଲା ନାହିଁ।

---

## ଚିନ୍ତିତ ଜହରଲାଲ

ଲକ୍ଷ୍ନୌ, ତା ୨୬।୧୧।୩୭

ନିଖିଳ ଭାରତ କଂଗ୍ରେସ କମିଟିର ସେକ୍ରେଟାରୀ ଶ୍ରୀ ଏ କାରଣରୁ ଗାନ୍ଧୀ ୭ ମାସ ପାଇଁ ବିଶ୍ରାମ ନେଇ ଦେବ ଦେଖିବ ହେଉଛନ୍ତି ଓ ଦେଶ ହୋଇଛନ୍ତି। ପଣ୍ଡିତ ଜହରଲାଲ ନେହେରୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ଅତି ଚିନ୍ତିତ ସ୍ୱାସ୍ଥ୍ୟ ଭଲ ନାହିଁ ଏ ବିଷୟରେ ବିବୃତି ଦେଇ ଗାନ୍ଧୀଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହୋଇଛି। ପଣ୍ଡିତ ଉତ୍ତର-ପ୍ରଦେଶର ମନ୍ତ୍ରୀମାନଙ୍କୁ ସାକ୍ଷାତ ଦେବା ଲାଗି ଗାନ୍ଧୀଙ୍କ ଶରୀର ୭ ଦିନ ଶିଶୁ ବଜନ ଗାନ୍ଧୀଙ୍କ ବର୍ତ୍ତମାନ ତାହା ଦେଖି ୧୦୮ ପାଉଣ୍ଡ ଲାଗୁଛି। ସେ ତାଙ୍କ ବରଗଡ଼ରେ ଅଛନ୍ତି। ତାଙ୍କ ମନର ଅବସ୍ଥା ବେଶ ଭଲ ଅଛି। ସେ ଇଞ୍ଜେକସନ ... ଲାଗୁଛି ଏବଂ ବଡ଼ ବେଶି ସମସ୍ତ ଚିନ୍ତା ଶୁଣାରେ ଅବ୍ୟାହତ କରୁଛନ୍ତି।

---

କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ଶ୍ରୀ ଭକ୍ତବନ୍ଧୁ ମହାନ୍ତିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Split by PDF Splitter
Digitized by srujanika@gmail.com

REGISTERED NO. D 6

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରିମ ମୂଲ୍ୟ ଟ ୩୲
ଡାକଖର୍ଚ୍ଚ ଟ ୦।୰

ଖ ୬୭ ଗ

Cuttack, Saturday the 10th December 1932
ମାର୍ଗଶିର ୨୬ ... ୧୩୪୦ ସାଲ ଶନିବାର

୪୮ ଶ ସଂଖ୍ୟା

32 26-2-32

## JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

**Reduced Price Rs. 6/-**

Per Pair—(6 by 1½ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY.

"I have pleasure to state that Endi Chadders supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chaders. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).

No 31 17. 12. 32

Applications will be received by the undersigned to the 20th December 1932 for the post of Superintendent, Patna-Bankipur Water-Works on a pay of Rs. 200 per mensem. Further particulars can be obtained on application.

Sd. S. E. PLATT,
Superintending Engineer,
Public Health
Department,
Bihar and Orissa.

Patna
2nd, December
1932

୩୩ ୧୦-୧୨-୩୨

### ନୋଟିସ

ବର୍ତ୍ତମାନ ପାର୍ଯ୍ୟନ୍ତ ୧ ଅଗନ ଯୁକ୍ତ ୮ ସ୍କାଉଟ ଏଲବ୍ରାଇ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ମୋକଦ୍ଦମା ଅନ୍ୟ ଅଦାଲତରେ ଦାଏର ଅଛି ଏଥିରେ ଯେବେ କେହି ପକ୍ଷଭୁକ୍ତ ହେବାକୁ ଇଚ୍ଛା କରନ୍ତି ତାହାହେଲେ ଉଚିତ ସମୟ ମଧ୍ୟରେ ଦରଖାସ୍ତ ଦାଖଲ କରିବେ

ନ ୭୧ ମ୍ବର ସରେଜ ସନ ୧୯୩୨ ମସିହା
ଇଃ ସବଜଜ କଟକ

ରାଜା ଶ୍ରୀ ଘଟକ ରାଜବଲ୍ଲଭ ଭଞ୍ଜ ଦେଓ ୧, ୦. ଲ. ପୁଅ ୪ ପଦ୍ମଲ ଭଞ୍ଜ ଜାତି କ୍ଷେତ୍ରି ପେସା ରାଜତି ଅନ୍ୟ ସାଃ ନୟାଗଡ଼ ଥାନାଦି ଜିଲା କଟକ ବାଦୀ

ବନାମ

୧ ଭବେନ ସାହୁ ୨ ଶ୍ୟାମ ସାହୁ ୩ ପରବାସି ସାହୁ ୪ ଚନ୍ଦ୍ରାମଣି ସାହୁ ୫ ପଙ୍କଜ ସାହୁ ୬ ଗଣପତି ସାହୁ ୭ ମଦନ ନାଏକ ୮ ମାଷ୍ଟ ଦଲାଇ ୯ ସୁଧୁ ବେହେରା ୧୦ ଭବେନର ଝେଡି ୧୧ ଚଇଶେର ଚମାର ୧୨ ବଲରାମ ମହାନ୍ତି ୧୩ ଶିବ ସୁନ୍ଦର ୧୪ କୃଷ୍ଣମୋହନ ପ୍ରଜାପତି

ପ୍ରତିବାଦୀମାନେ

ତାଃ ବାଦୀର ଥାନା ଧରଣୀନ୍ଦ୍ରପୁର ମୌଜା ଜଗନ୍ନାଥ କ୍ଷେତ୍ର ମୌଜା ଖୁଂଅର ଜମାଖାଲି ନ ୬୭ ଖତ ଖାତା ଦାଗ ନ ୨୨୯ ମ୍ବର ରକବା ଏ୦—୯୧ ନ ୨୬୭ ମ୍ବର ଏ୦—୧୦ ନ ୨୭୪ ମ୍ବର ଏ୦—୫୧ ଗାଏ ଏ୧—୫୨ ଓ ମୌଃ ଭାଣ୍ଡୁଅ ସାହି ନ ୪୭ ମ୍ବର ଖାତା ଦାଗ ରକବା ନ ୭୦ ମ୍ବର ଏ୦—୯୮ ନ ୨୮୯ ମ୍ବର ୦୦—୪୮ ନ ୧୫୨ ମ୍ବର ଏ୦—୨୮ ଓ ନ ୧୮୪ ମ୍ବର ଏ୦—୨୩ ନ ୨୩୯ ମ୍ବର ଏ୦—୩୧ ଏକୁନ ଏ୬—୨୮ ମୌଃ ଜଗନ୍ନାଥ ପ୍ରସାଦ ନ ୩୦ ମ୍ବର ଖାତା ଦାଗ ରକବା ନ ୮ ମ୍ବର ଏ୨—୯୨ ନ ୫୭ ମ୍ବର ଏ୩—୬୨ ଏକୁନ ଏ୬—୫୪ ମୌଃ ତାଏପଡୋବ ନ ୧୭ ମ୍ବର ଖାତା ଦାଗ ନ ୪ ମ୍ବର ରକବା ଏ୧—୦ ଏକୁନ ଏ୧—୫୨ ସର୍ବମୋଟ ଏ୧୧—୭୭ ଜମି ଉପରେ ସ୍ୱତ୍ୱ ସାବ୍ୟସ୍ତ ଦାବୀ ଭାଙ୍ଗିଲା ନଚ ବ୍ୟବହାର ସମସ୍ତେ କରିବ ଅର୍ଥ ବ୍ୟୟରେ ପ୍ରସ୍ତୁତ କରିଥିବା ଓ ଉକ୍ତ ସମ୍ପତ୍ତିରେ ସର୍ବସାଧାରଣଙ୍କର କୌଣସି ସତ୍ୱ ନଥିବା ସ୍ଥଳେ ଘାଇ ସେଟଲମେଣ୍ଟରେ ସର୍ବସାଧାରଣଙ୍କର ଗଛାସ୍ୱତ୍ୱ କରିବାର ସତ୍ୱ ଲୋଟ ପ୍ରଜାରୁ ସମ୍ପୂର୍ଣ୍ଣ ରୂପେ ବେଆଇନ ଓ ଅଗ୍ରହଣୀୟ ସ୍ୱତ୍ୱର ସୁସ୍ଥିର ଉପରୁକ୍ତ କାରଣ ଟ ୫୦୦୧୧ ବାବଦରେ କୋର୍ଟ ଫି ଦେଇ ନାଲିସି ଦାଏର କରିଅଛନ୍ତି ତହିଁର ତାରଖ ତା ୧୩।୧୨।୩୨ ଉଣନ୍ତୁ ଧାର୍ଯ୍ୟ ଅଛି ତାହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇଲୁ । ଇତି ।

—o—

Digitized by srujanika@gmail.com

୨୧ | (୪।୧୨।୩୨)

## ଦୁଇ ଟଙ୍କାରେ ୩ଟି ମୂଲ୍ୟବାନ ଘଡ଼ି ଏବଂ ୯୦ ଉପହାର

ଅଟୋମୋଟିଭ ଷ୍ଟୋରର ପ୍ରଜା, ଏହି, ଏହା ଫୁଲର କାର୍ଯ୍ୟସବେ ଉପଲ, ଏହାର ପରି



ବର ପର୍ଯ୍ୟନ୍ତ ଗ୍ରାହକ, ଏଥିରୁ ବୃତ୍ତ ଥିଣ ଯେ ଦୁଇଟଙ୍କା ଦେଇ ଜଣକେ ତାଙ୍କଗୋଟିଏ ସୁନା ଗିଲ୍ଟ ଦୟାଇଥିବା ଜମି ଷ୍ଟଏାଚ, ଗୋଟିଏ ନାକରୁ ଇ ଲଗ ତକନ୍ଗାସୁଭି ଜର୍ମାନ 'ଟ' ଟାଇମ୍ ଫିସ୍ ସଡ (* ବର୍ଷର ଗ୍ୟାରେଣ୍ଟିଯୁକ୍ତ) ଗୋଟିଏ ରେଲଓ୍ୱେ ଟାଇମ୍ ଟଫି ପକେଟ୍ ସଙ୍ଗ ଉପହାର ପାଇବେ । ଏହାଛଡ଼ା ଗୋଟିଏ ଫାଉଣ୍ଟେନ୍ ସହିତ ୯୦ ଟି ଜିନିଷ ମଧ୍ୟ ଉପହାର ପାଇବେ । ପ୍ୟାକିଂ ଓ ଡାକ ମାଶୁଲ ସ୍ୱତନ୍ତ୍ର ।

General Trading Agency
15/1 Joy Mitter Street
P. O. Hatkhola
Calcutta

## ନିଲାମ ଇସ୍ତାହାର

ନ ୩୧୬ ନମ୍ବର ଜାରି ସନ ୧୯୩୨ ମସିହା
୨୨୩

ଇଃ ୧ମ ଏଡିସନ ମୁନସଫ କଟକ

ଶ୍ରୀ ରାଜା ସୁରେନ୍ଦ୍ର ନାରାୟଣ ଦେଓ ଓ. ର. ଇ. ଉଚ୍ଚୀଦାର

ଲକ୍ଷ୍ମୀନାରାୟଣ ଦେଇ ଓଗେର ଦେଣଦାର

ଏ ମୋକଦ୍ଦମାରେ କଟକ ଜଗ ଥାନା ପ୍ରଃ ଟୋଃ କଟକ ମୌଃ ପାଟପୁର ଜମର ଓ ଜଗଟଣାଳ୍ପ ତଲବଜିର ଖାତା ଡାଃ ମୂଳ ସୁବାମରଲଣ ପାଏନଙ୍କ ଖାସମାଲ ପଟାଦାରୀ ସତ୍ତ୍ୱ ଉଦ୍ଧରଣରୁ ଅଦାଲତରେ ତା ୧୬।୧୨।୩୨ ନିଲାମହେବ ଇଚ୍ଛେ ଜଣାଯିବ ଦେଖିବ ଡାର ଜଣେବ ନହୁ ଶତକ

୧ । ନ ୧୯ ନମ୍ବର ଖାତା ଡାଃ ଏ୦—୩୧।୩୪ ରୁ କମା ଟ୧।୯୫ ଭିତ୍ତି ଜମି ଓ ତହିଁ ଉପରେ ଥିବା ପକାଟୋଠା ଡାଇ ଉପରଘର, କୂପ, ଗାଛମାନ ଆଦି ଆଃ ମୂଃ ଟ୨୫୦୦୯

୨ । ନ ୨୦ ନମ୍ବର ଖାତା ଡାଃ ଏ୦—୪୮୪୮ ରୁ ଜମା ଟ୧।୨୯ ଭିତ୍ତି ଜମି ଓ ତହିଁ ଉପରେ ଥିବା ପକାକୋଠା ଓ ଡାଇ ଉପରଘର, କୂପ, ଗଛଗାଛି ଆଦି ଆଃ ମୂଃ ଟ୨୫୦୦୯

ସନ ୧୯୩୨ ମସିହାର ନ ୧୦୨୬ ନମ୍ବର ଜାରି ମୋକଦ୍ଦମା ଗଣ୍ତିରେ ଭ କଟକ ମୁଃ ୨ୟ ମୁନସଫି ଅଦାଲତରେ

ସୁଦେବ ମହାପାତ୍ର ଡିଃ

ଉତ୍ତୁ ମାହାନ୍ତି ଦେଃ

ଉକ୍ତ ମୋକଦ୍ଦମାର ଡିକ୍ରୀଦାରଙ୍କର ଡିକ୍ରୀ ଟଙ୍କା ପାଇଣା ସକାଶେ ଦେଣଦାରଙ୍କ ଅସ୍ଥାବର ସମ୍ପତ୍ତି ଯଥା ତା ୧୬।୧୨।୩୨ ରେ ଷଣ୍ଢା ୧୦ ଘଣ୍ଟା ସମୟ ନିଲାମହେବ

୧ । କଟକ ଜିଃ ସଦର ଥାଃ ଓଃ ସଃ ଟୋଃ ନୂଃ ଉଷୋଲ ଗୁଲଜାଜନ ନ ୮୨୭୭ ନମ୍ବର ଡାଃ ସ୍ଥଃ

—

କାଲୁବସି ନ ୧୬୩ ନମ୍ବର ଥାନା ମୌଃ ଦେବତ୍ତ ପୁରରେ ଥିବା ହାଲ ବନ୍ଦୋବସ୍ତର ସ୍ଥିତିବାନ ପାଟ୍ଟ ନ ୩୪୦ ନମ୍ବର ଖାତା ଡାଃ ନ ୧୯୭୧ ନମ୍ବର ଖାଃ ଭାଗ୍ନଣଭାଗ ଏ୦—୧୮ ଡିଃ ରୁ ଜମା ଟ୦୩୯ ଅର୍ଦ୍ଧ ତହିଁ ମଧ୍ୟରୁ ଟଃ ଟ୦।୪ ପାଇଁରୁ ଏ୦—୦୬ ଡିଃ ରୁ ଜମା ଟ୦।୪ ପାଇଁ ନିଲାମହେବ ଆଃ ୮୦ ଟ୯୯

୨ । ପ୍ରଃ ଏଡନ ମୌଃ ଏଡନରେ ଥିବା ସ୍ଥିତିବାନ ପାଟ୍ଟ ନ ୩୬୪ ନମ୍ବର ଖାତା ଡାଃ ଏ୦—୪୪ ଡିଃ ରୁ ଜମା ଟ୨୩୯ ମଧ୍ୟରୁ ଟଃ ଟ୦। ରୁ ଏ୦—୧୧ ଡିଃ ରୁ ଜମା ଟ୦୩।୬ ପାଇଁ ନିଲାମହେବ ଆଃ ମୂଃ ଟ୨୬୯

ନ ୧୬୪ ନମ୍ବର ଡିକ୍ରିଜାରି ସନ ୧୯୩୨ ମସିହା

ଇଃ ସବଜଜ କଟକ

ଉଜାମୁର ପ୍ରଧାନ ଡିଃ

କୈଳାସଚନ୍ଦ୍ର ପ୍ରଧାନ ଓଗେର ଦେଃ

ଜରଡିକ୍ରୀ ଟଙ୍କା ଆଦାୟ ସକାଶେ ତା ୧୬।୧୨।୩୨ ଷଣ୍ଢା ଲିମ୍ନଲିଖିତ ସମ୍ପତ୍ତି ନିଲାମ ହେବ

୧ । ଜିଃ କାଲେକ୍ଟର ପ୍ରଃ ନ୦ ମୁଃ ଜଲେଶ୍ୱର ଗ୍ରାମ ସୋଗଗରି ମୌଃ ଭୁମ୍ବିରଗଡ଼ ନ ୩୩୨ ନମ୍ବର ଖାତା ସ୍ଥିତିବାନ ଏ୫—୨୪ ମଧ୍ୟରୁ ସମ୍ପୂର୍ଣ୍ଣ ଏ୨—୮୭ ରୁ ଜମା ଟ୭/ ଓ ସଳିତ ପ୍ରକାର ସବୁ ସହିତ

୨ । ପ୍ରଃ ଏଡନ ମୌଃ ଏଡନ ନ ୭୧ ନମ୍ବର ଖାତା ସ୍ଥିତିବାନ ଏ୧୩—୭୯ ମଧ୍ୟରୁ ଏ୭—୯୪୯ ରୁ ଜମା ଟ୧୫।୯ ଓ ତହିଁରେ ଥିବା ଡାଳ ଉପରଘର ଦରଜା ଚାଳକାଠ ସହିତ

ନ ୭୧୫ ନମ୍ବର ଜାରି ସନ ୧୯୩୨ ମସିହା

ଇଃ ୨ୟ ମୁଃ କଟକ

ସଚ୍ଚିଦାନନ୍ଦ ମହାପାତ୍ର ଡିଃ

ଭଷ୍ମ ବେହେରା ଦେଃ

ଜରଡିକ୍ରି ଓଗେର ଟଙ୍କା ଆଦାୟ ସକାଶେ ଦେଣଦାରର ଥିବା ଥାନା ପାଟେଶ୍ୱର ପ୍ରଃ ସୁଙ୍ଗୁଡ଼ା ମୌଃ ଜଗଡ଼ପୁର ରକାବାନ୍ଧି ହାଲ ବନ୍ଦୋବସ୍ତର ନ ୩୩୮ ନମ୍ବର ଖାତା ସ୍ଥିତିବାନ ଏ୧—୭୪ ମଧ୍ୟରୁ ଦେଣଦାରର ଟଃ ଟ ୦ ୧/୪ ପାଇଁରୁ ଏ୦—୩୮ ରୁ ଜମା ଟ୧।୪ ଓ ତହିଁରେ ସକଳପ୍ରକାର ସତ୍ତ୍ୱ ସହିତ ତା ୧୬।୧୨।୩୨ ରେ ନିଲାମହେବ

ନ ୧୦୨୯ ନମ୍ବର ଡିକ୍ରିଜାରି ସନ ୧୯୩୨ ମସିହା

ଇଃ ତ୍ରିତୀୟ ମୁଃ କଟକ

ଶ୍ୟାମମୋହନ ଲାଲ ଡିକ୍ରିଦାର

ଡାଷ୍ଟ ସାହୁ ଓଗେର ଦେଣଦାର ମାନେ

ଦେଣଦାର ମାନଙ୍କ ଅଚଳନ୍ତି ସମ୍ପତ୍ତି ତା ୧୬।୧୨।୩୨ ରେ ନିଲାମହେବ

ଜିଃ କଟକ ପ୍ରଃ ଥାଃ ଖାଲେଶ୍ୱର ଲିଙ୍ଗା ପ୍ରଃ ମାଳଜଭ ନଗର ନ ୩୭୯ ନମ୍ବର ଭିଃ ଭିଃ ଜନମଣି ମୌଃ ବୁଧୁବୁଲଅ ନ ୮୮୬୦ ନମ୍ବର ଭିଃ ଓ ନ ୬୧୫ ନମ୍ବର ଜଃ ଡାଃ ବୃଃ ଲଃ କାଟସ୍ୱର ଖଣ୍ଡଜନ ମୁଃ ନ ୩୮ ନମ୍ବର ଖାତା ଏ୦—୬୬୩ ଓ ହାଲ ବନ୍ଦୋବସ୍ତ ମୁଃ ନ ୬୩ ନମ୍ବର ଖାତା ସ୍ଥଃ ଏ୦—୬୩୪ ଭିଃ ଓ ଉପସ୍ଥିତ ସମସ୍ତ ସତ୍ତ୍ୱ ନିଲାମହେବ ଆଃ ମୂଃ ଟ୧୫୦୧ଥା

—

ନ ୩୬୭ ନମ୍ବର ଡିକ୍ରିଜାରି ସନ ୧୯୩୨ ମସିହା

ଇଃ ୧ମ ମୁଃ କଟକ

ଅନନ୍ତଚରଣ ପଧାନ ଡିଃ

କରି ପଧାନ ଦେଃ

ତା ୧୬।୧୨।୩୨ ନିଲାମ ତାରିଖ

୧ । ପ୍ରଃ ଭାଗଗ୍ରାବାଦ ମୌଃ ସିଂହପୁର ନ ୧୬ ନମ୍ବର ଖାତା ମଧ୍ୟରୁ ଏ୦—୦୧୨—୫ ନିଲାମହେବ ଆଃ ମୂଃ ଟ୫୦୯

୨ । ଏଡନ ମୌଃ ଏଡନ ନ ୪୯ ନମ୍ବର ଖାତା ମଧ୍ୟରୁ ଏ୦—୪୧—୫ ନିଲାମହେବ ଆଃ ମୂଃ ଟ୧୦୦୯

—

ନ ୪୨୫ ନମ୍ବର ଡିକ୍ରିଜାରି ସନ ୧୯୩୨ ମସିହା

ଇଃ ୧ମ ମୁଃ କଟକ

ମଧୁସୂଦନ ମିଶ୍ର ଡିଃ

ଲକ୍ଷ୍ମୀନନ୍ଦ ପାଣିଗ୍ରାହୀ ଦେଃ

ତା ୧୬।୧୨।୩୨ ଷଣ୍ଢା ନିଲାମ ତାରିଖ

୧ । ପ୍ରଃ ହରିହରପୁର ମୌଃ ପଡ଼ାପୁର ଥାନା ସ୍ଥିତିବାନ ନ ୬୦ ନମ୍ବର ଖାତା ମଧ୍ୟରୁ ଏ୦—୪୬୯ ଡିଃ ଜମା ଟ୧୯ ନିଲାମହେବ ଆଃ ମୂଃ ଟ୧୦୦୯

ନ ୧୮୨ ନମ୍ବର ଡିକ୍ରୀଜାରି ସନ ୧୯୩୨ ମସିହା

ଇଃ ସବଜଜ

କୁଞ୍ଜି ପରିଡ଼ା ଡିଃ

ସଚ୍ଚିଦାନନ୍ଦ ପଣ୍ଡା ଓଗେର ଦେଃ ମାନେ

ଡିକ୍ରିଦାରଙ୍କର ପ୍ରାପ୍ୟ ଟଙ୍କା ଆଦାୟ ସକାଶେ ଦେଣଦାର ମାନଙ୍କର ନିମ୍ନଲିଖିତ ସମ୍ପତ୍ତି ତା ୧୬।୧୨।୩୨ ରେ ନିଲାମହେବ

୧ । କଟକ ଜିଲ୍ଲା ଅନ୍ତଃପାତି ଯୋଃ ସଦର ସଃ ରେଃ କଟକ ପ୍ରଃ ଚୋଧଣ୍ଡା ନ ୧୯୭୮ ନମ୍ବର ତଃ ମୌଃ ଅରକ ଥାନା ନ ୨୩୦ ନମ୍ବର ସ୍ଥିତିବାନ ରଏଡ ଖା ୭୪,୭୫,୭୭,୭୭,୮୧,୮୨,୮୩,୮୪,୮୫, ଡା ଡାଃ ବୃତ୍ତି ମଧ୍ୟରୁ ଦେଣଦାର ମାନଙ୍କର ପୃଥକ ଦଖଲ ଏ୩—୩୭—୫ ଓ ତହିଁ ଉପରେ ଥିବା ଡାଳ ଉପରଘର, ଦରଜା ଚାଳକାଠ, କୂପ, ବୃକ୍ଷାଦି ସହିତ ଆଃ ମୂଃ ଟ୧୦୦୯

୨ । ପ୍ରଃ ମୌଃ ଏଡନ ଡାଟେଲ ଡାଃ ସ୍ଥିତିବାନ ଖା ୩,୧୪,୧୫,୨୭,୩୦ ଡା ଡାଃ ମଧ୍ୟରୁ ଦେଣଦାର ମାନଙ୍କର ପୃଥକ ଦଖଲ ଏ୨—୯୮ ଡିଃ ଜମି ଓ ତହିଁ ଉପରେ ଥିବା ବୃକ୍ଷାଦି ସହିତ ଆଃ ମୂଃ ଟ୫୦୯

ନ ୩୭୮ ନମ୍ବର ଜାରି ସନ ୧୯୩୨ ମସିହା

ଇଃ ପ୍ରଥମ ମୁନସଫ କଟକ

ଚନ୍ଦ୍ରମଣି ନାୟକ ଡିଃ

ଜିଷ୍ଣୁ ସୋରେନ ଦେଃ

ଉପର ଲିଖିତ ନମ୍ବର ମୋକଦ୍ଦମାରେ ଜରଡିକ୍ରି ଓଗେର ଟଙ୍କା ଆଦାୟ ଜମନ୍ତେ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିମାନ କଟକ ମୁଃ ୧ମ ମୁନସଫଙ୍କ କୋର୍ଟରେ ତା ୧୬।୧୨।୩୨ ରେ ପ୍ରକାଶ୍ୟ ନିଲାମହେବ

ଜିଃ କଟକ ପ୍ରଃ ସ୍ୱାଃ ସଃ ରେଃ ବାଙ୍କି ଥାନା ବାଙ୍କି ନ ୨୮୪ ନମ୍ବର ଲଃ ମୌଃ ବେଲ୍ଲପୁର ନ ୨୮ ନମ୍ବର ଥାନା ନ ୩୬ ନମ୍ବର ଖାତା ଡାଃ ସ୍ଥିତିବାନ ଏ୦—୬୪ ରୁ ଜମା ଟ୦୫/ ମଧ୍ୟରୁ ଏ୦—୨୧ ରୁ ଜମା ଟ୦।/ ଅଟେ ।

Digitized by srujanika@gmail.com

# ମହାତ୍ମାଜୀଙ୍କ ସ୍ୱାସ୍ଥ୍ୟ

ମହାତ୍ମାଜୀ ତାଙ୍କର ପୂର୍ବସ୍ୱାସ୍ଥ୍ୟ ଫେରି ପାଇ-ଲେଣି—ତାଙ୍କର ଓଜନ ଏବେ ୧୦୨ ପାଉଣ୍ଡ ହୋଇଛି। ଗତପରଶୁ ଡକ୍ଟର ଓ ଦୁଃଖରୁ ତାଙ୍କ ସହିତ ତା ୮ିଖ ଦିନ ଦେଖା କରିଥିଲେ। ସେହିଦିନ ସ୍ୱଭାବରେ ମାଳବାର ମାଙ୍କ କରିଥିଲେ। ଗୁରୁଭାୟୁର ମନ୍ଦିର ପ୍ରବେଶ ବିଷୟରେ କାର୍ଯ୍ୟ କରିବାକୁ ସେଠାକୁ ଯାଇଛନ୍ତି।

—※—

## ଅସ୍ପୃଶ୍ୟତା—ନିବାରଣ ସଂଘର ବିଜ୍ଞପ୍ତି

ଡିସେମ୍ବର ତା ୧୮ ରିଖ—

### ଅସ୍ପୃଶ୍ୟତା ନିବାରଣ ଦିବସ

ମହାତ୍ମାଜୀଙ୍କର ଇଚ୍ଛା ଯେ ତା ୧୮ ରିଖ ଡିସେମ୍ବରକୁ ଭାରତର ପ୍ରତ୍ୟେକ ଗାଁ ଓ ସହର ଅସ୍ପୃଶ୍ୟତା—ଦୂରକରିବା ଦିନ ବୋଲି ଧରି ଅନୁଷ୍ଠିତ କାର୍ଯ୍ୟ-ତାଲିକାମାନ୍ୟ କାର୍ଯ୍ୟ କରିବେ। ପ୍ରତ୍ୟେକ ସ୍ଥାନରେ ଅସ୍ପୃଶ୍ୟତା ନିବାରଣ ସଙ୍ଘର କର୍ମୀମାନେ ଦୁଆର ଦୁଆର ଭିକ୍ଷା ମାଗି ଅର୍ଥ ସଂଗ୍ରହ କରିବେ। ହିନ୍ଦୁ-ମାନଙ୍କର ବନ୍ଧୁମାନେ ହରିଜନମାନଙ୍କର ବସ୍ତି ପରିଷ୍କାର ପରିଚ୍ଛନ୍ନ କରିଦେବେ ବା ସେହିପ୍ରକାର କୌଣସି କାର୍ଯ୍ୟ କରିବେ ଯହିଁରେ ସେମାନେ ଉପକୃତ ହେବେ। ଉଚ୍ଚ ବର୍ଣ୍ଣର ହିନ୍ଦୁ ପିଲାମାନେ ସହିତ ହରିଜନମାନଙ୍କର ପିଲାଏ ଏକାଠି ଖେଳିବେ। ହିନ୍ଦୁ ଓ ହରିଜନମାନେ ଏକାଠି କୀର୍ତ୍ତନ ଓ ଶୋଭାଯାତ୍ରା କରିବେ। ସାଧା-ରଣ ସଭା କରି ସେଥିରେ ଅସ୍ପୃଶ୍ୟତାର ଅନିଷ୍ଟ-କାରିତା ଲୋକମାନଙ୍କୁ ପରିଷ୍କାର ବୁଝାଇ ଦେବେ ଓ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବେ ଯେ ଶୀଘ୍ର ଏହି ଅସ୍ପୃଶ୍ୟତା ଭୂତ ଆମ ସମାଜରୁ ଦୂରହୋଇ ଯାଉ ଓ ଏହା ସମ୍ପୂର୍ଣ୍ଣରୂପେ ଧ୍ୱଂସ ହେଉ ଏବଂ ସଭାରେ ଏହି ବିଷୟ ପ୍ରସ୍ତାବମାନ ଗୃହୀତ ହେଉ ଯେ ଅସ୍ପୃଶ୍ୟତା ଦୂର କରିବା ଲାଗି ଅବସ୍ଥାନୁସାରେ ଉପଯୁକ୍ତ କାର୍ଯ୍ୟ କରୁ ଓ ହରିଜନମାନଙ୍କୁ ମନ୍ଦିରର ପ୍ରବେଶ ଦିଅନ୍ତୁ। ଅନୁମତି ଦିଆଯାଉ ବିଶେଷତଃ ଗୁରୁଭାୟୁର ମନ୍ଦିର ହରିଜନମାନଙ୍କ ଲାଗି ଖୋଲାହେଉ।

———

## ବେହାର ଓ ଉଡ଼ିଶା ଶିକ୍ଷାବିଭାଗ ରିପୋର୍ଟ

ବେହାର ଓ ଉଡ଼ିଶାର ଶିକ୍ଷାବିଭାଗର ୧୯୩୧-୩୨ର ରିପୋର୍ଟ ପ୍ରକାଶିତ ହୋଇଛି। ସେଥିରେ ପ୍ରକାଶ ଯେ ବେହାର ଓ ଉଡ଼ିଶାରେ ବର୍ତ୍ତମାନ ୭ ଗୋଟି ବି. ଏ. ପର୍ଯ୍ୟନ୍ତ ପଢ଼ା ହେଉଥିବା କଲେଜ, ଆଇ. ଏ. ପର୍ଯ୍ୟନ୍ତ ପଢ଼ା ଯାଉଥିବା ୪ ଗୋଟି କଲେଜ, ଗୋଟିଏ ଟ୍ରେନିଂ କଲେଜ, ଗୋଟିଏ ଇଞ୍ଜି-ନିୟରିଂ କଲେଜ, ଗୋଟିଏ ମେଡ଼ିକେଲ କଲେଜ, ଗୋଟିଏ ଭେଟେରିନେରି କଲେଜ ଏବଂ ୧୬୨ଟି ହାଇ ସ୍କୁଲ ଅଛି।

ଗତବର୍ଷର ସ୍କୁଲମାନଙ୍କ ସଂଖ୍ୟା ୧୯୩୦ରେ ଥିଲା ୩୦,୨୬୬ କିନ୍ତୁ ବର୍ତ୍ତମାନ ତାର ସଂଖ୍ୟା କମି ୨୭,୫୭୧ ହୋଇଛି। ପାଠଶାଳା ସ୍କୁଲରେ ଛାତ୍ର ସଂଖ୍ୟା ୧୯୩୦ରେ ଥିଲା ୮୫୧,୬୨୫, ବର୍ତ୍ତମାନ ... ୮୫୯,୦୩, ... ଏବଂ ଦାରିଦ୍ର୍ୟ-ର ... ଉନ୍ନତି ଅଛି।

# ବିଲାତ ଋଣ ସମସ୍ୟା

## ଇଂଲଣ୍ଡ ବିବୃତି

ଯୁଦ୍ଧ ସମୟରେ ଅଣ୍ଟନ ହେବାରୁ ଇଂଲଣ୍ଡ ଏବଂ ଇଉରୋପର ଅନେକଦେଶ ଆମେରିକାଠାରୁ ବହୁ ପରିମାଣରେ ଋଣ ଗ୍ରହଣ କରିଥିଲେ। ଚୁକ୍ତି ହୋଇଥିଲା ଯେ କ୍ରମେ କ୍ରମେ ସେ ଋଣପରିଶୋଧ କରିଦେବେ। ଅର୍ଥଅନାଟନ ଯୋଗୁଁ କେହି ଚୁକ୍ତି ରକ୍ଷା କରି ପାରୁନାହାନ୍ତି। ଆମେରିକା ମଧ୍ୟ ସବୁ ସମାଳି ଅଧିକ ଚାପିବାକୁ ରାଜି ଏବଂ ଅନେକ ସମୟ ମହଜୁଦ ମଧ୍ୟ ଦେଇଛନ୍ତି କିନ୍ତୁ ଏମାନେ ଋଣଟି ଋଣ ସୁଝି ପାରୁନାହାନ୍ତି। ବର୍ତ୍ତମାନ ଆମେରିକା କହୁଛନ୍ତି ଯେ ସେ କୌଣସି ପ୍ରକାରେ କେହି ଟଙ୍କା ପରିଶୋଧ କରିବାକୁ ହେବ। ଇଂଲଣ୍ଡ ମହାବିପଦରେ ପଡ଼ିଛି।

———

## ଭାରତର ତୁଳାରପ୍ତାନୀ

### ଇଂଲଣ୍ଡ ଖରିଦ କରିବ

ଭାରତବର୍ଷରେ ବହୁପରିମାଣରେ ତୁଳା ଅମଦାନୀ ହୁଏ। ଭାରତବର୍ଷରେ ଥିବା ତୂଳା ଲୁଗା-କଳ ମାନଙ୍କର ଯାହା ଦରକାର ତାହାଠାରୁ ବହୁପରିମାଣରେ ଅଧିକା ଅମଦାନୀ ହୋଇ ବିଦେଶ ଚାଲିଯାଏ। ଗତ କେତେ ବର୍ଷହେବ ଜାପାନ ଭାରତବର୍ଷର ତୁଳା କିଣି ନେଇ ଜାପାନୀ ଅଟେମତରୁ ତୁଳା ନେଉଥିଲା କିନ୍ତୁ ବର୍ତ୍ତମାନ ବିଲାତରେ ଚେଷ୍ଟା ଚାଲିଛି ଯେପରି ଭାରତୀୟ ତୁଳା କେଣି ପରିମାଣରେ ବିଲାତରେ ଖଟିବ। ଏଥିପାଇଁ ଏହିଗତରେ କାର୍ଯ୍ୟ କରିବାକୁ ବଶିଷ୍ଟ ବ୍ୟବସାୟୀମାନଙ୍କୁ ନେଇ ଏକ କମିଟି ଗଠିତ ହୋଇଛି।

———

## ଗୁରୁଭାୟୁର ମନ୍ଦିର

### କବିନ୍ଦ୍ର ରବୀନ୍ଦ୍ରଙ୍କ ଉଦ୍ୟମ

ମାଲାବାରରେ ଗୁରୁଭାୟୁର ମନ୍ଦିର ଜାମରିନର ରାଜା ଜମୋରିନଙ୍କ ତତ୍ତ୍ୱାବଧାନରେ ଅଛି। ମାଲାବାର ଏହି ମନ୍ଦିରରେ ଅସ୍ପୃଶ୍ୟମାନଙ୍କୁ ପ୍ରବେଶାଧିକାର ଦେବାପାଇଁ ଦୁଃଖକର ଚେଷ୍ଟା କରିଥିଲେ କିନ୍ତୁ ସାମୋରିନ ସେଥିରେ ରାଜି ନ ହେବାରୁ ସେ ଅନଶନବ୍ରତ ଗ୍ରହଣ କରିବା ସ୍ଥିର କରିଥିଲେ ଯେ ଏ ମନ୍ଦିରରେ ଅସ୍ପୃଶ୍ୟଙ୍କୁ ନ ଛାଡ଼ିଲେ ସେ ମୃତ୍ୟୁପର୍ଯ୍ୟନ୍ତ ଅନଶନ କରିବେ। ମହାତ୍ମାଗାନ୍ଧି କାଲେୟାନଙ୍କର ଏ ଅନଶନ ପ୍ରତିଜ୍ଞାରେ ମୁଗ୍ଧହୋଇ କାଲେୟାନଙ୍କୁ ଉପବାସରୁ ବିରତ ହେବାକୁ କହିଥିଲେ ଯେ ଯଦି ୧୯୩୩ ଜାନୁୟାରୀ ମାସ ୨ ତାରିଖ ମଧ୍ୟରେ ମନ୍ଦିର କର୍ତ୍ତୃପକ୍ଷ ଅସ୍ପୃଶ୍ୟଙ୍କ ପାଇଁ ମନ୍ଦିର ଦ୍ୱାର ଉନ୍ମୁକ୍ତ ନ କରନ୍ତି ତେବେ ମହାତ୍ମାଜୀ ନିଜେ ଅନଶନ କରିବେ। ଏଥିପାଇଁ ଭାରତବାସୀ ସମସ୍ତେ ଲାଗିଛନ୍ତି ଯେ କିପରି ମନ୍ଦିର ଖୋଲିଦିଆ ହେବ। କବିନ୍ଦ୍ର ରବୀନ୍ଦ୍ରନାଥ ଠାକୁର ଜାମୋରିନଙ୍କୁ ବହୁ ମିନତିକରି ଅନୁରୋଧ କରିଛନ୍ତି। କିନ୍ତୁ ଜାମୋରିନ ଏପର୍ଯ୍ୟନ୍ତ ଏ ବିଷୟରେ କିଛି ଚିନ୍ତିବାକୁ ନାରାଜ, ଯେ ବହୁକାଳ ହେଲା ମୋର ଅଧିକାର ସମ୍ପତ୍ତି ଅଟେ। କେବଳ ମୁଁ ହିନ୍ଦୁସାଧାରଣଙ୍କ ଇଚ୍ଛାନୁ ମତ ଅନୁସାରେ-ଏପରି ଅବସ୍ଥାରେ ମୁଁ କିଛି କରିପାରେ। ଅନଶନର ତାରିଖ ମଧ୍ୟ ଏଥିରେ ସ୍ଥିର ରହିଛି। ... ମଧ୍ୟ ବର୍ତ୍ତମାନ ସମସ୍ତେ ... ଯେ ସେ ... ପ୍ରବେଶ ପାଇ ସୁବିଧା ହୋଇ ପାରିବ।

———

# ଭାରତୀୟ

## ସିଭିଲ ସର୍ଭିସ

### ଭାରତବାସିଙ୍କ ସଂଖ୍ୟା ବଢ଼ିଛି

୧୯୩୧ ରେ ଭାରତୀୟ ସିଭିଲ ସର୍ଭିସ ପରୀ-କ୍ଷାରେ ମୋଟରେ ୫୨ ଜଣଙ୍କୁ ଗ୍ରହଣ କରା ହୋଇଥିଲା। ସେଥିମଧ୍ୟରେ ଭାରତୀୟ ୨୭ ଜଣ, ଇଂରାଜ ୨୫ ଜଣ।

୧୯୩୨ ରେ ୪୨ ଜଣଙ୍କୁ ଗ୍ରହଣ କରା ହୋଇଥିଲା-ତାମଧ୍ୟରୁ ଇଂରାଜ ୨୬ ଜଣ, ଭାରତୀୟ ୨୭ ଜଣ।

—୦—

## ସ୍ୱର୍ଗୀୟ ଚିତ୍ତରଞ୍ଜନଙ୍କ ଜିନ୍ଦାବାଦ

### ସାର ଚାର୍ଲସଙ୍କ ଉକ୍ତି

ସାର ଚାର୍ଲସ ଟେଗାର୍ଟ ପୂର୍ବେ କଲିକତା କର୍ପୋରେସନ ପୁଲିସ କମିସନର ଥିଲେ। ତାଙ୍କର କାର୍ଯ୍ୟ ଶେଷ ହେବାରୁ ସେ ବର୍ତ୍ତମାନ ଭାରତ ମନ୍ତ୍ରୀଙ୍କ କାଉନସିଲ ସଭ୍ୟ ହୋଇଛନ୍ତି। ଲଣ୍ଡ-ନରେ ସେ ଗୋଟିଏ ସଭାରେ କହିଥିଲେ ଯେ ବର୍ତ୍ତମାନ ବଙ୍ଗଦେଶରେ ଏହି ସେହି ଗଭର୍ନମେଣ୍ଟ ବିରୁଦ୍ଧରେ ଲୀଳା ଚାଲିଛି ଏବଂ ସେହି ବିପ୍ଳବର ମୋଳ କାରଣ ହେଲା ସ୍ୱର୍ଗୀୟ ଚିତ୍ତରଞ୍ଜନ-କଲିକତା ମ୍ୟୁନିସିପାଲ କର୍ପୋରେସନ। କଲିକତା ମ୍ୟୁନିସିପାଲିଟି ଅଧୀ-ନରେ ଥିବା ସ୍କୁଲମାନଙ୍କରେ ପ୍ରଧାନତଃ ଛାତ୍ର ମାନଙ୍କୁ ବିଶେଷତଃ ଏହିସବୁ ବିଷୟରେ ଶିକ୍ଷା ଦିଆ-ଯାଏ ଏବଂ ପରେ ସେହି ଛାତ୍ରମାନେ ଏହି ବିପ୍ଳବ ଆନ୍ଦୋଳନରେ ଯୋଗ ଦିଅନ୍ତି। ଚିତ୍ତରଞ୍ଜନ ଦାସ ଯେତେବେଳେ କଲିକତା ମ୍ୟୁନିସିପାଲିଟିର କର୍ତ୍ତୃତ୍ୱ ଗ୍ରହଣ କଲେ ତାଙ୍କର ପ୍ରଥମ କାର୍ଯ୍ୟ ହେଲା ଯେ ସେ ଏହିସବୁ ବନ୍ଦୁକଧାରୀ ବିପ୍ଳବୀମାନଙ୍କୁ ସ୍ୱାଗତ କଲେ ଏବଂ ନାନାପ୍ରକାର ସାହାଯ୍ୟ ଦାନ କରି ସେମାନଙ୍କୁ ଏସବୁ କାର୍ଯ୍ୟରେ ସାହାଯ୍ୟ ଏବଂ ଉତ୍ସାହ ଦାନ କଲେ।

—※—

## ସମ୍ପାଦକଙ୍କ ପରାମର୍ଶ

### ସରକାର ଖବରକାଗଜ ଆଶ୍ରା ନେଉନ୍ତୁ

କଲିକତାର ଷ୍ଟେଟସମ୍ୟାନ କାଗଜ ସାହେବ-ମାନଙ୍କ ଦ୍ୱାରା ପରିଚାଳିତ ଖୁବ ପୁରାତନ ଖବର-କାଗଜ, ସାହେବ ଲୋକଙ୍କ ସ୍ୱାର୍ଥ ରକ୍ଷାପାଇଁ ସଦା ଜାଗ୍ରତ। ସେ କାଗଜର ସମ୍ପାଦକ ସାର ଆଲ୍‌ଫ୍ରେଡ ୱାଟସନ ବିପ୍ଳବୀମାନଙ୍କ ବଶ ବନ୍ଧୁକର ଗୁଳି ଖାଇ ଗୁରୁତର ଆଘାତ ପାଇ ବଞ୍ଚି ଯାଇଛନ୍ତି। ସେଠାରେ ଏହି ସମ୍ପର୍କରେ ସେ ଭାରତ ସରକାରଙ୍କ ପରାମର୍ଶ ଦେଇ କହିଲେ ଯେ ଯଦି ସରକାର ଭାର-ତରେ ଶାନ୍ତି ଶୃଙ୍ଖଳାରେ ରାଜ୍ୟ ଚାଳନା କରିବାକୁ ଚାହାନ୍ତି ତେବେ ଭାରତରେ ଖବରକାଗଜ ଚଳା-ଇବାରେ ମନ ଦେବାଉ। ସରକାରଙ୍କ ଉଚିତ କଥା ପ୍ରକାଶ କରିବାକୁ ଏବଂ ଦେଶର ସାଧାରଣ ମତ ଗଢ଼ି ତୋଳିବାକୁ ଖବରକାଗଜ ଏକ ମାତ୍ର ଉପାୟ। ଭାରତରେ ବର୍ତ୍ତମାନ ଭାରତୀୟଙ୍କ ପରିଚାଳିତ ସମସ୍ତ କାଗଜ ସରକାରଙ୍କ ବିପକ୍ଷ କରୁଛନ୍ତି। ଏଣୁ ଉଚିତ ସରକାର ନିଜେ କାଗଜ ପ୍ରକାଶ କରନ୍ତୁ ... ବର୍ତ୍ତମାନ ... ସାହାଯ୍ୟରେ ଉତ୍ସାହିତ କରନ୍ତୁ।

—※—

Digitized by srujanika@gmail.com

# ଉତ୍କଳଦୀପିକା

ଡିସେମ୍ବର ତା ୧୦ ରଖ ଶନିବାର

## ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଓ ମୁସଲମାନଙ୍କ ଦାବୀ

ସମ୍ବଲପୁରଠାରେ ନିଖିଳ ଉତ୍କଳ ମୁସଲମାନମାନଙ୍କ ଗୋଟିଏ ସମ୍ମିଳନୀ ହୋଇଥିଲା । ଏ, କେ, ଫଜଲୁଲ ହକ୍ ସେଥିରେ ସଭାପତି ହୋଇଥିଲେ । ସେ ସଭାରେ ଅନେକ ପ୍ରସ୍ତାବ ହୋଇଥିଲା । "ନବ ଗଠିତ ସ୍ୱତନ୍ତ୍ର ପ୍ରଦେଶରେ ସଂଖ୍ୟାଲଘୁ ହେବାରୁ ମୁସଲମାନମାନଙ୍କ ସୀମାନ୍ତ ପ୍ରଦେଶରେ ସେମାନଙ୍କପାଇଁ ପ୍ରାଦେଶିକ ବ୍ୟବସ୍ଥାପକ ଓ ଲୋକାଲବୋର୍ଡ ମାନଙ୍କରେ ସେମାନେ ସଂଖ୍ୟାଲଘୁ ହୋଇଛନ୍ତି ଏହି ନୂତନ ପ୍ରଦେଶରେ ଅନ୍ତତଃ ପକ୍ଷେ ସେମାନଙ୍କ ଉପଯୁକ୍ତ ମୁସଲମାନମାନଙ୍କ ସ୍ଥାନ ନିର୍ଦ୍ଦିଷ୍ଟ ରହିବ ।"

ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶ ହେବାରେ ମୁସଲମାନମାନଙ୍କର କୌଣସି ଆପତ୍ତି ନାହିଁ ଲେଖି ଉପସ୍ଥିତ ବିଷୟ ଗୁଡ଼ିକର ସ୍ୱତନ୍ତ୍ର ପ୍ରସ୍ତାବନା । (୧) ବ୍ୟବସ୍ଥାପକ ଓ ଲୋକାଲ ବୋର୍ଡର ନିର୍ବାଚନ ସ୍ୱତନ୍ତ୍ର ନିର୍ବାଚନ ପଦ୍ଧତିରେ ହେବ (୨) ପ୍ରାଦେଶିକ ବ୍ୟବସ୍ଥାପକ ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ସୀମାନ୍ତ ପ୍ରଦେଶପକ୍ଷ ନିର୍ଦ୍ଦିଷ୍ଟ ସଭ୍ୟ ସଂଖ୍ୟା ରହିବ (୩) ମୁସଲମାନଙ୍କ ପାଇଁ ସରକାରୀ ଚାକିରିର ଅନ୍ତତଃ ଶତକଡ଼ା ୨୦ ଭାଗ ନିର୍ଦ୍ଦିଷ୍ଟ ରହିବ, (୪) ଶିକ୍ଷାବିଭାଗ ଉଚିତ ସାହାଯ୍ୟ ଦେବ ଓ ମୁସଲମାନ ପିଲାଙ୍କ ଲାଗି ଅଲଗା ବୃତ୍ତି ରହିବ (୫) ସଂସ୍କୃତ ଓ ଉର୍ଦ୍ଦୁ ସଂସ୍କୃତ ଭାଷାରେ ମୁସଲମାନ ପିଲାଙ୍କୁ ଉର୍ଦ୍ଦୁ ଶିକ୍ଷା ଦିଆହେବ । (୬) ଉପଯୁକ୍ତ ସରକାରଙ୍କ ବ୍ୟବସ୍ଥା ପରାମର୍ଶରେ ଗୋଟିଏ ସ୍ଥାନ ମୁସଲମାନଙ୍କ ଲାଗି ନିର୍ଦ୍ଦିଷ୍ଟ ରହିବ । (୭) ପ୍ରାଦେଶିକ ସରକାରଙ୍କ ମନ୍ତ୍ରୀ ପରିଷଦରେ ଜଣେ ମୁସଲମାନ ମନ୍ତ୍ରୀ ରହିବେ ।

ଓଡ଼ିଶାରେ ହିନ୍ଦୁ ମୁସଲମାନ ଗୋଳମାଳ ଅନେକାଂଶରେ ନାହିଁ ହିନ୍ଦୁ-ମୁସଲମାନ ଏକା ସଂପୃକ୍ତ ସ୍ଥଳରେ ମଧ୍ୟ ଗୋଳ ନାହିଁ ଓଡ଼ିଶା ନାହିଁ — ଏ ବିଦ୍ୱେଷ ସୃଷ୍ଟି ହେବା ନାହିଁ । ଏହି ସମ୍ପର୍କ ଦାବୀରେ ମୁସଲମାନମାନଙ୍କ ଚେଷ୍ଟାଦ୍ୱାରା ଏହା ହୋଇଛି । ଏ ଦେଶରେ ସେହିମାନଙ୍କ ମଧ୍ୟରେ ସ୍ନେହମମତା ସହାନୁଭୂତି ଓ ସୌହାର୍ଦ୍ଦ୍ୟ ଭାବ ଅକ୍ଷୁଣ୍ଣ ରହିଛି ସେଠି ବିଦ୍ୱେଷର ସୃଷ୍ଟି କରିବା କୌଣସି ସମ୍ପ୍ରଦାୟ ପକ୍ଷରେ ଉଚିତ ନୁହେଁ ବୋଲି ଆମ୍ଭେ ମନେକରୁଁ ।

—o—

## କଂଗ୍ରେସ ସେକ୍ରେଟେରୀଙ୍କୁ ଦୁଇବର୍ଷ ଜେଲ

ଶ୍ରୀଯୁକ୍ତ ଗୁଲଜାର, ମହାରାଷ୍ଟ୍ର କଂଗ୍ରେସର ଜେନେରାଲ ସେକ୍ରେଟେରୀଙ୍କ ଦୁଇବର୍ଷ ଜେଲ ଓ ୫୦୦ ଟଙ୍କା ଜୋରିମାନା ହୁକୁମ ହୋଇଛି । ଜୋରିମାନା ନଦେଲେ ଅଧିକ ଛଅମାସ ଜେଲ ଭୋଗିବାକୁ ହେବ ।

ଶ୍ରୀଯୁତ ମଦନମୋହନ ମାଳବ୍ୟ ଇଲାହାବାଦରୁ ସୁସ୍ଥ ଦେହରେ ବନାରସ ଫେରି ଯାଇଛନ୍ତି । ସେଠାରେ ସ୍ୱାସ୍ଥ୍ୟ ଲାଭ ବିଷୟ ବିଚାର କରିବେ ।

—

## ତୃତୀୟ ଗୋଲଟେବୁଲ ଓ ତେଜବାହାଦୁର ସାପ୍ରୁ

ତୃତୀୟ ଗୋଲଟେବୁଲରେ ଯେଉଁ ମିଳନ ଓ ନ ମିଳନ ଦେଖାଗଲା ସେ ବିଷୟରେ ଜନସାଧାରଣଙ୍କର ମନରେ କୌଣସି ଭ୍ରାନ୍ତି ଥିଲା ନାହିଁ । ବ୍ରିଟିଶ ସରକାର ଗତ ଗୋଲଟେବୁଲ ବୈଠକ ମାନଙ୍କରେ ଶାସନ ସଂସ୍କାର ବିଷୟରେ ବହୁତ କଥା କହିଥିଲେ — ଅନେକ ଆଶା, ଅନେକ ସମ୍ଭାବନା, — କିନ୍ତୁ ଅସଲ କଥା ଅର୍ଥାତ ଭାରତ ସରକାରଙ୍କ ଉପରେ ଜନସାଧାରଣଙ୍କର କି ପରିମାଣରେ ପ୍ରକୃତ କ୍ଷମତା ରହିବ ଓ ସରକାର ଲୋକଙ୍କ ନିକଟରେ କେତେ ଦାୟୀ ରହିବେ ସେ କଥା ସେ ବିଷୟରେ ମୁହଁ ଖୋଲି କହିଲେ । ତୃତୀୟ ବୈଠକ ଶେଷରେ ସେ ବିଷୟ ଶେଷ କଲେ । କିନ୍ତୁ ଏଥର କହିଲେ — ଏଥରର ଗୋଲଟେବୁଲ ବୈଠକରୁ ବିଶେଷ ବାଧା ଆସିବାର ଆଶା ନାହିଁ କାରଣ ଗୋଟିଏ ଶାସନତନ୍ତ୍ରରେ କଣ ରହିବ ତାହା ସ୍ଥିର ହୋଇଛି ଯାହାକୁ safeguard କହୁଛନ୍ତି ତାହାରେ ରହିବ :—

ପ୍ରଥମ — ଶାନ୍ତି ଓ ଶୃଙ୍ଖଳାର ଉଦ୍ଧାରଣ ।
୨ୟ — ଭବିଷ୍ୟ ଋଣଦାୟ ମାନଙ୍କର ସ୍ୱାର୍ଥରକ୍ଷା ।
୩ୟ — ସିଭିଲ ସର୍ଭିସ ମାନଙ୍କର ସ୍ୱାର୍ଥରକ୍ଷା ।
୪ର୍ଥ — ଇଂରେଜ ଶାସନାଧୀନ ବାଣିଜ୍ୟ ସଂକ୍ରାନ୍ତ ବିଷୟ
୫ମ — ଦେଶୀୟ ରାଜ୍ୟମାନଙ୍କର ସ୍ୱାର୍ଥରକ୍ଷା
୬ଷ୍ଠ — ବୈଦେଶିକ ସମ୍ବନ୍ଧ ବିଷୟ
୭ମ — ସାମ୍ରାଜ୍ୟର ଅନ୍ତର୍ଗତ ଅନ୍ୟାନ୍ୟ ଦେଶ ସହିତ ସମ୍ବନ୍ଧ ରକ୍ଷା ।

ଏହାକୁ କହନ୍ତି — ଏହାପରେ ଆଉ କଣ । କେବଳ କାଗଜ ଉପରେ ଲେଖା ଥିବା — ଦଉଡ଼ି ଅଛି ପଛ କୁହାଯାଇ ପାରେ ଏବଂ ଆମ ସରକାରକୁ ଦେଲେ ତାଙ୍କର ସକଳ ଦରକାର ଅର୍ଥାତ ତାଙ୍କର ନିଜାନନ୍ଦରେ କୌଣସି ଅଭାବ ହେବାର ସମ୍ଭାବନା ନାହିଁ ।

ଏହି ପରିସ୍ଥିତିରେ ଦେଖିବା ସାପ୍ରୁଙ୍କ ଯୁକ୍ତି ହେଉଛି — ସେ କହୁଛନ୍ତି କି ଏହି ଭାବରେ ଭାରତ ଦେଇ ଗୋଲଟେବୁଲ ବୈଠକ ଭଙ୍ଗ ହୋଇଯିବ ରକ୍ଷା କରିବା ଏହି ଧାରଣା ସ୍ୱାଧୀନ ଆମର ପକ୍ଷରେ ମସ୍ତ ବଡ଼ ଲାଭ । ଏହା ଜାଣିଥିଲେ ମୁଁ ମାତ୍ର ମନ୍ଦର ଗତି ରଖିଲି ତାର ଅର୍ଥ ନଥାନ୍ତା । ସାପ୍ରୁଙ୍କ ଏହି ଧାରଣାର ଉଦାହରଣ ଲୋକ ସ୍ୱୀକାର କରିବେ ନାହିଁ ବୋଲି ଭୟ ଯଥାର୍ଥ ହେବ ବ୍ରିଟିଶ ମନ୍ତ୍ରୀମଣ୍ଡଳ ଭାବିଥିଲା ଏହି ଗୋଲଟେବୁଲରେ ଯୋଗ ଦେବାକୁ ମନା କରିଥିଲେ ।

## ଭାରତୀୟ ଚିନି ଉପରେ ରେଲ ମାସୁଲ କମିଗଲା

ଭାରତୀୟ ଚିନି କଳ ମାନଙ୍କର ଏ ଦାବୀ ମତରେ କଲିକତାରୁ ବୋମ୍ବାଇକୁ ମହଣ ପ୍ରତି ୧୦ ୩୪ ସ୍ଥଳରେ ୧୦ ଅଣା ମାସୁଲ ଲାଗିବ । ବାହାର ଦେଶ କାରଖାନାରୁ କରାଚୀ ଓ ବମ୍ବେମାନଙ୍କୁ ଚିନି ପଠାଇବାର ସୁବିଧା ମଧ୍ୟ କମି ଯାଇଛି । ଅନ୍ୟାନ୍ୟ ସ୍ଥାନକୁ ଚିନି ପଠାଇବାର ଭଡ଼ା କମାଇବାର କଥା ମଧ୍ୟ ଚାଲିଛି ।

—o—

## ସରକାରୀ ବ୍ୟୟସଙ୍କୋଚ ଓ ସ୍ଲୋନ ସାହେବ

ସରକାରଙ୍କର ଅର୍ଥ ସଚିବ ସୁବିଜ୍ଞ ଶ୍ରୀଯୁକ୍ତ ସ୍ଲୋନ୍‌ସାହେବ ଗୋଟିଏ ଉତ୍କୃଷ୍ଟ ପନ୍ଥା ଠିକ କରିଛନ୍ତି । ଏହି ଆଇ ସି ଏସ ଙ୍କର ଛାଟଇଲାଗି ନେଇ ଦୁଃଖ ନାହିଁ । ସେ ଠିକ କରିଛନ୍ତି କି ସେ ପ୍ରାଦେଶିକ ଓ ନିମ୍ନତମ ( Subordinate ) କର୍ମଚାରୀମାନଙ୍କୁ ଯେଉଁ କେବଳ ଦରମା ଦିଆଯାଉଛି ଏଥିରେ ଦରମା ଦେବାର କିଛି ପ୍ରୟୋଜନ ନାହିଁ । ସେମାନଙ୍କ ଦରମା ଏକ ତୃତୀୟାଂଶ କମାଇଲେ ଖର୍ଚ୍ଚ କମିଯାଇ ପାରିବ । ତାହାହେଲେ ଅନେକ ଟଙ୍କା ବଳିପଡ଼ିବ । କିନ୍ତୁ ଗତ ସମୟ ବେତନରେ ଯାଉଥିଲା ଯେଉଁ ଗୋରା କର୍ମଚାରୀମାନେ କେବଳ ଭାରତର ମଙ୍ଗଳ ଲାଗି ଏହି ଦୂର ଦେଶରେ ନାନା ପ୍ରକାରର କ୍ଲେଶ ସ୍ୱୀକାର କରୁଅଛନ୍ତି ସେମାନଙ୍କ ଦରମା କାଟିବାର କଥା ନାହିଁ । ସେମାନେ ଯେଉଁ ବେତନ ପାଉଛନ୍ତି ସେମାନଙ୍କ ତ୍ୟାଗ ସ୍ୱୀକାର ତୁଳନାରେ ତାହା ତ ଯଥେଷ୍ଟ ନୁହେଁ । ସରକାରଙ୍କର ବର୍ତ୍ତମାନ ଅବସ୍ଥାରେ ତାହା ବଢ଼ାଇ ଦିଆଯାଇ ପାରୁନାହିଁ । ଏହା ଅତ୍ୟନ୍ତ ଦୁଃଖ ଓ ଅସନ୍ତୋଷର କଥା । ଏହି ଦୃଷ୍ଟିରୁ ସେମାନଙ୍କ ଇଂରେଜ କର୍ମଚାରୀମାନଙ୍କର ଦରମା ବଢ଼ାଇବାର ବ୍ୟବସ୍ଥା ସ୍ଲୋନସାହେବ କରିବା ନିତାନ୍ତ ଉଚିତ ଥିଲା । ତେବେ ସେ ଗୋଟିଏ ଉପାୟ କରିଛନ୍ତି — ସେମାନଙ୍କର Overse[illegible] Allowance ଦ୍ୱିଗୁଣ କରିଦେଇ ଦେବାକୁ । ତାହା ହେଲେ ସେମାନେ ଏହି ଅନୁଗ୍ରହ ପାଇ ଏଥିପାଇଁ ସନ୍ତୁଷ୍ଟ ହୋଇ ରହିବେ ଭାରତବାସୀ ତାଙ୍କୁ ଧନ୍ୟ ମନେ କରିବେ । ଏମିତି ଧନ୍ୟବାଦ — ସେଥିରେ ଆଉ କିଛି କହିବାର ନାହିଁ — ଉପରନ୍ତୁ ସରକାର ମଧ୍ୟ ଧନ୍ୟବାଦ ଏହାକୁ ସମ୍ମୁଖରେ ଲୋକର ସାଧୁବାଦ ।

## ଶ୍ରୀଯୁକ୍ତ ମେନନ୍‌ଙ୍କ ଗାନ୍ଧିଜିଙ୍କ ପତ୍ର

ବେନାରସ ହିନ୍ଦୁ — ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଶ୍ରୀ ନାରାୟଣ ମେନନଙ୍କୁ ମହାତ୍ମା ଗାନ୍ଧି ତାଙ୍କ ଜେଲରୁ ଗୋଟିଏ ଚିଠି ଲେଖିଛନ୍ତି — ତାହା ମର୍ମ ହେଉଛି ଯେ ହିନ୍ଦୁ ଧର୍ମ — ବିଦ୍ୟାଳୟ ପ୍ରଭୃତି ଅସ୍ପୃଶ୍ୟତା — ନିବାରଣ ହିନ୍ଦୁ ସମାଜ ପକ୍ଷରେ କଲ୍ୟାଣ ପ୍ରଦ । ଏପରି ବିଶ୍ୱାସ ହେଉଛି ଯେ ସେମାନେ ଗୁରୁବାୟୁର ମନ୍ଦିରରେ ପ୍ରବେଶ ନିମନ୍ତେ ସବୁ ହିନ୍ଦୁ ଜନସାଧାରଣଙ୍କ ମନ୍ଦିରଦ୍ୱାର ଖୋଲିଦେବାକୁ ଅନୁରୋଧ କରୁଛନ୍ତି । ତାର ଫଳ ହିନ୍ଦୁ ସମାଜରେ ଗୋଟିଏ ନୂତନ ଅଧ୍ୟାୟ ଉପସ୍ଥିତ ହେବ । ହିନ୍ଦୁ ସମାଜର ଉଚ୍ଚବର୍ଣ୍ଣ ଓ ଅସ୍ପୃଶ୍ୟମାନେ ସେ ସମାଜର ଏକ ଅଙ୍ଗ, ଭୁଲ କରିବା ଉଚିତ ନୁହେଁ ସଂସ୍କାର ଏବଂ ସ୍ୱାସ୍ଥ୍ୟ ପ୍ରସ୍ତୁତ ହେଲେ ସମସ୍ତ ସ୍ୱାଧୀନ ହିନ୍ଦୁ ସମାଜଙ୍କ ଦ୍ୱାରା ଯାହା ହେବ — ତାହା ଜୀବନର ଏହି ଅବସ୍ଥା ଅନୁଯାୟୀ ହୁଏ କେବଳ ତାହା ଗୋଟିଏ ଅତି ମହତ୍ତ୍ୱ କାର୍ଯ୍ୟ ବୋଲି ଗଣ୍ୟହେବ । ଶୁଣି ଖୁସିହେଲୁଁ ଯେ ହିନ୍ଦୁ — ବିଦ୍ୟାଳୟର ଛାତ୍ରମାନେ ଏ ବିଷୟରେ ଯଥେଷ୍ଟ ସହଯୋଗ ଭାବ ଅବଲମ୍ବନ କରିଛନ୍ତି । ଓଡ଼ିଶାର ହିନ୍ଦୁ ଛାତ୍ରମାନଙ୍କୁ ମଧ୍ୟ ଆମର ଅନୁରୋଧ ସେ ସେମାନେ [illegible] ବିଷୟରେ ଅଗ୍ରସର ହୋଇ କାର୍ଯ୍ୟ କରନ୍ତୁ ।

Split by PDF Splitter
Digitized by srujanika@gmail.com

Split by PDF Splitter



# ରାଜବନ୍ଦୀ

## ଶ୍ରୀଯୁକ୍ତ ରଣବୀରସିଂହ

ଦ୍ୟକସ୍ଲୋ-ପଲ୍ଟରେ ଘ୍ଟିତନ୍ନି ରଣବୀରସିଂହ କେଉଁଠି ଅଛନ୍ତି ସେହି ବିଷୟରେ ସରକାର ମଧ୍ୟ କହୁଛନ୍ତି ଯେ ସରକାର ତାଙ୍କୁ ଛାଡ଼ିଦେବାକୁ ପ୍ରସ୍ତୁତ ନୁହନ୍ତି। ଅନ୍ୟାନ୍ୟ ରାଜବନ୍ଦୀମାନଙ୍କ ବିଷୟରେ ଲୋକେ ଉତ୍କଣ୍ଠିତ ହେଲେ ଜାଣନ୍ତି। ଉଣ୍ଗାର କେଉଁଠି ଅଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟ ଉପର ଏକଥା ସର୍ବସାଧାରଣ ଜାଣିଲେ ସରକାରଙ୍କର କ'ଣ ଅନିଷ୍ଟ ହେବ ତାହା ଧ୍ରୁବ ଭୁକ୍ତିର ଅଗମ୍ୟ, କିନ୍ତୁ ଏହାଦ୍ୱାରା ସର୍ବସାଧାରଣଙ୍କ ମନରେ ସନ୍ଦେହ ଘନୀଭୂତ ହେବ। ସରକାରଙ୍କର ଏ ବିଷୟ ସ୍ପଷ୍ଟ କହିବାକୁ ଏତେ ଭୟ କାହିଁକି? ତାଙ୍କର ମାଟିକ ଭଲ ବିଷୟ ମଧ୍ୟ ଏପର୍ଯ୍ୟନ୍ତ ଜଣାଯାଇନାହିଁ। ତେବେ ବସ୍ତୁର ମଙ୍ଗଳ?

—※—

## ଭଙ୍ଗଲ୍‌ଟ ଓ ବଙ୍ଗଳାର ବିପ୍ଳବବାଦୀ

ଭେଙ୍ଗଲ୍‌ଟ କଲିକତାର ଗୋଟିଏ ଜାତୀୟ ଭୋଜିରେ କହିଛନ୍ତି ଯେ ବଙ୍ଗଦେଶର ଅଧିକାଂଶ ହେଉଛି-ଲେଖାପଢ଼ା ଶିଖି ବଙ୍ଗଳାର ଯୁବକମାନେ କାମ ନ ପାଇ ରାଜନୈତିକ ଆନ୍ଦୋଳନରେ ମାତି ଯାଉଛନ୍ତି। ଭଲ, ଏଥିଲାଗି ଦାୟୀ କିଏ? ସରକାର ଯେଉଁ ଶିକ୍ଷାର ବ୍ୟବସ୍ଥା କରିଛନ୍ତି ସେଥିରେ କଲମପିଷା ଛଡ଼ା ଅନ୍ୟ ଉପାୟରେ ପେଟ ପୋଷିବାର ଉପାୟ ନାହିଁ। ଶିକ୍ଷିତମାନେ କ'ଣ କରିବେ—ଅଳ୍ପ ଏଣେ ଏହି ବିଷୟ ଦେଖି ରାଷ୍ଟ୍ର ହେବ ଅବଶ୍ୟ କରିବା ଶୀଘ୍ର ତାର ପ୍ରତିକାରର ଉପାୟ କରିବା ଉଚିତ ଥିଲା।

—※—

## ପଦବ୍ରଜରେ ସାତହଜାର ମାଇଲ

୧୯୩୦ ମସିହା ଡିସେମ୍ବର ତା ୩ ଦିନରେ ଶ୍ରୀଯୁକ୍ତ ଦୁର୍ଗାପଦ ଭଟ୍ଟାଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ପଦବ୍ରଜରେ ଭାରତ ଭ୍ରମଣ କରିବାକୁ ବାହାରିଥିଲେ। ଏହି ଛଅବର୍ଷ ମଧ୍ୟରେ ସାତହଜାର ମାଇଲ ବୁଲି ସ୍ୱସ୍ଥାନକୁ ଫେରି ଆସିଛନ୍ତି। ଏପ୍ରକାର ଉଦ୍ୟମ ପ୍ରଶଂସନୀୟ। ତାଙ୍କ ଦେଶ ଭ୍ରମଣଦ୍ୱାରା ଲୋକର ଶିକ୍ଷା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ନାନାଦ ଅଭିଜ୍ଞତା ଅର୍ଜନ କରିହୁଏ। ଯୁବକମାନଙ୍କର ଦେଶଭ୍ରମଣ ଶିକ୍ଷା ଦେବା ଉଚିତ। ଭବିଷ୍ୟତ ଜୀବନରେ ଏହା ବହୁତ ସାହାଯ୍ୟରେ ଆସେ।

---

## ଜାଜପୁରଠାରେ ଅସ୍ପୃଶ୍ୟତା-ନିବାରଣ କାମ ଶୃଙ୍ଖଳାରେ ଚାଲିଛି

ଅସ୍ପୃଶ୍ୟତା-ନିବାରଣୀ ସଭାର ସମ୍ପାଦକ ଶ୍ରୀଯୁକ୍ତ ଜଗନ୍ନାଥ ଦାସ, ସେକ୍ରେଟାରୀ ଶ୍ରୀମାନ ଲାଠ ସାହୁ ଓ ନାଗୁରୀ ଗୋସାଇଁ ଗାଁ ଗାଁ ବୁଲି ହରିଜନମାନଙ୍କର ବସ୍ତି ପରିଷ୍କାର ରଖିବାକୁ ଶିଖାଉଛନ୍ତି ଓ ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟରକ୍ଷାର ବ୍ୟବସ୍ଥା କରୁଛନ୍ତି। ଅସ୍ପୃଶ୍ୟତା ନିବାରଣୀ ସଂଘ ଭରଫରୁ ଗୋଟିଏ ସାଧାରଣ ସଭା ଶ୍ରୀଯୁକ୍ତ ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ହୋଇଥିଲା—ସେଥିରେ ଜାଜପୁରର କତୁଲ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସବୁ ଜାତିର ଅସ୍ପୃଶ୍ୟମାନଙ୍କୁ ଖୋଲିଦେବାକୁ କାହାମାନଙ୍କୁ ଅନୁରୋଧ କରି ଗୋଟିଏ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଓ ତାହା ଜାତିମାନଙ୍କ ପାଖକୁ ପଠାଯାଇଥିଲା।

---

### କଟକର

# ମ୍ୟୁନିସିପାଲିଟି ଭୋଟ

ତା ୧୦ ରିଖ ଭୋଟ ଉଠିଯିବ—ଏଠାକାର ମିଉନିସିପାଲିଟି ଇଲେକ୍‌ସନରେ ଅଧିକାଂଶ ସ୍ଥାନରେ ଭୋଟ ଯୋଗାଡ଼ ଚାଲିଛି। କେତେ ଜଣ ପ୍ରାର୍ଥୀ କୁହନ୍ତି ସବୁ ଭୋଟ ଯୋଗାଡ଼ କରିବାକୁ ସେମାନେ ଭୋଟରମାନଙ୍କୁ ଦାଣ୍ଡରେ ଧରି ମାଲି ଭୋଟ ଯୋଗାଡ଼ କରିବାକୁ କଅଣ ଯେ ପରୁଆ କରୁନାହାନ୍ତି—ଶୁଣା ଯାଉଛି। ଏପ୍ରକାର ଲୋକଙ୍କୁ କୌଣସି ପ୍ରକାରେ ଜନ ପ୍ରତିନିଧି ହେବାର ଯୋଗ୍ୟ ନୁହନ୍ତି ଏବଂ ଏହାଦ୍ୱାରା ତାଙ୍କର ସ୍ୱାର୍ଥ ବଢ଼ାଉଛନ୍ତି। ଏଥିରେ ନିଜକୁ ଭୋଟ ଦେବା ଉଚିତ ନୁହେଁ। କାରଣ ତାଙ୍କର କାର୍ଯ୍ୟ ଦ୍ୱାରା ସେ ପ୍ରମାଣ କରୁଛନ୍ତି ଯେ ସେ ଗଣତନ୍ତ୍ର ବିରୋଧୀ—ଅତଏବ ସେ ଜନପ୍ରତିନିଧି ହେବାର ଉପଯୁକ୍ତ ନୁହନ୍ତି।

ଅନେକ ଶୁଣିଲୁ କେତେ କେତେ ଟଙ୍କା ଦେଇ ଭୋଟ ସଂଗ୍ରହ କରୁଛନ୍ତି—ଭୋଟରଙ୍କ ଅଜ୍ଞାନତା ଓ ଦାରିଦ୍ର୍ୟର ସୁବିଧା ଗ୍ରହଣ କରି ସେଉଁମାନେ ଏପରି ଭୋଟରମାନଙ୍କୁ ପ୍ରଲୁବ୍ଧ କରୁଛନ୍ତି ସେମାନଙ୍କଠାରୁ ଭଲ ଜିନିଷ ଆଶା କରିବା ବୃଥା। ଏପ୍ରକାର ନାଗରିକ କାର୍ଯ୍ୟରେ ଜନପ୍ରତିନିଧି ହେବାକୁ ଅଭିଳାଷ କରିବା ସଂସ୍ଥାର ପକ୍ଷରେ କ୍ଷତି। ଏପରି ମନବେଳ ଜନସେବା ପ୍ରେମୀମାନେ କେଉଁ ରୂପ ଦେବେ ତାହା ସେହି ଭୋଟରମାନଙ୍କ ହାତରେ।

—※—

## ବିଲାତରେ ମିସ୍ ଉଇଲକିନ୍‌ସନ୍

ବିଲାତରେ "ଡେଲିହେରାଲ୍ଡ" ବୋଲି ଗୋଟିଏ ସଂବାଦପତ୍ର ଅଛି। ସେଥିରେ ମିସ୍ ଉଇଲକିନ୍‌ସନ୍ ଲେଖିଛନ୍ତି ଯେ "ଦେଶରେ ବୋଲ୍‌ସେଭିକ ବେତନ ବନ୍ଦ କରିଲେ ସଭାମାନଙ୍କ ଦସ୍ତଖତ ପାଏ ସୁବିଧା ତାଙ୍କର ସହଯୋଗ ନ ଥିବା ଶାନ୍ତିସମ୍ଭବ ନୁହେଁ। ଯେତେ ଦେଶରେ ତାଙ୍କୁ ଦେଇବାକୁ ସ୍ୱାଧୀନତା ଦିଆଯାଇ ନଥିଲା ତେବେ କଥା କଣ? ମିସ୍ ଉଇଲକିନ୍‌ସନ୍ ସଂସ୍କୃତ ମହିଳା—ତାଙ୍କର ଭାରତ ଭ୍ରମଣର ଅଭିଜ୍ଞତାରୁ ସେ ଏହା କହୁଛନ୍ତି—ଏଥିରେ ମିଛ କ'ଣ ଅଛି ସରକାର ଶୁଣି ବୁଝିବେ ନାହିଁ?

—※—

## ଜର୍ମାନି ଓ ଅଷ୍ଟ୍ରିଆ

ତା ୭ରିଖ ଦିନ ଜର୍ମାନି ପାର୍ଲାମେଣ୍ଟ ସଭା ଓ ଅଷ୍ଟ୍ରିଆର ନୂଆ ନେତା ଅନ୍ତର୍ଦ୍ଧାନ—ସମ୍ମୁଖ ଯୁଦ୍ଧ ଓ ଦର୍ଶକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିଲା—ଯାତ୍ରୀମାନଙ୍କର ସ୍ୱାଗତ ଓ ଜୟଧ୍ୱନି ଦିଗ ଦିଗ ପୂରାଇଲା। ଜର୍ମାନ୍ ସମ୍ରାଟ କାର୍ଯ୍ୟ ଆରମ୍ଭରେ ଜାତି ଧର୍ମ ନିର୍ବିଶେଷରେ ତାଙ୍କ ଅଭିବାଦନ କରିଥିଲେ। ସେ ତାଙ୍କର ବକ୍ତୃତାରେ କହିଥିଲେ ଯେ ହିଟ୍‌ଲର୍ ହେଉଛନ୍ତି ସର୍ବଶ୍ରେଷ୍ଠ ଜର୍ମାନ, କେବଳ ସେହି ପଦ ଭୂମିକୁ ରକ୍ଷା କରିପାରିବେ। ହିଟ୍‌ଲର୍ କହିଲେ ଯେ ତାଙ୍କୁ ଶାସନ ସ୍ୱତନ୍ତ୍ର ଦେଲେ ନାହିଁ ପାଇଁ ସେହିପରି ବ୍ୟବସ୍ଥା ହୋଇଥିଲା—ଏବଂ ସେଉଁ ସରକାର ଗଢ଼ିଲେ ତଦ୍ୱାରା ଜର୍ମାନିର ଉପକାର ହେବା ଦୂରର କଥା କରି ତାହା ଜର୍ମାନିକୁ ବିଦେଶରେ ଅପଦସ୍ଥ କରିବ ଓ ଦେଶକୁ ଅଶାନ୍ତି ଓ ବିଶୃଙ୍ଖଳା ଆଡ଼କୁ ଟାଣିନେବ।

---

# ଚଉଦ ବର୍ଷର

## ଗୋଟିଏ ମୁସଲମାନ ବାଳିକାର କରୁଣ କାହାଣୀ

ତାଙ୍କର ଦଶ ବର୍ଷ ହେଲେ ତାଙ୍କୁ ସ୍ନେହର ନେଇ ତାର ଅଞ୍ଚଳରେ ତାର ବାପଙ୍କର ହୋଇଯାଇଥିଲା ଏବଂ ସୁବର୍ଣ୍ଣ ବାଳ ତାହା ସ୍ଥାନରେ ତାଙ୍କୁ ଭୁଲେଇ, ଶେଷରେ ଗୋଟିଏ ସ୍ଥିରେଇ ଜଣ ଜଣଙ୍କରେ ତାଙ୍କୁ ବନ୍ଦୀ କରି ହୋଇଥିଲା। ଗୋଟିଏ ହେଉ କରନେଷ୍ଟବଲର ସନ୍ଦେହ ହେବାରୁ ପୁଲିସ ତଦନ୍ତ କରି ତାଙ୍କୁ ଉଦ୍ଧାର କଲା—ସାକ୍ଷୀର ମାଜିଷ୍ଟ୍ରେଟଙ୍କ ଆଗରେ ତାହାର ଶରୀର ସୁବର୍ଣ୍ଣ ବାଳ ସେଉଁ ନୃଶଂସ ବ୍ୟବହାର କରି ଯାଇଥିଲା ତାର ବର୍ଣ୍ଣନା କରିଥିଲା—ସେ ତାର ସାଙ୍ଗୀ ହିଁ ସାଥିରେ ଶୋଇଥିଲା—ଏପରି ସମୟରେ ତାଙ୍କୁ ତାର ସେହି ସାଙ୍ଗୀର ସହିତ ବନ୍ଦ କରି ତାଙ୍କୁ ପଳାଇ ଦିଆହେଲା—ସେ ବଡ଼ଦାରୁ ତାଙ୍କୁ ଛୁରୀ ଦେଖାଇ ଧମକାଇଲେ ଏବଂ ସେହିପରି ସ୍ଥଳରେ ତାର ଅପହରଣକାରୀ ସହିତ ରହିବା ପାଇଁ ବାଧ୍ୟ କଲେ। ବର୍ତ୍ତମାନ ତାର ମା ବାପଙ୍କୁ ଫେରାଇ ଦିଆଯାଇଛି। ମକଦ୍ଦମା ବିଚାରାଧୀନ।

---

## ମାଂ କାଳି ଡ୍ରାଇଭରଙ୍କ ହାତରୁ ଖଲାସ କଲେ

ବୃନ୍ଦାବନ ଜଲ୍ଲରେ ଜଣେ କବିରାଜ ସଙ୍ଗେ ଅନେକ ସ୍ଥିତେ ଉଦାସର ପଡ଼ିଲେ। ସୁବକର୍ତ୍ତାଙ୍କୁ ଧରିନେଇ ସେମାନେ ଟଙ୍କା କାଢ଼ିବାର ସକାଳ ଲାଗି ଜଙ୍ଗଲ ଭିତରେ ହାଣ୍ଡେଇବାକୁ ଲାଗିଲେ। ତାଙ୍କର ସ୍ତ୍ରୀ ଏ ଦୃଶ୍ୟ ଦେଖି ସହ୍ୟ କରିପାରିଲେ ନାହିଁ। ଜାଣିଲେ ଯେ ସ୍ୱାମୀ ଉଦ୍ଧାରର ଅନ୍ୟ କୌଣସି ଉପାୟ ନାହିଁ। ଭାଙ୍ଗ ମୁଣ୍ଡରେ ଗୋଟିଏ ଭୁକ୍ତି ଖୋଟିଗଲା। ସେ ଉଠିଲେ ଯେ ଡକାଏତମାନେ ଧାଇଁଲେ ଶୁଣ ମାଉଛି—ମୁଁ ସବୁ କାଳୀଙ୍କ ଧର ସ୍ୱାମୀଙ୍କୁ ଛାଡ଼ି ଦେବାକୁ ଭୁଲେଇଁ ସେମାନେ ଶୁଣିଲେ ଦେଖପଡ଼ିଲା—ଏହା ଶୁଣି ସେ ଝୁଣ୍ଡେ ଶଣ୍ଢ ଧରି କାଳୀଙ୍କ ପରି ବେଶ ହୋଇ ଡକାଏତ ମାନଙ୍କୁ କହିଲେ ଯେ ଛାଡ଼ ମୋ ସ୍ୱାମୀଙ୍କୁ—ଏ ଦୋଷ କରୁ। ଡକାଏତମାନେ ତାଙ୍କର ସ୍ୱାମୀଙ୍କୁ ଛାଡ଼ିଦେଇ 'କାଳି ମାଈକି ଜୟ' କହି ପଳାଇଲେ। ରମଣୀଙ୍କର ସାହସ ଓ ଉପସ୍ଥିତ ବୁଦ୍ଧି ଧନ୍ୟବାଦର ଯୋଗ୍ୟ।

---

## କଟକରେ ସାଧାରଣ ପାଠାଗାର

କଟକ ପରି ସହରରେ କୌଣସି ସାଧାରଣ ପାଠାଗାର ନଥିବା ଅତ୍ୟନ୍ତ ପରିତାପର ବିଷୟ। ମଧ୍ୟବିତ୍ତ ଶିକ୍ଷିତ ଲୋକେ ପାଠାଗାର ଅଭାବରୁ ପଢ଼ିବାର ଇଚ୍ଛା ଥିଲେ ସୁଦ୍ଧା ପଢ଼ିବାର କୌଣସି ସୁବିଧା ପାଆନ୍ତି ନାହିଁ। ପାଠାଗାର ହେଲେ ଶିକ୍ଷିତ ଲୋକମାନଙ୍କର ପଢ଼ିବାର ସ୍ପୃହା ମଧ୍ୟ ବଢ଼ନ୍ତା। ତାହା ଏହି ଅଭାବ ଦୂର କରିବା ନିମନ୍ତେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ଘରଠାରେ କେତେଜଣ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ଗୋଟିଏ ସଭା ହୋଇଥିଲା। ସେଥିରେ ଗୋଟିଏ କମିଟି ଗଠିତ ହେଲା। ସେମାନେ ସର୍ବସାଧାରଣଙ୍କ ସହାୟତାରେ ଶୀଘ୍ର ଏହି ଉଦ୍ୟମକୁ ସଫଳ କରିବା ନିମନ୍ତେ ସାହାଯ୍ୟ ପ୍ରାର୍ଥନା କରୁଛନ୍ତି—ଆମେ ଆଶା କରୁଁ କଟକର ଶିକ୍ଷିତ ଓ ଧନୀ ବ୍ୟକ୍ତିମାନେ ଏହି ଉଦ୍ୟମରେ ସକଳ ପ୍ରକାରର ସାହାଯ୍ୟ କରିବେ।

---

Digitized by srujanika@gmail.com

172

ଭାରତୀୟ

# ଶିଳ୍ପ-ବାଣିଜ୍ୟ

## ଧ୍ୱଂସ ହେଲା କିପରି ?

ଇଂରେଜମାନଙ୍କର ଭାରତ ଅଧିକାର ପୂର୍ବରୁ ଭାରତର ସମୃଦ୍ଧି ଓ ଶିଳ୍ପ—ବାଣିଜ୍ୟର କଥା ଶୁଣିଲେ ସ୍ୱପ୍ନ ଦେଖିଲାପରି ଲାଗେ । ଭାରତର କୃଷି ଜାତ ଧନର ପ୍ରାଚୁର୍ଯ୍ୟ ଓ ଶିଳ୍ପ—ବାଣିଜ୍ୟର ବହୁତ ବସ୍ତୁ ଉତ୍ପାଦନ କରିବାର କଥା । ଐତିହାସିକ ଲେଖିଛନ୍ତି—"ମିସର ଦେଶର ପିରାମିଡ଼ ନିର୍ମାଣ ହେବା ବହୁ ପୂର୍ବରୁ—ଇଉରୋପୀୟ ସଭ୍ୟତାର ଜନ୍ମଦାତା ଗ୍ରୀସ ଓ ଇଟାଲି ଯେତେବେଳେ ସଭ୍ୟତାର ଆଲୋକ ମୁଖ ଦେଖି ନଥିଲେ, ସେତେବେଳେ ଭାରତ ବୈଚିତ୍ର୍ୟ ମଣ୍ଡିତ ହୋଇ ଜେରୁଜେଲମ୍-ସ୍ଥାନ ଭାରତ ଧନଜନରେ ପୂର୍ଣ୍ଣଥିଲା । ଏହି ଦୁଃଖୀ ଭାରତବାସୀର ପୂର୍ବପୁରୁଷମାନେ ଶିଳ୍ପ—ବାଣିଜ୍ୟ ନେଇ ଏତେ ବ୍ୟସ୍ତ ଥିଲେ ଯେ ବସ୍ତ୍ର ପ୍ରଭୃତି କାହିଁ—ଏବଂ ଅନ୍ୟାନ୍ୟ ଦେଶର ଲୋକମାନେ ଲୁଚିଲା ମାତ୍ର ଯୋଗାଇବାପାଇଁ କାଙ୍ଗାଳୀ ଭାରତମାତାଙ୍କ ଦ୍ୱାରାରୁ ଏତେ ଦ୍ରବ୍ୟ ପାଇଥିଲେ ଯେ ତାହା ସେଦେଶର ଭଣ୍ଡାର ବନ୍ଦ ହୋଇଥିଲା । ଢାକା ଶିଳ୍ପୀ ହାତରେ ଏପରି ସୂକ୍ଷ୍ମ ଓ ସୁନ୍ଦର ବସ୍ତ୍ର ପ୍ରସ୍ତୁତ ହେଉଥିଲା ଯେ ତାର ସୂକ୍ଷ୍ମତା କହିବାକୁ ଭାଷାରେ କେହି ସାହସ କରୁ ନଥିଲେ । ଆଜି ଭାରତୀୟ ସ୍ଥାପତ୍ୟ ଶିଳ୍ପୀ ଓ ଯନ୍ତ୍ରୀମାନେ ତାଙ୍କର ଦର୍ଶନୀୟ କୀର୍ତ୍ତି ସ୍ୱରୂପ କେବଳ ମନ୍ଦିର ପ୍ରାସାଦ ଆଦି ରଖିଯାଇଛନ୍ତି ତାହାକୁ ସ୍ଥାପତ୍ୟ-ଶିଳ୍ପର ନିଦର୍ଶନ ବର୍ତ୍ତମାନ ଶମ ନିବର୍ତ୍ତିତ ମଧ୍ୟ ଅନୁକରଣ କରିପାରୁ ନାହିଁ । ଭାରତର ସେହି ସବୁ ଶିଳ୍ପ—ବାଣିଜ୍ୟ ଇଂରେଜ-ଅମଳ ପରେଠୁ କିପରି ଅବସ୍ଥାରେ ପଡ଼ି ଓ ଇଂରାଜ ଭାରତ ଅଧିକାର ପରେ ସେସବୁ କିପରି ଧୀରେ ଧ୍ୱଂସ ପ୍ରାପ୍ତ ହୋଇଛି ଓ ସବୁଙ୍କ ସ୍ୱଦେଶୀ ଶିଳ୍ପୀଙ୍କୁ ନିର୍ଧନ ଓ ମେସିନ୍‌ଗୁଡ଼ିକ କରିଛି ତାର ଗୋଟିଏ ତାଲିକା ତଳେ ଦେଲୁଁ ।

୧ । ଜାହାଜ— ନିର୍ମାଣ ଶିଳ୍ପ
୨ । ଲୌହ ଶିଳ୍ପ
୩ । ବସ୍ତ୍ରବୟନ ଶିଳ୍ପ
୪ । କାଗଜ ପ୍ରସ୍ତୁତ ଶିଳ୍ପ
୫ । ଚର୍ମ ଦ୍ରବ୍ୟ ଶିଳ୍ପ
୬ । ନୀଳଚାଷ ଷ୍ଟରମ୍ଭକ୍ଷିତ ଓ ଅନ୍ୟାନ୍ୟ ଶିଳ୍ପ ।

ବ୍ରିଟିଶ ଜାତି କି ଉପାୟରେ ଏହାର ଧ୍ୱଂସ ସାଧନ କରିବାକୁ ସମର୍ଥହେଲେ ତାହାମଧ୍ୟ ସଂକ୍ଷେପରେ କହୁଅଛୁ ।

୧ । ବ୍ରିଟିଶ ଅବାଧ ବାଣିଜ୍ୟ-ନୀତି ଭାରତରେ ପ୍ରଚଳନ କରି,
୨ । ଭାରତରେ ପ୍ରସ୍ତୁତ ଦ୍ରବ୍ୟ ଉପରେ କେତେକେ ଅସମ୍ଭବ କରଧାର୍ଯ୍ୟ କରି,
୩ । ଭାରତର ଦେଶୀୟ ରାଜାଙ୍କୁ ସାହାଯ୍ୟ କରି,
୪ । କଠୋର ଚାଲାଣୀ-ନିୟମ ପ୍ରବର୍ତ୍ତନ କରି,
୫ । [illegible] ଶିଳ୍ପୀ ଓ [illegible],
୬ । [illegible] ବ୍ୟବସାୟ [illegible],
୭ । [illegible] ନଷ୍ଟ କରି,
୮ । [illegible]

ସାମ୍ନାର ସୁପ୍ତ-ବଳସ୍ପ ପ୍ରକାଶ କରିବାକୁ ବାଧ୍ୟ କରି,
୯ । ଶିଳ୍ପ ପୁନର୍ଗଠନ ବନ୍ଦ କରାଇ,
୧୦ । ଇଂଲଣ୍ଡରେ ଉତ୍ପାଦିତ ବ୍ରିଟିଶ ମାଲ-ଧନ ଭାରତରେ ଖଟାଇ

୧୧ । ଶାସନ-ପଦ୍ଧତି ଭାରତୀୟ ଲୋକଙ୍କ ହାତରେ ନ ଛାଡ଼ିବାରୁ, ଭାରତର ସର୍ବନାଶ କରିଛନ୍ତି । ଭାରତରେ ଇଂରେଜଜାତିର ସ୍ୱାର୍ଥପାଇଁ ଇଂରାଜ ବ୍ୟବସାୟ-ବାଣିଜ୍ୟ ବୃଦ୍ଧି କରିବା ଲାଗି ଉକ୍ତ ଉପାୟମାନ ଭାରତ ସରକାର ପ୍ରବର୍ତ୍ତନ କରିଥିଲେ । ଉକ୍ତ ପ୍ରତ୍ୟେକ ନୀତି ଉପରେ ଆଲୋଚନା ଭାରତର ଶିଳ୍ପ-ବାଣିଜ୍ୟ କିପରି ଧ୍ୱଂସ ହେଲା ତାହା ଆଗାମୀ ସଂଖ୍ୟାରେ ଆଲୋଚନା କରାଯିବ ।

---

## ପ୍ରାପ୍ତ

### ଭୂମ୍ୟଧିକାରୀ ସଭା

ଇତିପୂର୍ବେ ଭୂମ୍ୟଧିକାରୀ ସଭାରୁ ସେଟଲମେଣ୍ଟ ଅଫିସରଙ୍କ ନିକଟ ପୁନର୍ବାର ମଞ୍ଜୁରୀ ଅଥବା ନୂଆ କରାଯିବା ସମ୍ବନ୍ଧେ ଏବଂ ପଥକର ବନ୍ଦୋବସ୍ତ ସମ୍ବନ୍ଧେ ଯେ ଆବେଦନ ଯାଇଥିଲା ଓ ସେ ସମ୍ବନ୍ଧେ ଯେ କାର୍ଯ୍ୟ ହୋଇଅଛି ତାହା ଇତିପୂର୍ବେ ଜଣାଇଅଛୁଁ । ସଭାର ଜଣେ ସଭ୍ୟ ଶ୍ରୀଯୁକ୍ତ ବୃନ୍ଦାବନ ଦାସ ନୟ ନୋଟ ଦେଇଥିଲେ ଓ ତତ୍ସମ୍ବନ୍ଧେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଅଫିସରେ ଭେଟ, ପୁରୀ ଓ କାଲେକ୍ଟରଙ୍କୁ ଅନୁମତି ଦେଇ ଜମିଦାରଙ୍କ ସାକ୍ଷାତରେ ଯେଉଁ ଆଲୋଚନା ହୋଇଥିଲା ତାହା ମଧ୍ୟ ଜଣାଇ ଅଛୁଁ । ସେହି ସମ୍ବନ୍ଧେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ସହିତ ଯେଉଁ ବ୍ୟବସ୍ଥା ଦ୍ୱାରା ଯେ ଫଳ ହୋଇଅଛି ତାହା ସଂକ୍ଷେପରେ ଜଣାଉଅଛୁଁ ।

ବନ୍ଦୋବସ୍ତରେ ବହୁକାଳ ଧରି ଯେଉଁ ନୋଟିସ ଜାରି ହୋଇଥିଲା ସେହି ନୋଟିସ ଫାରମର ଅପର ପୃଷ୍ଠାରେ ଲେଖା ହୋଇଥିଲା ଯେ ଜମିଦାର ନୋଟିସ ପାଇବାର ତିମାସ ମଧ୍ୟରେ ବନ୍ଦୋବସ୍ତ ହାକିମଙ୍କ ନିକଟ ସନ ୧୮୭୯ ସାଲର ୧୧ ଆଇନ ମତେ ପୃଥକ ହିସାବ ଖୋଲିବା ଦରଖାସ୍ତ ଦେଲେ ଦରଖାସ୍ତ ଫିସ ୫ ୨ ଟଙ୍କା ମାତ୍ର ଦେବାକୁ ହେବ ନିଅକ ଦେବାକୁ ହେବନାହିଁ । ଯେ ନୋଟିସ ଏପରି ଅସ୍ପଷ୍ଟ ଭାବେ ଲେଖା ହୋଇଥିଲା ଯେ ଅନେକ ଜମିଦାର ତାହା ପଢ଼ିପାରି ନ ଥିଲେ ବା ତାହାର ମର୍ମ ବୁଝିପାରି ନ ଥିଲେ । ସେ ସମ୍ବନ୍ଧେ କଲେକ୍ଟରଙ୍କ ନିକଟ ଦରଖାସ୍ତ ଦେବା ସକାଶେ ସମସ୍ତ କଡ଼ାଇ ଦେବା ଓ ମିଆଦ ମାଫ କରିବାପାଇଁ ଅନୁରୋଧ କରାଯିବାରେ ଶ୍ରୀଯୁକ୍ତ କମିଶନର ସାହେବ ଲେଖିଅଛନ୍ତି ଯେ ସେ ମାନ୍ୟବର ରେଭିନ୍ୟୁ ବୋର୍ଡଙ୍କୁ ଏକବର୍ଷ ସମୟ ଦେବା ଓ ମିଆଦ ଶର୍ତ୍ତ କମ କରି ଦେବାପାଇଁ ସୁପାରିଶ କରିଅଛନ୍ତି । ଅବଶ୍ୟ ବୋର୍ଡଙ୍କୁ ହୁକୁମ ଆସିନାହିଁ ।

ଉକ୍ତ ବନ୍ଦୋବସ୍ତରେ ମାହାଲ ମୋଟ ଟେଉଁଆଟ ହୋଇଅଛି ବହୁ ଜେଓ୍ୟାଟରେ ସଜ୍ଜାଦ ସବକଜମା ଲେଖା ହୋଇନାହିଁ । ତାହା ଲେଖା ନ ହେବାରେ ଯେ ଅସୁବିଧା ଓ କ୍ଷତି ଘଟିବ ତାହା [illegible] ମାନଙ୍କର ଯେ ଅସୁବିଧା ହେବ ତାହା ଉକ୍ତ ନୋଟ ଉପରେ ବନ୍ଦୋବସ୍ତ [illegible] ଓ ମଧ୍ୟ ପରେ [illegible] କାରଣ ଦର୍ଶାଇ ଏକ [illegible] । [illegible]

ବନ୍ଦୋବସ୍ତରେ ସଦର ଜମା କେଉଁଠି ସଜାଣ ମାହାଲର ସ୍ଥିର ମହଲାର ଯେଉଁ କରେଷ୍ଟ ରେଜିଷ୍ଟର ପ୍ରସ୍ତୁତ ହୋଇଅଛି ସେହି କରେଷ୍ଟ ରେଜିଷ୍ଟରର ନକଲ ଖରଚରେ ନକଲ ପାଇବେ ତଦ୍ଦ୍ୱାରା ଜମିଦାରଙ୍କ ସ୍ଥିର ମହଲାର ସଦର ଜମା ସ୍ଥିର କରି ନେଇ ପାରିବେ ।

ତାହାର ପକ୍ଷରେ ଅଦାୟ ସମ୍ବନ୍ଧେ ଜମିଦାରଙ୍କୁ ଯେ ଭାଗର ଦିଆଯିବ ସେଥିରେ ଇଷ୍ଟେଟର ଓ ରେଭେନ୍ୟୁ ନମ୍ବର, ଗାଁର ନମ୍ବର ଓ ଜମିର ପରିମାଣ ଓ ଦାନ୍ତଏବଳ ଓ ଧାର୍ଯ୍ୟ ପଥକର ଓ ସମୁଦାୟ ଚାଷୀଙ୍କଠାରୁ ନାମ ଲେଖାଯାଇ । ଏତଦ୍ଦ୍ୱାରା ପଥକର ଅଦାୟ ସମ୍ବନ୍ଧେ ଯେ ଅସୁବିଧା ହେଉଥିଲା ତାହା ହେବ ନାହିଁ ବରଂ ଚାଷୀଙ୍କଦାରମାନେ ହସ୍ତାନ୍ତର କଲେ ଖରିଦଦାରର ନାମ ଜମିଦାର ଜାଣି ନ ପାରିବାରୁ ଅଦାୟ ଓ ନାଲିଶ ପକ୍ଷେ ଅସୁବିଧା ଘଟିବାରୁ ଶ୍ରୀଯୁକ୍ତ କଟକ ଜଜାର କଲେକ୍ଟର ସାହେବ ସେ ସମ୍ବାଦ ଦେବାକୁ କହିଥିଲେ । ଶ୍ରୀଯୁକ୍ତ କଲେକ୍ଟରଙ୍କ ଅଫିସରେ ଦୁଇ ଏକରରୁ ଅଧିକ ଚାଷୀର ଜମି ରେଜେଷ୍ଟ୍ରି ହୁଏ ନା ସେ ସମସ୍ତ ଲଗଣ୍ଡ ଚାଷୀର ଜମି ଯାହା ଉପରେ ପଥକର ଧାର୍ଯ୍ୟ ହୋଇଅଛି ତାହା ନୂତନ ରେଜେଷ୍ଟ୍ରେସନ୍‌ରୁ ହେବାର ପ୍ରସ୍ତାବ ହେଉଥିବାର ଅବଗତ ହୋଇ ଦୁଇ ଏକରରୁ କମ ଚାଷୀର ଜମି ମଧ୍ୟ ରେଜେଷ୍ଟ୍ରି ଭୁକ୍ତ କରାଯିବା ପ୍ରାର୍ଥନାରେ ସଭା ତରଫରୁ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କୁ ପତ୍ର ଲେଖାଯାଇଅଛି । ତଦ୍ଦ୍ୱାରା ଜମିଦାରଙ୍କ ବସ୍ତି କ୍ରୟ ଦେବାର ସୁବିଧା ହେବ ଓ ମଧ୍ୟ ଲୋକେ ଚାଷୀଙ୍କର ନାମଙ୍କ ସ୍ୱତ୍ୱ ସମ୍ବନ୍ଧେ ରେକର୍ଡ ରହିଲେ ମାଲିକମାନଙ୍କ ତାଙ୍କର ମଧ୍ୟ ସୁବିଧା ହେବ । ପରେ ଉତ୍ତର ଆସିଲେ ଜଣାଇବୁ ।

ଭୂମ୍ୟଧିକାରୀ ସଭାର ଗୋଟିଏ ଅଧିବେଶନରେ ଖରଚପତ୍ର ୫୦ ପରିମାଣ ଚାନ୍ଦା ମାଫପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବାର ପ୍ରସ୍ତାବ ହୋଇଅଛି । ଏ ସମ୍ବନ୍ଧେ ଓ ସଭାରୁ ସ୍ଥାୟୀ ଭାବେ କାର୍ଯ୍ୟକାରୀ କରିବା ସମ୍ବନ୍ଧେ ଆଗାମୀରେ ସମସ୍ତ ସଦସ୍ୟଙ୍କ ଜଣାଇବୁ ।

ଭବଦୀୟ
ଶ୍ରୀ ବନମାଳୀ ପାଣ୍ଡିତ
ସମ୍ପାଦକ
ତା ୨।୧୨।୩୬

---

## ବର୍ତ୍ତମାନ ଭାରତର ଆର୍ଥିକ ଦୁର୍ଦ୍ଦଶା

### ଇଂଣ୍ଡିୟା ଲିଗ୍ ଡେଲିଗେସନଙ୍କ ମତ

ଭାରତ ସେକ୍ରେଟେରୀ ବାହାରିଲ

ଇଂଣ୍ଡିଆ ଲିଗ୍ ଡେଲିଗେସନମାନଙ୍କର ଭାରତର ଅବସ୍ଥା ସମ୍ବନ୍ଧରେ ମତ ସବୁ ଆମର ବନ୍ଧୁ ଭାରତ ସେକ୍ରେଟେରୀଙ୍କୁ ଭଲ ବାହାରେ ପଢ଼ାଇଛି । ବର୍ତ୍ତମାନ ଭାରତର ଆର୍ଥିକ ଦୁରବସ୍ଥା ସମ୍ବନ୍ଧରେ ସେମାନେ ଯାହା କହନ୍ତି ତାହା ପ୍ରଣିଧାନ ଯୋଗ୍ୟ । ସେମାନେ କହନ୍ତି କି ଆଜି ଭାରତର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଦାରିଦ୍ର୍ୟ ଜଳିଉଠିଛି । ଲୋକେ ସରକାର ଦ୍ୱାରା ଭୀଷଣ ଶୋଷଣ ହେଉଛନ୍ତି । [illegible] ଦୁର୍ଦ୍ଦଶା କଥା [illegible] [illegible] [illegible] । [illegible] ... ନାହିଁ [illegible]

—

Split by PDF Splitter
Digitized by srujanika@gmail.com

# ଭାରତବର୍ଷୀୟ ଗଭର୍ଣ୍ଣମେଣ୍ଟ

## ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି କାର୍ଯ୍ୟବିଭାଗ

ଭାରତବର୍ଷୀୟ ରେଲୱେ ବିଷୟକ ୧୮୯୦ ସାଲର ଆଇନକୁ କୌଣସି ନିର୍ଦ୍ଦିଷ୍ଟ ଅଭିପ୍ରାୟ ନିମନ୍ତେ ଅଧିକ ସଂଶୋଧନ କରିବା ନିମନ୍ତେ ଆଇନର ପାଣ୍ଡୁଲିପି।

ଯେହେତୁ ଭାରତବର୍ଷୀୟ ରେଲୱେ ବିଷୟକ ୧୮୯୦ ସାଲର ଆଇନକୁ ଅତଃପର ଏଥିରେ ଉଲ୍ଲିଖିତ ଅଭିପ୍ରାୟ ନିମନ୍ତେ ଅଧିକ ସଂଶୋଧନ କରିବା ଉଚିତ:—

ଅତଏବ ଏତଦ୍ଦ୍ୱାରା ନିମ୍ନଲିଖିତ ପ୍ରକାରେ ବିଧାନ କରାଗଲା:—

### ସଂକ୍ଷିପ୍ତ ନାମ

୧। ଏହି ଆଇନ ଭାରତବର୍ଷୀୟ ରେଲୱେ (ସଂଶୋଧନ କରଣ) ବିଷୟକ ୧୯୩୬ ସାଲର ଆଇନ ନାମରେ ଅଭିହିତ ହୋଇପାରିବ।

### ୧୮୯୦ ସାଲର ୯ ଆଇନର ସଂଶୋଧନ କରଣ

୨ ଭାରତ ବର୍ଷୀୟ ରେଲୱେ ବିଷୟକ ୧୮୯୦ ସାଲର ଆଇନର ୫୧ ଧାରାର (ଡ) ଉପଧାରା ନିମନ୍ତେ ନିମ୍ନଲିଖିତ ଉପଧାରାଟି ସନ୍ନିବେଶିତ କରିବାକୁ ହେବ, ଅର୍ଥାତ୍:—

"(ଡ) ଉକ୍ତ ରେଲୱେ ଦ୍ୱାରା ଯେଉଁ କୌଣସି ଭୂଖଣ୍ଡକୁ ଯାତାୟାତରେ ସୁବିଧା ଦଉଥିବ, ସେହି ଭୂଖଣ୍ଡ ମଧ୍ୟରେ ଯାତ୍ରୀ କିମ୍ବା ମାଲ ନେବା ଆଣିବା ନିମନ୍ତେ ଚଳଣର କୌଣସି ଉପାୟ ନିଅନ୍ତ ଏବଂ ରକ୍ଷା କରିପାରିବେ"।

### ଅଭିପ୍ରାୟ ଏବଂ ହେତୁମାନଙ୍କର ବର୍ଣ୍ଣନା

ଭାରତ ଆଇନ ୪୨ ଏବଂ ୪୩ ଅଙ୍କ ଆଇନର ୫୧ ଅଧ୍ୟାୟରେ ଯେଉଁ ସମସ୍ତ ଉପବିଧାନ କର୍ମ୍ମଚାରୀମାନଙ୍କ ନିମନ୍ତେ ବିଧାନ କରାଯାଇ ଅଛି, ଯେଉଁ ରେଲୱେ କୋମ୍ପାନୀ ସେମାନଙ୍କ ମଧ୍ୟରୁ ଗୋଟିଏ ହୋଇ ନ ଥିବ, ତାହା ଭାରତବର୍ଷୀୟ ରେଲୱେ ବିଷୟକ ୧୮୯୦ ସାଲ ଆଇନର ୫୧ ଧାରା ବର୍ତ୍ତମାନ (ଡ) ଉପଧାରାନୁଯାୟୀ ଉକ୍ତ ରେଲୱେ ଉପରେ ଯେଉଁ ସବୁ ଯାତ୍ରୀ, ଯାନ, ବା ମାଲ ବାହିତ ହୁଏ ବା ବାହିତ ହେବ ସେମାନଙ୍କର ସୁବିଧା ସଂଗତ ଚଳଣର କୌଣସି ଉପାୟ, ସପରିଷଦ୍‌ସ୍ଥିତ ଶ୍ରୀଯୁକ୍ତ ଗଭର୍ଣ୍ଣର ଜେନେରଲ ମହୋଦୟଙ୍କ ଅନୁମୋଦନ କ୍ରମେ, ବିଧାନ ଏବଂ ରକ୍ଷା କରିପାରିବେ, ଏହି ଉପଧାରାକୁ ପଢ଼ିଲେ ଏହା ଜଣାପଡ଼ୁନ ଯେ କୌଣସି ରେଲୱେ କୋମ୍ପାନୀ ଉକ୍ତ ରେଲୱେର ଶାଖା ସ୍ୱରୂପ କୌଣସି ରାସ୍ତା ଉପରେ ଉକ୍ତ କୌଣସି ମୋଟର ସର୍ଭିସ୍ ଆରମ୍ଭ କରି ଚଳାଇ ପାରିବ ନାହିଁ। ଯେତେବେଳେ ଉକ୍ତ ବ୍ୟବସ୍ଥା ଯେଉଁ ଟ୍ରାଫିକ୍ ବହନ କରୁଥିବ ତାହା ସେହି ରେଲୱେ ଉପରେ ଆସି—ଥିବ ବା ଯିବ, ଏହା ମଧ୍ୟ ବିବେଚନା କରାଯାଇଥିବାରୁ ଯେ ଯେଉଁଠାରେ ପୂର୍ବରୁ କୌଣସି ଉପଯୁକ୍ତ ସର୍ଭିସ୍ ବର୍ତ୍ତମାନ ଅଛି ସେଠାରେ ସେହି କୋମ୍ପାନୀ କୌଣସି ପ୍ରକାରେ ମୋଟର ସର୍ଭିସ୍ ଚଳାଇ ପାରିବ ନାହିଁ, ଏବଂ ଉକ୍ତ ରେଲୱେସ୍ଥ ନିଜର ସଙ୍ଗେ ସମାନ୍ତର ଭାବେ ଅନ୍ୟ କୌଣସି ପ୍ରକାରର ଯାନ ଚଳାଇପାରିବ ନାହିଁ।

ଭାରତବର୍ଷ ଏବଂ ସିଂହଳର ଆସୋସିଏଟେଡ୍ ଚେମ୍ବର୍ସ ଅବ୍ କମର୍ସ ସେମାନଙ୍କର ୧୯୩୦ ସାଲ ଡିସେମ୍ବର ମାସ ମିଟିଂରେ ନିମ୍ନଲିଖିତ ନିର୍ଦ୍ଧାରଣ ଗ୍ରହଣ କରିଥିଲେ:—

"ଗଭର୍ଣ୍ଣମେଣ୍ଟ ୧୮୭୯ ଏବଂ ୧୮୯୦ ସାଲର ରେଲୱେ ବିଷୟକ ଆଇନକୁ ସଂଶୋଧନ କରିବାଲାଗି ଆବଶ୍ୟକ ହେବାଭଳି ଏପରି ଉପାୟ ଗ୍ରହଣ କରନ୍ତୁ ଯଦ୍ଦ୍ୱାରା ଭାରତୀୟ ଷ୍ଟେଟ୍ ଏବଂ କୋମ୍ପାନୀ ପରିଚାଳିତ ରେଲୱେମାନ, ବର୍ତ୍ତମାନ ସମସ୍ତ ରେଲୱେ ମାନଙ୍କର ସାହାଯ୍ୟକାରୀ ସର୍ଭିସ୍ ରୂପେ, ମୋଟର ଏବଂ ଆକାଶଯାନ ସର୍ଭିସମାନ ସ୍ଥାପନ କରି ଚଳାଇବା ଲାଗି କ୍ଷମତା ଅନୁମତି ପାଇ ପାରିବେ। ରେଲୱେମାନଙ୍କ ଉପରେ ବହନ କରାଯାଇଥିବା କିମ୍ବା ବାହନ ହେଉଥିବା, ଯାତ୍ରୀ ବା ମାଲମାନ ନେବା ଆଣିବା ସମ୍ବନ୍ଧରେ କୌଣସି ସଙ୍କୋଚ ରହିବ ନାହିଁ।"

ସେହି ଆଇନର ୫୧ ଧାରା ଷ୍ଟେଟ୍ ପରିଚାଳିତ ରେଲମାନଙ୍କ ପ୍ରତି ପ୍ରଯୁଜ୍ୟ ନାହିଁ ଏବଂ ସେହି ହେତୁରୁ ସେହି ରେଲମାନଙ୍କର ରାସ୍ତାରେ ସର୍ଭିସମାନ ସ୍ଥାପନ କରି ଚଳାଇବା ବିଷୟରେ ଆଇନ ସଙ୍ଗତ କୌଣସି ବାଧା ହୋଇପାରିବ ନାହିଁ କିନ୍ତୁ ଯେଉଁ କ୍ଷୁଦ୍ର ରେଲୱେ ମାନଙ୍କର ଅନ୍ୟ ମୋଟର ପ୍ରତିଯୋଗିତାର ଭୟ ହେତୁରୁ ବିଶେଷ ପରିମାଣରେ କ୍ଷତି ହୋଇଅଛି ସେହି ରେଲୱେ ମାନଙ୍କର ଉକ୍ତ ସର୍ଭିସମାନ ଚଳାଇବାଲାଗି କ୍ଷମତା ପାଇବା ଆବଶ୍ୟକ।

୩। ଏହି ହେତୁରୁ ସେହି ଆଇନର ୫୧ ଧାରାର (ଡ) ଉପଧାରାକୁ ସଂଶୋଧନ କରି ଏହା ସୁସ୍ପଷ୍ଟ କରିଦେବାର ପ୍ରସ୍ତାବ କରାଯାଇ ଅଛି ଯେ ୫୧ ଧାରା ଉଲ୍ଲେଖିତ ରେଲୱେ କୋମ୍ପାନୀମାନ, ସେମାନଙ୍କ ରେଲୱେ ଯେଉଁ ସମସ୍ତ ଭୂଖଣ୍ଡ ମାନଙ୍କ ମଧ୍ୟ ଦେଇ ଯାଇଥିବ, ସେହି ସମସ୍ତ ଭୂଖଣ୍ଡ ମାନଙ୍କର ଟ୍ରାଫିକ ନେବା ଆଣିବା ଲାଗି ବନ୍ଧା ସଡ଼କରେ ରାସ୍ତାରେ ମୋଟର ସର୍ଭିସ୍ ମାନ ସ୍ଥାପନ କରି ଚଳାଇ ପାରିବେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ସପରିଷଦ୍‌ସ୍ଥିତ ଶ୍ରୀଯୁକ୍ତ ଗଭର୍ଣ୍ଣର ଜେନେରଲ ମହୋଦୟଙ୍କ ଅନୁମୋଦନ ପାଇବା ଅଧୀନରେ ଏହି କ୍ଷମତାମାନ ପରିଚାଳନା କରିବାକୁ ହେବ।

ଶିମଳା
୧୯୩୬ ସାଲ ଅଗଷ୍ଟ ତା ୨୫ ରୁଗ } ଜି. ଡି. ରାମସ୍ୱାମୀ ଅୟ୍ୟାର,

—o—

### ଭାରତକୁ ରୁଷିଆର ତେଲ ଆମଦାନୀ

ମସକୋ-ଡିସେମ୍ବର-୩

ଦକ୍ଷିଣ ଭାରତର ଟେଡିଂ ଯାତ୍ରା ସହିତ ରୁଷିଆର ସୋଭିଏଟ ତୈଳ ରପ୍ତାନି କମ୍ପାନୀର ଏକ ଚୁକ୍ତି ହୋଇଛି ଯେ ରୁଷିଆରୁ ଭାରତକୁ ଦଶ ଲକ୍ଷ ଟିନ ପେଟ୍ରୋଲ ତେଲ ମାଳକୁ ଆମଦାନୀ କରାଯିବ। ଏ କାରବାର ଫଳରେ ଭାରତରେ ତେଲ ଶସ୍ତା ହେବାର ସମ୍ଭାବନା।

---

# ବେହାର ଓଡ଼ିଶା

# ବ୍ୟବସ୍ଥାପକ ସଭା

## ଜାନୁଆରୀ ଅଧିବେଶନ

ବେହାର ଓଡ଼ିଶା ବ୍ୟବସ୍ଥାପକ ସଭାର ୧୯୩୭ରେ ପ୍ରଥମ ଅଧିବେଶନ ପାଟନାଠାରେ ଜାନୁଆରୀ ୧୬ ତାରିଖରେ ଆରମ୍ଭ ହେବ ଏବଂ ୧୬, ୧୭, ୧୮ ତାରିଖ ପର୍ଯ୍ୟନ୍ତ ରହିବ। ଏ ବିଶେଷ ଅଧିବେଶନରେ ଅନ୍ତର୍ଜାତୀୟ ଆଇନର ଆଲୋଚନା ହେବ। ଫେବୃଆରୀ ୮ ତାରିଖରେ ପୁଣି ସଭା ଆରମ୍ଭ ହୋଇ ପ୍ରାଦେଶିକ ଅର୍ଥ ବ୍ୟବସ୍ଥାର ବିଚାର ହେବ। ତା ପରେ ମାର୍ଚ୍ଚ ୨୨ ତାରିଖରେ ସାଧାରଣ ବିଷୟ ଚର୍ଚ୍ଚା କରିବାକୁ ସଭା ଆରମ୍ଭ ହେବ।

---

### ଭାରତୀୟ ମୁସଲମାନ ସମ୍ମିଳନୀ କଲିକତାରେ ବସିବ

ଭାରତବର୍ଷୀୟ ମୁସଲମାନ ସଂଘର ସ୍ଥାୟୀ ସମ୍ପାଦକ ମିଃ ସାହିଦାଉଦ ପ୍ରକାଶ କରନ୍ତି ଯେ ଆଲ୍ଲାହାବାଦ ମିଳନ ସଭାର ବ୍ୟବସ୍ଥା ବଦଳର ନିମନ୍ତେ ଡିସେମ୍ବର ୨୬, ୨୭, ୨୮ ତାରିଖ ମାନଙ୍କରେ କଲିକତାରେ ମୁସଲମାନ ସମ୍ମିଳନୀ ହେବ। ଅନେକ ବିଶିଷ୍ଟ ମୁସଲମାନ ଏ ସମ୍ମିଳନୀରେ ଯୋଗଦେବାର ସମ୍ଭାବନା।

—*—

### ଆଲ୍ଲାହାବାଦ ମିଳନ ସଭା ସାଲିଶ ସାହେବମାନଙ୍କ ବିପକ୍ଷତା

ଆଲ୍ଲାହାବାଦଠାରେ ଭାରତର ସବୁ ଜାତି ଧର୍ମ୍ମର ନେତାଙ୍କ ଯେଉଁ ଏକ ସାଲିଶ ସଭା ବସିଥିଲା, ଭାରତ ସରକାରଙ୍କର ପ୍ରଧାନ ମନ୍ତ୍ରୀଙ୍କ ଭାଗବତା ଶାସନାରେ ଅସନ୍ତୁଷ୍ଟ ହୋଇ ସର୍ବସମ୍ମତିକ୍ରମେ ଗୋଟାଏ ନୂଆ ସନ୍ଧି ଉପସ୍ଥିତ କରିବାପାଇଁ ଏ ସଭା ଡକା ହୋଇଥିଲା। ସଭାରେ ପ୍ରାୟ ସମସ୍ତ ଜାତିର ସ୍ୱାର୍ଥ ସ୍ୱଚ୍ଛନ୍ଦରେ ରକ୍ଷା କରି ପ୍ରସ୍ତାବ ଏବଂ ସନ୍ଧିର ଏକ ଖସଡ଼ା ପ୍ରସ୍ତୁତ ହେଲା। ଭାରତର ଅଧିକାଂଶ ମୁସଲମାନ ଏଥିରେ ଏକମତ ହେଲେ ସୁଦ୍ଧା କେତେ କେତେ ମୁସଲମାନ ଏ ସାଲିଶର ବିପକ୍ଷତା କରୁଅଛନ୍ତି। ହିନ୍ଦୁମାନେ ଏ ସାଲିଶରେ ସନ୍ତୁଷ୍ଟ, ତେବେ ସାହେବ ମଧ୍ୟ ଅଛନ୍ତି, ପ୍ରଧାନ ମନ୍ତ୍ରୀଙ୍କ ଭାଗବତାରେ ବଙ୍ଗ ଅଧିକାରୀ ସାହେବମାନଙ୍କ ସଂଖ୍ୟା ତୁଳନାରେ ସାହେବମାନଙ୍କ ନିମନ୍ତେ ଅତ୍ୟଧିକ ମାନ୍ଦାରେ ସ୍ଥାନର ବ୍ୟବସ୍ଥା ଥିବାରୁ ଏ ସଭା ବ୍ୟବସ୍ଥାପକ ସଭାରେ ସାହେବମାନଙ୍କ ସଂଖ୍ୟା କମାଇ ସେହି ସ୍ଥାନମାନ ହିନ୍ଦୁ ମୁସଲମାନଙ୍କ ଦ୍ୱାରା ପୂରଣ କରାଯିବାର ବ୍ୟବସ୍ଥା କରିଥିଲେ। ସାହେବମାନଙ୍କ ତର୍ଫ କରିବା ଉଦ୍ଦେଶ୍ୟରେ ପଣ୍ଡିତ ମଦନମୋହନ ମାଳବ୍ୟ କଲିକତାରେ ବୁଝାମଣା କରୁଛନ୍ତି। କିନ୍ତୁ ଫଳ କିଛି ହେଉଥିବାର ଜଣା ଯାଉନାହିଁ।

କଲିକତାରେ ତାହା ପରେ ସମିତିରେ ଇଉରୋପୀୟମାନେ ସଦା ପ୍ରକାଶ କଲେଣି ଯେ ଏ ସଂଖ୍ୟା କମାଇବାରେ ସେମାନେ ରାଜି ନୁହନ୍ତି। ପ୍ରଧାନ ମନ୍ତ୍ରୀଙ୍କ ଭାଗବତା ବଣ୍ଟାରେ ସେମାନେ ସନ୍ତୁଷ୍ଟ ଏବଂ ସେମାନେ କୌଣସି ପରିବର୍ତ୍ତନର ପକ୍ଷପାତୀ ନୁହନ୍ତି।

---

Digitized by srujanika@gmail.com

# ଗତ ଅଦିମ ସୁମାରୀ

୧୯୩୧ ମସିହାର 'ଭାରତବର୍ଷ ଜନଗଣନାର ସଂକ୍ଷିପ୍ତ ରିପୋର୍ଟ ପ୍ରକାଶିତ ହୋଇଗଲାଣି। ସ୍ୱଦେଶ ସମୟରେ ରାଜନୈତିକ ଅନ୍ଦୋଳନ ଯୋଗୁଁ ସୁଚାରୁରୂପେ ଗଣନା କାର୍ଯ୍ୟରେ ବ୍ୟାଘାତ ଘଟାଇଛି। ତଥାପି ଅନୁମାନରେ ଅନେକ ସ୍ଥଳରେ ଏହାର ବ୍ୟାଘାତ ଘଟିଥିବାର ସମ୍ଭାବନା। ଗତ ଅଦମ ସୁମାରୀରୁ ଦେଖାଯାଏ ଯେ ଲୋକ ସଂଖ୍ୟା। ଶତକଡ଼ା ୧୦ଜଣ ଓ ଶିକ୍ଷିତମାନଙ୍କର ସଂଖ୍ୟା ହଜାରରେ ୩୪ଜଣ ବଢ଼ିଛି। ଦଶବର୍ଷ ଭିତରେ ହଜାରକରା ୩୪ଜଣ ଶିକ୍ଷିତଙ୍କ ସଂଖ୍ୟା ବଢ଼ିବା ଏପରି କୌଣସି ଭଲ ସୁଖର କଥା ନୁହେଁ କିମ୍ବା ସନ୍ତୋଷପ୍ରଦ ବିଷୟ। ଏଥିରୁ ଦେଶବାସୀଙ୍କର ଶିକ୍ଷାପ୍ରତି ଅବହେଳା ସ୍ପଷ୍ଟ ପ୍ରମାଣିତ ହେଉଛି। ହଜାରକେ ୧୫୬ ଜଣ ପୁରୁଷ ଓ ୨୯ଜଣ ସ୍ତ୍ରୀଲୋକ ନାମ ଦସ୍ତଖତ କରିବା ଭଳି ବିଦ୍ୟାର୍ଜ୍ଜନ କରିଅଛନ୍ତି ଏବଂ ଇଂରାଜୀ ଲେଖିପଢ଼ି ଜାଣନ୍ତି ୨୫ଜଣ ପୁରୁଷ ଓ ୩ଜଣ ସ୍ତ୍ରୀଲୋକ। ଏଥିରେ ଅତି ଶିକ୍ଷିତଙ୍କ କଥା ତ ଅନୁଭବ କରିବାର କଥା ନାହିଁ। ପୃଥିବୀର ଅନ୍ୟାନ୍ୟ ସଭ୍ୟଦେଶ ତୁଳନାରେ ଶିକ୍ଷାରେ ଆମର ସ୍ଥାନ ଯେ କେତେ ତଳେ ଏହା ଦେଖିଲେ ଲଜ୍ଜାରେ ମୁଣ୍ଡ ପୋତିବାକୁ ହୁଏ।

ଗତ ଦଶବର୍ଷରେ ହିନ୍ଦୁ-ବୌଦ୍ଧ-ସମ୍ପ୍ରଦାୟରେ ଲୋକ ସଂଖ୍ୟାର ବୃଦ୍ଧିହାର ସବୁଠାରୁ କମ୍। ଯେଉଁ ସମ୍ପ୍ରଦାୟରେ ଶିକ୍ଷାର ବିସ୍ତାର ଯେତେ କମ ସେ ସମ୍ପ୍ରଦାୟର ଜନସଂଖ୍ୟା ବୃଦ୍ଧି ବିଷୟରେ ସେତିକି ଉଦାସୀନ। ଯେଉଁ ଦେଶରେ ଜୀବନଧାରଣର ଉପାୟ ସହଜ ନୁହେଁ—ଅର୍ଥାତ୍ ଯେଉଁଠାରେ ସୁଲଭ ଏବଂ ଅଳ୍ପବ୍ୟୟରେ ମିଳିପାରେ, ସେ ଦେଶରେ ଜନସଂଖ୍ୟା ବୃଦ୍ଧି ମଙ୍ଗଳପ୍ରଦ ହୋଇପାରେ କିନ୍ତୁ ଯେଉଁ ଦେଶରେ ଜନସାଧାରଣ ଦୁଇବେଳା ପେଟପୂରି ଖାଇବାକୁ ମିଳେନାହିଁ—ଶିକ୍ଷିତ ଯୁବକମାନେ ଯଥା ଜୀବିକାର୍ଜ୍ଜନର ଉପାୟ ନପାଇ ଅକର୍ମଣ୍ୟ ବସିଛନ୍ତି— ଯେଉଁଠି ଲକ୍ଷ ଲକ୍ଷ ଅର୍ଥାଭାବରୁ ଅନାହାରରେ ଶୁଖି ମରୁଛନ୍ତି ଏବଂ ଯେଉଁ ଦେଶରେ ଲୋକେ ସବୁ ପାରୁନାହାନ୍ତି, କଷ୍ଟ ଭୋଗୁଛନ୍ତି ସେ ଦେଶରେ ଜନବୃଦ୍ଧି ନ ହେବା ବାଞ୍ଛନୀୟ। ଏଥିପାଇଁ ତାହାର ଅକ୍ଷେପ କରିବା ଅନୁଚିତ। ଏହି ସାମାନ୍ୟ ବୃଦ୍ଧିରେ ଯେ ଦେଶର ଅର୍ଥନୈତିକ ଅବସ୍ଥା ଭଲ ହେବ, କେତେକ ଲୋକଙ୍କର ଶୋଚନୀୟ ତାହାକୁ ଜାଣିବାକୁ ଅନୁମାନ ନାହିଁ। ଅନ୍ୟାନ୍ୟ ସମ୍ପ୍ରଦାୟଠାରୁ ହିନ୍ଦୁମାନେ ବେଶି ଶିକ୍ଷିତ ହୋଇ ଜନ ସମ୍ପୃକ୍ତ ବିଷୟରେ ଅଧିକ ସଂଯତ, ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସମ୍ପ୍ରଦାୟ ମଧ୍ୟ ଅପେକ୍ଷାକୃତ ସଂଯତ ହେବେ। କାର୍ଣ୍ଣ-ଶାର୍ଣ୍ଣ ମେରୁଦଣ୍ଡହୀନ କେତେଗୁଡ଼ିଏ ଲୋକ ବୃଦ୍ଧି ହେବାରେ କୌଣସି ଦେଶର କଲ୍ୟାଣ ଲାଭର ସମ୍ଭାବନା ନାହିଁ। କିନ୍ତୁ ଜନସଂଖ୍ୟା ହ୍ରାସ କୌଣସି ଜାତିର ଦୀର୍ଘକାଳ ଉଚିତ ହୋଇଥାଏ ନା, ତା ଯଦି ହେବ ଆଜି ତେବେ ବଂଶ ଓ ଜାତିର ସ୍ଥାନପଦ କେତେକଙ୍କ ହୋଇଥାଆନ୍ତା।

କଟକରେ

# ଧରପଗଡ଼

ତା ୬ ରିଖ ରାତି ଉଦୟ ସମୟରେ ଜଣ କଂଗ୍ରେସ ସ୍ୱେଚ୍ଛାସେବକ ପୁଲିସ ଦ୍ୱାରା ଧରାହୋଇଥିଲେ। ଜଣେ କ୍ଷମାପ୍ରାର୍ଥନା ମାଗି ଖଲାସ ପାଇଲେ ଓ ଜଣଙ୍କୁ ଛାଡ଼ିଦିଆଗଲା। ବାକି ୪ ଜଣଙ୍କୁ ୬ମାସ ଲେଖାଏଁ ଜେଲ ଦଣ୍ଡ ମିଳିଲା।

ତା ୭ ରିଖ ୭ଜଣ ସ୍ୱେଚ୍ଛାସେବକ ବିଦେଶୀ ମାଲ ବର୍ଜନ କରିବା ଲାଗି ଷ୍ଟାମ୍ପ ଓ ସ୍ଥାନୀୟ ଜେଲ ବଜାରରେ ବୁଲୁଥିବା ବେଳେ ଧରା ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ କ୍ଷମାପ୍ରାର୍ଥନା ମାଗି ଖଲାସ ପାଇଛି ଓ ଅନ୍ୟ ଛଅଜଣଙ୍କ ମଧ୍ୟ ଦୁଇ ଜଣଙ୍କୁ ଚାରିମାସ ଓ ଚାରି ଜଣଙ୍କୁ ୬ମାସ ଲେଖାଏଁ ଜେଲ ହୁକୁମ ହେଲା।

ତା ୭ ରିଖରେ ଜଣେ କଂଗ୍ରେସ ବୁଲେଟିନ୍ ବାଣ୍ଟୁଥିବା ଅପରାଧରେ ଧରା ହୋଇଛନ୍ତି।

ତା ୭ ରିଖରେ ପ୍ରାୟ ୨୦ ଜଣ ସତ୍ୟାଗ୍ରହୀ ବିଦେଶୀ ଔଷଧ ବିକ୍ରି ହେଉଥିବା ସ୍ଥାନ ବର୍ଜ୍ଜନ କରିବା ନିମନ୍ତେ ସହରରେ ବୁଲୁଥିଲେ। ଏ ପର୍ଯ୍ୟନ୍ତ ତାହାଙ୍କୁ ଧରା ଯାଇନାହିଁ।

---

ଅନେକ କଥା ହେଉଛି "ଆମ ଜୀବନଧାରଣର ଉପାୟ କ'ଣ ? ସେନ୍ସସ ରିପୋର୍ଟରେ ପ୍ରକାଶ ଯେ ଶତକଡ଼ା ୭୬.୪ ଜଣଙ୍କର ଜୀବିକା ହେଉଛି କୃଷି, ୯.୯୫ ଜଣ ଲୋକ ଶିଳ୍ପ ଉପରେ ନିର୍ଭର କରନ୍ତି, ୫.୧୩ ଜଣ ବାଣିଜ୍ୟ ଉପରେ ନିର୍ଭର କରନ୍ତି ଏବଂ ୧.୫୨ ଜଣ ଯାନବାହାନ ଚଳାଇ ପେଟ ପୋଷନ୍ତି। ଏଥିରୁ ସ୍ପଷ୍ଟ ଜଣାଯାଏ ଭାରତବର୍ଷ କୃଷି ପ୍ରଧାନ ଦେଶ କିନ୍ତୁ କୃଷିଦ୍ୱାରା କୃଷୀର ପେଟ ପୂରେ ନାହିଁ। ତାପରେ ଭାରତର କୃଷିମାନେ କେପରି ଋଣଗ୍ରସ୍ତ ତାହା ତ ସମସ୍ତଙ୍କ ଜଣା। ଉପୁର ଭୂସ୍ୱତ୍ୱର ଦାମ ଅତ୍ୟଧିକ, ସେଥିରୁ ଖଜଣା ଦେଇ ଓ ମହାଜନର ଟଙ୍କାର ସୁଧ ଦେଇ ଯାହା ବାକି ରହେ ତାହାର ପରିମାଣ ଏତେ କମ ଯେ ବର୍ଷଯାକ ପେଟପୂରି ଖାଇବାକୁ ମଧ୍ୟ ଅଣ୍ଟେନାହିଁ।

ଶତକଡ଼ା ସେହି ୧୫ ଜଣଙ୍କର ଜୀବିକା ଶିଳ୍ପ ଓ ବାଣିଜ୍ୟ ସେମାନେ ସମସ୍ତେ ସ୍ୱାଧୀନ ଭାବରେ ଶିଳ୍ପ—ବାଣିଜ୍ୟରେ ଲିପ୍ତ ନୁହନ୍ତି—ସେମାନଙ୍କ ମଧ୍ୟରୁ ବୋଧହୁଏ ଶତକଡ଼ା ୧୪ ଜଣଙ୍କୁ ବେଶି ଭାଗ ଚାକିରିରେ କାମ କରିବା। ଏହାର ଫଳ ଅନ୍ନର ଅଭାବ ଅର୍ଥାଭାବର ଉପାୟ। ଜନବୃଦ୍ଧିର ବ୍ୟାପାର ମିଳିଲା କିନ୍ତୁ ଧନବୃଦ୍ଧି କିପରି ହେବ ଏବଂ ଓ କି ଉପାୟରେ ଆମର ଧନବୃଦ୍ଧି ହେବ ତାର ପ୍ରଚେଷ୍ଟା କରିବା କି ? ଏ ଦେଶରେ କେତେ ଲୋକ ଅକର୍ମା ହୋଇ ବସିଛନ୍ତି ତାର ହିସାବ ହେଉଛି କି ? ସରକାରଙ୍କର ଏଥିର ଉପାୟ ଠିକ କରିବା କର୍ତ୍ତବ୍ୟ ନୁହେଁ କି ?

---

# ବେହାରରେ କୃଷି-ବିଭାଗ

ଇମ୍ପିରିୟାଲ କାଉନ୍‌ସିଲ ଅଫ୍ ଅଗ୍ରିକଲଚରଙ୍କ ମଞ୍ଜୁରି କରିଥିବା ଟଙ୍କାରେ ବେହାର କୃଷି-ବିଭାଗ ସାବୋର ଓ ପଟୋଣାଠାରେ ଧାନ ଓ ଅଖ ବିଷୟରେ ନାନାପ୍ରକାର ପରୀକ୍ଷା କରିବାକୁ ସ୍ଥିର କରିଛନ୍ତି। ଏହା ଦ୍ୱାରା ଏହି ପ୍ରଦେଶରେ କୃଷିର ଉପକାର ଅଧିକ ପରିମାଣରେ ସାଧିତ ହେବାର ଆଶା କରାଯାଏ। ଉକ୍ତ ବିଭାଗରେ ସୁଦ୍ଧା ଅର୍ଥକୁ ୮୦ ଲକ୍ଷ ଟଙ୍କା ପାଇଛନ୍ତି। ଅଖଚାଷ ଠିକ୍ ପରୀକ୍ଷା ଯେପରି ଅଳ୍ପ ଖର୍ଚ୍ଚରେ ଅସୁବିଧା ନ ହୋଇ କରିବାକୁ ଦେବ। ଏହି ବିଭାଗ ଗବେଷଣାରେ ଜାଣୁଥିବା ଉନ୍ନତ ପ୍ରକାର ଶସ୍ୟ ଉତ୍ପାଦନ ପରିମାଣରେ ଗୋବର ମିଶାଇ ଏକ ପ୍ରକାର ଖତ ତାର ପ୍ରସ୍ତୁତ କରିବାର ଚେଷ୍ଟା କରୁଛନ୍ତି।

---

## ଜର୍ମାନିରେ ନୂତନ ମନ୍ତ୍ରୀ ପରିଷଦ ପ୍ରତିଷ୍ଠା

## ଅଧିକାଂଶ ଜେନେରାଲ ଭନ ସ୍କ୍ଲେଚର

ପ୍ରେସିଡେଣ୍ଟ ଭନ ହିଣ୍ଡେନବର୍ଗଙ୍କ କଷ୍ଟ ଚେଷ୍ଟା ଫଳରେ ଜର୍ମାନୀରେ ପୁନଃ ମନ୍ତ୍ରୀ ପରିଷଦ ପ୍ରତିଷ୍ଠିତ ହେଲା। ନାଜି ଦଳ ନେତା ହେର ହିଟଲରଙ୍କୁ ପ୍ରଥମରୁ ମନ୍ତ୍ରୀ ପରିଷଦ ଗଠନ କରି ସେ ଭାର ଗ୍ରହଣ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା କିନ୍ତୁ ସେ ଅସମର୍ଥ ହେଲେ। ରେଇଖଷ୍ଟାଗ ସଭାର ସଭ୍ୟମାନଙ୍କର ମତରେ ମେଳ ନ ଥିବାରୁ ଏବଂ କେଉଁ ଦଳ କେଉଁ ଦଳକୁ ସାହାଯ୍ୟ କରୁଥିବାରୁ ହିଟଲର ଏହି ଭାର ପାଇଲେ ନାହିଁ। ଏହା ଶେଷରେ ସ୍ୱୟଂ ପ୍ରେସିଡେଣ୍ଟ ଏହି ଦାୟିତ୍ୱର ଗ୍ରହଣ କଲେ। ହିଟଲର ଏବେ ବିରୋଧୀ ଦଳ ଗଢ଼ି ଚାଲିଲେ।

ଜର୍ମାନୀର ଏ ସଙ୍କଟ ଦୂରିକରଣ ଜେନେରେଲ ସ୍କ୍ଲେଚରଙ୍କ, ତାଙ୍କୁ ଶିଘ୍ର ଇଉରୋପର ଅନ୍ୟ କେତେକ ଦେଶଙ୍କ ବିଶେଷ ପ୍ରୀତିପଦ ନୁହେଁ ବୋଲି ପ୍ରକାଶ।

---

## ପାରସ୍ୟ ସରକାର ଜାରି କଲେ

## ଇଂରାଜ ବଣିକଙ୍କ ବିପତ୍ତି

କେତେକ ବର୍ଷ ହେଲା ଗୋଟାଏ ଇଂରାଜ କମ୍ପାନୀ ପାରସ୍ୟରେ ତେଲ ବାହାର କରିବା ଛଡ଼ା ଏକ ପ୍ରକାଣ୍ଡ କାରବାର ସ୍ଥାପନ କରିଥିଲେ। ପାରସ୍ୟ ସରକାର ସେ କମ୍ପାନୀକୁ ହୁକୁମ କରିଛନ୍ତି ଯେ ତେଲ କାଢ଼ିବାର କାରବାର ବନ୍ଦ କରି ଚାଲିଯିବାକୁ। କମ୍ପାନୀ ଅଧିକ ଜାଣିଲେ ଯେ ପାରସ୍ୟରେ ତାଙ୍କ ସରକାର ସ୍ଥାପିତ ହେବା ପୂର୍ବରୁ କମ୍ପାନୀର କାରବାର ହେଉଛି, ଏପରି ସ୍ଥଳେ ସରକାର ତାଙ୍କ ଅଧିକାର ପ୍ରତିଷ୍ଠା କରନ୍ତୁ। ସରକାର ଉକ୍ତ ହୁକୁମ ପ୍ରତ୍ୟାହାର କରିଛନ୍ତି କି ନାହିଁ, କୌଣସି ଖବରରେ କମ୍ପାନୀର ଅଧିକାରର ନୂତନ ଜମିର ଅନୁମତି ମିଳିବ ନାହିଁ।

---

କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ଙ୍କ ମୁଦ୍ରାଯନ୍ତ୍ରରେ ଶ୍ରୀ ଲକ୍ଷ୍ମୀଧର ମହାନ୍ତିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter

REGISTERED NO. D 6

175

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩ ୮
ପ୍ରତିଖଣ୍ଡ ଟ ୦ ୧୨

| ଭା ୬୭ ଭା | Cuttack, Saturday the 17th December 1932<br>ପୌଷ ୨ ୩ ର ସନ ୧୩୪୦ ସାଲ ଶନିବାର | ୪୯ ଶ ସଂଖ୍ୟା |
|---|---|---|

32 26-2-32

## JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

**Reduced Price Rs. 6/-**

Per Pair—(6 by 1½ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY.

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chadars. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).

No 34 17. 12. 32

Applications will be received by the undersigned to the 20th December 1932 for the post of Superintendent. Patna-Bankipur Water-Works on a pay of Rs. 200 per mensem. Further particulars can be obtained on application.

Patna
2nd. December
1932

Sd. S. E. PLATT.
Superintending Engineer,
Public Health
Department
Bihar and Orissa.

No. 33 18. 12. 32

WANTED.

A Correspondence clerk and a Probationer on Rs. 30/- and Rs. 20/- per month respectively.

Candidates must be Matriculates, must know type-writing well and be natives of the Province or domiciled therein.

Applications in candidates' own hand-writing will be received upto 23rd December 1932.

DISTRICT ENGINEER,
ANGUL.

୩୨ ୧୮-୧୨-୩୨

### ବିଜ୍ଞାପନ

ଏତଦ୍ୱାରା ଓଡ଼ିଶା-ବଙ୍ଗଳାନ୍ତର୍ଗତ ମଧ୍ୟ ଏବଂ ଉଚ୍ଚ ଇଂରାଜୀ-ବିଦ୍ୟାଳୟମାନଙ୍କର ଛାତ୍ରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସନ ୧୩୧୯ ମସିହାରୁ ମେଦିନୀପୁର ଜିଲ୍ଲାନ୍ତର୍ଗତ ବଙ୍ଗାଳ-ନାଗପୁର ରେଲ୍ ବେ-ଷ୍ଟେସନ ସନ୍ନିକଟ "ବେଲଦା ଗଙ୍ଗାଧର ଏକାଡେମୀ" ସୁନ୍ଦରରୂପେ ପରିଚାଳିତ ହେଉଥିବାରୁ ମାନନୀୟ କଲିକତା-ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତ ହୋଇ ପ୍ରତି ବର୍ଷ ବହୁ ସଂଖ୍ୟକ ଓଡ଼ିଆ ଏବଂ ବଙ୍ଗାଳୀ ଛାତ୍ର ଉଚ୍ଚ ଇଂରାଜୀ-ଶିକ୍ଷାର ଚରମ ମେଟ୍ରିକୁଲେସନ୍ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଆସୁଅଛନ୍ତି। ଅଧୁନା ଏହି ବିଦ୍ୟାଳୟରେ ଜଣେ ଏମ୍. ଏ. ବି. ଏଲ୍. ପରୀକ୍ଷୋତ୍ତୀର୍ଣ୍ଣ ଭଦ୍ରଲୋକ ପ୍ରଧାନ-ଶିକ୍ଷକ ରୂପେ ସ୍ଥାୟୀ ଭାବରେ ନିଯୁକ୍ତ ଏବଂ ଭୂଗୋଳ ଶିକ୍ଷାର ଯଥାର୍ଥ ବନ୍ଦୋବସ୍ତ କରାଯାଇ ଅଛି। ବିଶେଷତଃ ଓଡ଼ିଆ-ଛାତ୍ରମାନଙ୍କର ହିତାର୍ଥେ ଶିକ୍ଷାଦାନ ନିମନ୍ତେ ଓଡ଼ିଆର ଉଚ୍ଚ-ଉପାଧିଧାରୀ ଜଣେ ଇଂରାଜୀ ଭାଷାଭିଜ୍ଞ ଓ ଶିକ୍ଷକଙ୍କର ପ୍ରଶଂସା-ପତ୍ର ପ୍ରାପ୍ତ ଏବଂ ବହୁଦର୍ଶୀ ଶିକ୍ଷକ ଗତ ୩ ୪ ମାସଠୁ ନିଯୁକ୍ତ ହୋଇ ଦକ୍ଷତା ସହ କାର୍ଯ୍ୟ କରୁଅଛନ୍ତି। ବେଲଦାର ଜଳବାୟୁ ସ୍ୱାସ୍ଥ୍ୟକର ଏବଂ ବିଦ୍ୟାଳୟ ସଂଲଗ୍ନ ଛାତ୍ରାବାସରେ ସୁଲଭ ମୂଲ୍ୟରେ ରହିବାକୁ ସୁବନ୍ଦୋବସ୍ତ କରାଯାଇଅଛି। ଛାତ୍ର ସମସ୍ତ ଶିକ୍ଷକ ଏବଂ ଛାତ୍ର ଛାତ୍ରାବାସରେ ରହି ନିଜ ନିଜ ପାଠ ପଢ଼ନ୍ତି। ବହୁ ସଂଖ୍ୟକ ଛାତ୍ର ଏବଂ ଶିକ୍ଷକ ଛାତ୍ରାବାସରେ ଥିବାରୁ ସ୍ୱାସ୍ଥ୍ୟ-ରକ୍ଷା ନିମନ୍ତେ ଜଣେ ଯୋଗ୍ୟ ଚିକିତ୍ସକ ନିଯୁକ୍ତ ହୋଇଅଛନ୍ତି। ଯେଉଁ ଓଡ଼ିଆ ଛାତ୍ର ବେଲଦା ଗଙ୍ଗାଧର-ଏକାଡେମୀରେ ଅଧ୍ୟୟନ କରିବାକୁ ଇଚ୍ଛୁକ, ସେମାନେ ଯଥା ଶୀଘ୍ର ଆବେଦନ କଲେ ଉପଯୁକ୍ତ ସୁବିଧା କରାଯିବାକୁ ସମ୍ଭବ।

ବେଲଦା, ମେଦିନୀପୁର
ତା ୧୬।୧୨।୩୨

ସମ୍ପାଦକ
ବେଲଦା ଗଙ୍ଗାଧର
ଏକାଡେମୀ

Digitized by srujanika@gmail.com

# ଉତ୍କଳଦୀପିକା

ଡିସେମ୍ବର ତା ୧୭ ରିଖ ଶନିବାର

## ଭାରତର ଶାସନ ଖସଡ଼ା

ତୃତୀୟବାର ଗୋଲଟେବୁଲ ବୈଠକ ଆସି ଲାଗିଲା ଉପରେ, ଆଗାମୀ ୨୨ ତାରିଖରେ ଏ ବୈଠକର କାର୍ଯ୍ୟ ଶେଷ ହେବାର ନିର୍ଣ୍ଣୟ ହୋଇଅଛି। ଏମଧ୍ୟରେ ନାନାଦି ଖବର ଏଥିର ଫଳାଫଳ ସମ୍ବନ୍ଧରେ ଆସି ପହଞ୍ଚୁଅଛି। ଭାରତସଚିବ ଓ ସାପ୍ରୁଙ୍କର ବକ୍ତୃତାର କିଛି କିଛି ଜଣା ପଡ଼ୁଅଛି। ଏଙ୍କ ସ୍ପଷ୍ଟୋକ୍ତି ବକ୍ତୃତା ଯେ ବୈଠକରେ କିଛି ଫଳର ଆଶା ମଧ୍ୟ ଅଛି। ଗୋଲଟେବୁଲ ବୈଠକସ୍ଥିତିରେ ତାଙ୍କ ମତ ପ୍ରସ୍ତୁତ ହୋଇ ଯାହା ଗୋଟାଏ ଭାରତବାସୀ ମଧ୍ୟ ଯାଉଅଛନ୍ତି। ସେଥି ଥରେ ପଢ଼ିଥାଇଛନ୍ତି ଯେ ଭାରତୀୟ ଭାବୁକଦଳୀୟ ନେତାମାନେ ଯେତେ ଭୁଲନ୍ତୁ ପଛକେ ଇଂରାଜ ରାଜନୀତ ଦୃଷ୍ଟିଅନୁଯାୟୀ ହୋଇଥିବ। ସାପ୍ରୁ ଜୟକାର ଓ ଜେଭର ପ୍ରଭୃତି ଅଭିଜ୍ଞ ପଣ୍ଡିତ ଅଛନ୍ତି ସେ ଭାରତୀୟ ଜାତି ବଦଳାଇଦେବେ ଏକଥା କେତେକେ ଜାଣିଲେ। କଲେଜ ଓ ଗ୍ରେଟବ୍ରିଟେନ ମାନଙ୍କ ହାତରେ ଯେ ଅଧିକାରଙ୍କ ଥିଲା ତାହା ଅଧିକ ମାତ୍ରାରେ ରହିବ ଅର୍ଥାତ୍ ବାଣିଜ୍ୟ ସ୍ୱାର୍ଥ ଶତ୍ରୁ ବିଶେଷ ପରିବର୍ତ୍ତନ ହେବନାହିଁ। ବୈଦେଶିକ ଦୃଷ୍ଟିରେ ସେଥିଁ ବିଷୟ ସମ୍ବନ୍ଧ ପ୍ରବଳ ଅଛି ତାହା ରହିବ। ଭାରତର ଦେଶୀୟ ରାଜ୍ୟମାନଙ୍କ ବିଷୟରେ ନାହିଁ। ସେମାନେ ନୂତନ ରାଷ୍ଟ୍ର ବୃଦ୍ଧି ଉପାୟ ଦେଖିବେ ଓ ଗୋଲ ଟେବୁଲ୍ ସ୍କୁଲଙ୍କ ସଂଖ୍ୟା ଓ ଦରମାରେ କେହି ହାତ ଦେବେନାହିଁ—ଏପରିଛି ଭଳିଏ ରହିବ ହେବେ ସ୍ୱରାଜ୍ୟ ଯାହା ଆଶା କରି ପାଇଲେ? ଏପରି ସ୍ୱାର୍ଥ ବା ତାମସା ନୁହେଁ। ଅଙ୍କ ତାହାକୁ ତାମସା ରହିଲ? ଯାହାହେଉ ଚତୁର୍ଥ ଗୋଲଟେବୁଲ ନ ବସିବେ ପଥ। ପ୍ରଧାନମନ୍ତ୍ରୀ ମ୍ୟାକ୍‌ଡୋନାଲ୍ଡ କଥା ଦିଅନ୍ତି ଜଣାଇବେ ଯେଉଁପାଇଁ ଝିଙ୍କେ ଲୌହିହିଲ ହାତ ହେଉଅଛି। ସେତେ ଏତେ ଭଲର କଥାକୁ ଏପର୍ଯ୍ୟନ୍ତ ଭାରତ ଦଶାଯାଇଥିଲା ତେବେ ଅନ୍ତରେ ଆଦେଶ ଅରକର୍ଷ ଏଣେ ମିଳାମିଶାରେ ତାହିଁବ ନଜରଦେବେ। ସାପ୍ରୁଙ୍କର ଅସନ୍ତୋଷ ଅବକାଶ ତ'ଣ ଉଚ୍ଚ ନାହିଁଅଛି କି? ତା ମଧ୍ୟ ଶତ୍ରୁ ରାଜନୈତିକ ବୃଦ୍ଧିଅଛନ୍ତି ବଲକାନ୍ଧ। ଗୋଲଟେବୁଲରେ ଉତ୍କଳର ଯାହାହେଉ ଓଡ଼ିଶା ସମ୍ପର୍କରେ ଅନ୍ତ ଅଛି ଏଥି ଭିତରେ ଜଣାଯାଇଲାଣି। ଆମେ ଉପସ୍ଥିତ ଉପଯୁକ୍ତ ସମୟରେ ଓଡ଼ିଶା ସମ୍ବନ୍ଧରେ ତାଙ୍କ ଉକ୍ତି ହାର ଜାଣିପାରିବେ। ପୁଣି ଏବେ ଅଧିବେଶନ ଆରମ୍ଭ ଅବଶ୍ୟ ଓଡ଼ିଶାର ଭବିଷ୍ୟତ ଜଣାଇଦେବେ ପୁଣି ଏଥି କହୁଛନ୍ତି, ଯେ ଗୋଲଟେବୁଲ ପ୍ରତିନିଧିମାନେ। ଭୁମ୍ବେମାନେ ଯାହାକର ପଛକେ ଏଇ ଉଲ୍ଲିଖ ପ୍ରଦେଶମାନଙ୍କର ବିଶେଷତଃ ଓଡ଼ିଶା ଓ ସିନ୍ଧୁ ହେଲେ ସେମାନଙ୍କର ଯେଉଁ ଅର୍ଥାଭାବ ହେବ ତାର ଉପର ପ୍ରତିକାର ହେବ ସମ୍ଭବ କହୁଛନ୍ତି। ପୁଣି ମଧ୍ୟ କହୁଛନ୍ତି ସେ ପ୍ରଦେଶ ମାନଙ୍କୁ ଅର୍ଥ ସାହାଯ୍ୟ କରିବା ଉଚିତ। ନିଶ୍ଚୟ କରୁଛ ତାହାନ୍ତୁ କରିବ ଆଇନରେ

ସେଥିର ସ୍ଥାନ ପାଇବ। ଅବଶ୍ୟ ଏକାଧିକ ଟଙ୍କା ଆଗ୍ରହ କରୁ ଓଡ଼ିଶା ସ୍ୱତନ୍ତ୍ର ହେବ କି ନାହିଁ ସେ ସମ୍ବନ୍ଧରେ ନିଶ୍ଚିତ କହିବାକୁ ଏବେ ସମୟ ନାହିଁ କି? କହିଛି ଆଉ କେଣି ଯେ ସୀମାନିର୍ଦ୍ଧେଶ କମିଟି ଦ୍ୱାରା ନିରୂପିତ ୩୪ ଲକ୍ଷ ଟଙ୍କାର ଓଡ଼ିଶାର ବାର୍ଷିକ ଅନଟନ ହେବ ଏପରିକି ଜଣା ପଡ଼ୁଛି ସେ ସେମାନଙ୍କ ଭବିଷ୍ୟ ସୀମା ସେ ଗ୍ରହଣ କରୁଛନ୍ତି। କିନ୍ତୁ ପୁଣି ସେହି ଅନିର୍ଦ୍ଦିଷ୍ଟତାକୁ ଭଲେ ଦୂରକୁ ନାହାନ୍ତି କାହିଁକି? ପ୍ରାଦେଶିକ ସରକାର ଓ ଭାରତ ସରକାରର ତାଙ୍କ ମନ୍ତବ୍ୟ ପଠାଇଲେଣି। ଭାରତସଚିବ ପୁଣି ଏତେ ଅବହେଳା ପ୍ରଦର୍ଶନ କରୁଅଛନ୍ତି କାହିଁକି? ଯେତେ ବଙ୍ଗଦେଶ ତିନିକୋଟି, ଆସାମ ୭୦ଲକ୍ଷ, ବିହାର ୭୫ଲକ୍ଷ, ସୀମାନ୍ତ ଏକ କୋଟି ଓ ସିନ୍ଧୁ ୭୫ଲକ୍ଷ ଟଙ୍କା ସାହାଯ୍ୟ ପାଇପାରନ୍ତି, ଓଡ଼ିଶା ପକ୍ଷରେ ୩୫ଲକ୍ଷ ଟଙ୍କା ତାର ତୁଳନାରେ କିଛି ନୁହେଁ। କଲିକତାର ସ୍ୱରାଜଦଳ ଏପରି ଉଦ୍ଦେଶ୍ୟରେ ଯଥେଷ୍ଟ ପକ୍ଷପାତ କରୁଅଛନ୍ତି ଓ ଓଡ଼ିଶାର ଦାବି ଉପସ୍ଥାପିତ କରୁଅଛନ୍ତି। ଆଶା କରାଯାଏ ଏହି ଭଦ୍ରଲୋକ ପୂର୍ବରୁ ଓଡ଼ିଶା ସମ୍ବନ୍ଧରେ ଯାହା ଗୋଟାଏ ଶେଷ ନିଷ୍ପତ୍ତି ହୋଇଯିବ।

## ଶିଶୁ ଅପହରଣ

### କଲିକତାରେ ଆତଙ୍କ

କଲିକତା ସହରର ଛାଇତୋଳା ଅଞ୍ଚଳରେ ଏକ ମହା ଆତଙ୍କ ଉପସ୍ଥିତ ହୋଇଛି। କେତେକ ସପ୍ତାହ ହେଲା କେତେକ ଗୋଟି ଶିଶୁ ଅପହରଣ ଘଟଣା ଘଟିଯାଇଛି। ପ୍ରତ୍ୟେକ ଘଟଣାରେ ଦେଖାଯାଉଛି ଯେ ଜଣେ ଯୁବକ ବେଶ ପରିଧାନ କରି ରାସ୍ତାରେ ଖେଳୁଥିବା ପିଲାମାନେ ଦେଖୁଥିବା ସ୍ଥାନରେ ପହଞ୍ଚି ସେମାନଙ୍କୁ ନାନାଦି ପ୍ରଲୋଭନ ଦେଖାଇ ଭୁଲାଇନେଇ ଚମ୍ପଟ କରୁଛି।

## ମରୁଭୂମିରେ ନର କଙ୍କାଳ

ଲିବିଆର ମରୁଭୂମିରେ ଏକ ଯାଗାରେ ୨୦୦ ନର କଙ୍କାଳ ଏକ ସ୍ଥାନରେ ପଡ଼ିଥିବାର ଦେଖା ଯାଇଛି। ସମ୍ଭବତଃ ଜଳ ଅଭାବରୁ ସେମାନଙ୍କର ମୃତ୍ୟୁ ଘଟିଛି।

## ଯୁଦ୍ଧ ଋଣ

ଗତ ମହାଯୁଦ୍ଧରେ ଆମେରିକା ଯୁକ୍ତରାଷ୍ଟ୍ରରୁ ଇଉରୋପର ଅନେକ ରାଜ୍ୟ ଆମେରିକାଠାରୁ ଋଣ ଗ୍ରହଣ କରିଥିଲେ। ସେ ଋଣ ପରିଶୋଧ ନିମନ୍ତେ ଚୁକ୍ତି ହୋଇଥିଲା ଯେ ବାର୍ଷିକ ସୁଧ ମୂଳର ମ କିସ୍ତି କିଛି କିଛି କରି ସେ ରାଜ୍ୟମାନେ ଦେଣାପରିଶୋଧ କରିବେ। ଏତଦ୍ ପ୍ରକାରରେ କାର୍ଯ୍ୟ ଚାଲିଲା। ଗତ ବର୍ଷ ସେ ଦେଶମାନଙ୍କର ଆର୍ଥିକ ଦୁର୍ଦ୍ଦଶା ଦେଖି ଆମେରିକାର ପ୍ରେସିଡେଣ୍ଟ ହୋଭର ଅସ୍ଥାୟୀ ଭାବରେ ସେମାନଙ୍କ ଗତବର୍ଷ କିସ୍ତି ଟଙ୍କା ପରିଶୋଧରୁ ଅବ୍ୟାହତି ଦେଇଥିଲେ। ଏବର୍ଷ କିନ୍ତୁ ଆମେରିକା ତାହା ପୁନର୍ବାର ଦାବି କରୁଛନ୍ତି ଯେ କିସ୍ତି ମୁତାବକ ସମସ୍ତ ଟଙ୍କା ଡିସେମ୍ବର ୧୫ ତାରିଖରେ ଦେବାକୁ ହେବ।

## ଭାରତରେ
# ଅଛୁଆଁ ଦିବସ

### ତା ୧୮ ରିଖ ଡିସେମ୍ବରରେ ପାଳିତ ହେବ

ଆଗାମୀ ୧୮ ତାରିଖରେ ଭାରତ ସମସ୍ତ ଅସ୍ପୃଶ୍ୟତା ନିବାରଣ ଦିବସ ପାଳିତ ହେବ ବୋଲି ମହାତ୍ମାଗାନ୍ଧି ଦେଶବାସିଙ୍କ ଠାରେ ଅବେଦନ କରିଛନ୍ତି। ଏହି ଦିନ ଭାରତରେ କାର୍ଯ୍ୟହେବ, ତାହା ନିମ୍ନ ନିର୍ଦ୍ଦେଶରେ ପ୍ରକାଶ ପାଇଛି।

ଘରଘର ବୁଲି ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟପାଇଁ ଧନ ସଂଗ୍ରହ।

କେତେଜଣ ହିନ୍ଦୁ ବର୍ଣ୍ଣର ହିନ୍ଦୁ ଅଛୁଆଁଙ୍କ ପରିଷ୍କାର ପରିଚ୍ଛନ୍ନ କରି ଅନ୍ୟମାନଙ୍କୁ ଉଦାହରଣ ଦେଖାଇବା।

ଛୁଆଁ ଅଛୁଆଁ ଲୋକେ ମିଶି ସଭା ଡାକିବେ ଛୁଆଁ ଅଛୁଆଁ ପିଲାମାନେ ଏକାଠି ଖେଳିବେ। ସର୍ବ୍ବଜନ ଭୋଜସାଙ୍ଗ ବାହାରିକରି ଛୁଆଁ ଅଛୁଆଁ ଏକତ୍ରେ ବୁଲିବେ।

ଅସ୍ପୃଶ୍ୟତା ନିବାରଣ ଉଦ୍ଦେଶ୍ୟରେ ସ୍ଥାନେ ସ୍ଥାନେ ସଭା ସମିତି ହେବ ଓ ଉପାସନା ହେବ, ଦେଉଳରେ ଓ ଗୁରୁଦ୍ୱାର ମନ୍ଦିରରେ ଅଛୁଆଁଙ୍କ ପ୍ରବେଶ ସମ୍ବନ୍ଧେ ପ୍ରସ୍ତାବମାନ ଗ୍ରହଣ କରାଯିବ।

## ବାଙ୍କିପୁରରେ ଓଡ଼ିଆନାଟକ ଅଭିନୟ

ବାଙ୍କିପୁରରେ ପାଟନା ମେଡ଼ିକେଲ କଲେଜ ଓଡ଼ିଆ ଛାତ୍ରମାନେ କୋଣାର୍କ ନାଟକର ଅଭିନୟ କରିଥିଲେ।

## ବାଲେଶ୍ୱରର ୧୬୦୯ଜଣ ବନ୍ଦୀ

ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱରରୁ ୧୬୦୧ ଜଣ ଜେଲ ଯାଇଛନ୍ତି। ଏଥିରେ ୧୨୫ ଜଣ ମହିଳା ଅଛନ୍ତି।

## ବଡ଼ଲାଟଙ୍କ ସାନ୍ତ୍ୱନା ବାଣୀ

### ଗଡ଼ଜାତ ରାଜାମାନଙ୍କ ଉଦ୍‌ବେଗ

ଲର୍ଡ ଉଇଲିଙ୍ଗଡନ ଏହି ମଧ୍ୟରେ ଇନ୍ଦୋର ରାଜ୍ୟକୁ ଶୁଭାଗମନ କରିଥିଲେ। ସେଠାରେ ସେ ଅଭିନନ୍ଦନ ଉତ୍ତରରେ ଗଡ଼ଜାତ ରାଜାମାନଙ୍କ ପ୍ରବୋଧ ଦେଇ କହିଥିଲେ ଯେ ନୂତନ ଗଠା ହେଉଥିବା ଭାରତ ସଂଘ ସଙ୍ଗରେ ସେହି ମାନଙ୍କର ଉଚ୍ଚ ପ୍ରକାର ସ୍ଥାନ ହେବ ଏବଂ ସେମାନଙ୍କର ନିଜ ନିଜ ରାଜ୍ୟରେ କ୍ଷମତା ଅକ୍ଷୁଣ୍ଣ ରହିବନାହିଁ ଏ ବିଷୟରେ ଅନେକ ଗଡ଼ଜାତର ରାଜାଙ୍କର ଦୁର୍ଭାବନା ପ୍ରକାର ବୋଧହୁଏ। ସେହି ମାନଙ୍କର ସମ୍ମାନ, କ୍ଷମତା ଏବଂ ସ୍ୱାର୍ଥ ବଜାୟ ରହିବା ନିମନ୍ତେ ସରକାର ନିଶ୍ଚୟ ଗୋଲଟେବୁଲ ବୈଠକକୁ ଖୁବ କମ ସଂଖ୍ୟକ ପ୍ରତିନିଧି ଯାଇଥିବା ସତ୍ତ୍ୱେ ଓ ଗଡ଼ଜାତ ତରଫରୁ ପ୍ରତିନିଧିଙ୍କୁ ଖୁବ ବେଶି ପରିମାଣରେ ସ୍ଥାନ ଦେଇଛନ୍ତି। ସରକାର ସର୍ବଦା ଏ ବିଷୟରେ ଦୃଷ୍ଟି ଦେଉଛନ୍ତି ଏବଂ ଆଶା କରନ୍ତି ସେହି ମାନଙ୍କର ଦାବି ପୂର୍ଣ୍ଣ ମାତ୍ରାରେ ସୁରକ୍ଷିତ ହେବ।

Digitized by srujanika@gmail.com

# କଟକ ମ୍ୟୁନିସିପାଲିଟି

## କମିସନର ନିର୍ବାଚନ

କଟକସହର ବାସିନ୍ଦାମାନେ ଗତ ଜାନୁଆରୀରେ ନିର୍ବାଚନରେ କଟକ ମିଉନିସିପାଲିଟିର କମିସନର ପଦରେ ନିର୍ବାଚିତ ହୋଇଅଛନ୍ତି :—

### ୧ ନମ୍ବର ୱାର୍ଡ

ବାବୁ ଚିନ୍ତାମଣି ଦାସ

କନିକା ଟିକାଏତ ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜ ଦେଓ

### ୨ ନମ୍ବର ୱାର୍ଡ

ବାବୁ ଲକ୍ଷ୍ମଣ ସ୍ୱାଇଁ

„ ସୁଶୀଳଚନ୍ଦ୍ର ପାଲିତ

### ୩ ନମ୍ବର ୱାର୍ଡ

ବାବୁ ଅଖିଳଚନ୍ଦ୍ର ରାଓ

„ ସୁଶୀଳଚନ୍ଦ୍ର ବସୁ ଚଉଧୁରୀ

### ୪ ନମ୍ବର ୱାର୍ଡ

ଦେବାନ ବାହାଦୁର ଗୌରୀକୃଷ୍ଣ ମହାପାତ୍ର

ବାବୁ ପରମେଶ୍ୱର ମହାନ୍ତି

### ୫ ନମ୍ବର ୱାର୍ଡ

ବାବୁ ପଞ୍ଚାନନ ଚକ୍ରବର୍ତ୍ତୀ

„ ରଙ୍ଗଲାଲ ମାରୱାଡ଼ି

### ୬ ନମ୍ବର ୱାର୍ଡ

ବାବୁ ଅକାଣି ପୋମଶେଖରମ୍

ମଉଲବି ସେଖ ଅବଦୁଲ ଗନି

### ୭ ନମ୍ବର ୱାର୍ଡ

ବାବୁ ମଣି ସାହୁ

ଲାଲ ନଗେନ୍ଦ୍ରକୁମାର ବସୁ

### ୮ ନମ୍ବର ୱାର୍ଡ

ଖାଁ ବାହାଦୁର ମଉଲବି ଅହେମଦ ବକ୍ସ

ପଣ୍ଡିତ ଲିଙ୍ଗରାଜ ନନ୍ଦ

### ୯ ନମ୍ବର ୱାର୍ଡ

ବାବୁ ରୁଦ୍ରଚରଣ ମହାନ୍ତି

„ ଜଗନ୍ମୋହନ ମିଶ୍ର

### ୧୦ ନମ୍ବର ୱାର୍ଡ

ବାବୁ ଚିନ୍ତାମଣି ଆଚାର୍ଯ୍ୟ

„ ଦେବେନ୍ଦ୍ରକିଶୋର ଦାସ

### ୧୧ ନମ୍ବର ୱାର୍ଡ

ବାବୁ ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ

„ ସ୍ନେହମୂର୍ତ୍ତି ଅରେଣ୍ଡା

### ୧୨ ନମ୍ବର ୱାର୍ଡ

ମିଃ ରୁସ୍ତ ଉଦ୍ଦିନ।

ମଉଲବି କାସିମ ଅଲ୍ଲୀ

ଶେଷୋକ୍ତ ମହାଶୟ ବିନା ଭୋଟରେ ନିର୍ବାଚିତ ହୋଇଅଛନ୍ତି।

—❀—

## ଭାରତର ସର୍ବାପେକ୍ଷା ଶସ୍ତା ସହର

ସରକାରୀ ରିପୋର୍ଟରୁ ପ୍ରକାଶ ହେଉଛି ଓଡ଼ିଶା ପ୍ରଦେଶ ମଧ୍ୟରେ କଟକ ସବୁଠାରୁ ଭାରତର ସର୍ବାପେକ୍ଷା ଶସ୍ତା ସହର, ସବୁ ଜିନିଷ ପତ୍ର ଖାଦ୍ୟ ଦ୍ରବ୍ୟ ଇତ୍ୟାଦି ଏଠାରେ ଶସ୍ତା ଦରରେ ମିଳେ ବୋଲି ପ୍ରକାଶ।

—❀—

### ସମ୍ପାଦକଙ୍କ

# ବିରୁଦ୍ଧରେ ମକଦ୍ଦମା

## କଲିକତା ଅମୃତ ବଜାର ପତ୍ରିକା

ମେଦିନୀପୁର ମାଜିଷ୍ଟ୍ରେଟ ହତ୍ୟା ମୋକଦ୍ଦମା ସମ୍ପର୍କରେ କେତେକ କଥା ପ୍ରକାଶ କରିଥିବା ଅଭିଯୋଗରୁ କଲିକତା ହାଇକୋର୍ଟ ବଞ୍ଚରେ ସମ୍ପାଦକ ଏବଂ ପ୍ରକାଶକ ଉଭୟଙ୍କୁ ଅପରାଧ କରି ନୋଟିସମାନ ହୋଇଛି।

—

## ମାଟିତଳେ ଗଛ

ବଙ୍ଗଦେଶ ପାଟିଆ ପାହାଡ ନିକଟରେ ମାଟି ତଳେ ଏକପ୍ରକାର ଗଛ ଦେଖାଯାଉଛି। ଏ ପ୍ରକାର ଗଛର ଉଚ୍ଚତା ପ୍ରାୟ ଉନ୍ନିଶହାତ ଏବଂ କେବଳ ଦୁଇ ହାତ, ମାଟି ଉପରେ ଥିବା ଗଛମାନଙ୍କ ପତ୍ର ଡାଳପତ୍ର ସବୁ ଠିକ। ଲୋକେ ମାଟି ଖୋଳି ଗଛ ହାଣିନେଇ କାମ କରୁଛନ୍ତି।

—

## ନିଖିଳ ଉତ୍କଳ ମୁସଲମାନ ସମ୍ମିଳନୀ

### ସମ୍ବଲପୁର ଅଧିବେଶନ

ନିଖିଳ ଉତ୍କଳ ମୁସଲମାନ ସମ୍ମିଳନୀର ଅଧିବେଶନ ସମ୍ବଲପୁରଠାରେ ମିଃ ଏ, କେ, ଫଜଲୁଲ ହକଙ୍କ ସଭାପତିତ୍ୱରେ ହୋଇଯାଇଛି। ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ପର୍କରେ ଏଥିରେ ସମର୍ଥନ ଜଣାଇଛନ୍ତି। ମୂଳ ପ୍ରସ୍ତାବ ହେଲା ଯେ ଓଡ଼ିଶାର ମୁସଲମାନମାନେ ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶ ଗଠନ ବିଷୟରେ ଏକମତ ହେବେ ଯଦି ସେମାନଙ୍କର ନିମ୍ନଲିଖିତ ଦାବିମାନ ଗ୍ରାହ୍ୟ ହୁଏ।

୧। ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଦ୍ୱାରା କାଉନସିଲ ଓ ଲୋକେଲ ବୋର୍ଡମାନଙ୍କୁ ପ୍ରତିନିଧି ନିର୍ବାଚନ ହେବ।

୨। ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ହିନ୍ଦୁମାନଙ୍କୁ ଯେପରି ବିଶେଷ ସୁବିଧା ଦିଆଯିବା ପ୍ରସ୍ତାବ ହୋଇଛି ଓଡ଼ିଶାରେ ମଧ୍ୟ ସେହିପରି ହେବ।

୩। ସରକାରୀ କର୍ମଚାରୀ ନିଯୁକ୍ତିରେ ଶତକଡ଼ା ୨୦ ସ୍ଥାନ ମୁସଲମାନଙ୍କୁ ଦିଆଯିବ।

୪। ମୁସଲମାନଙ୍କ ଶିକ୍ଷାପାଇଁ ଶତକଡ଼ା ୨୫ ଟଙ୍କା ଖର୍ଚ୍ଚ କରାଯିବ।

୫। ପ୍ରାଇମେରୀ ଓ ହାଇସ୍କୁଲରେ ଉର୍ଦ୍ଦୁ ଓ ଇଂରାଜୀରେ ମୁସଲମାନ ବାଳକ ବାଳିକାଙ୍କୁ ଶିକ୍ଷା ଦିଆଯିବ।

୬। କେନ୍ଦ୍ର ବ୍ୟବସ୍ଥାପକ ସଭାକୁ ଅନ୍ତତଃ ଜଣେ ହେଲେ ମୁସଲମାନ ଯିବ।

୭। ପ୍ରାଦେଶିକ ମନ୍ତ୍ରୀ ମଣ୍ଡଳରେ ଅନ୍ତତଃ ଜଣେ ମୁସଲମାନ ମନ୍ତ୍ରୀ ନିଯୁକ୍ତ ହେବେ।

—❀—

## ବଙ୍ଗରେ ହତ୍ୟାକାଣ୍ଡ

୧୯୩୧ ଅକ୍ଟୋବର ଠାରୁ ୧୯୩୨ ଅକ୍ଟୋବର ମାସ ମଧ୍ୟରେ ବଙ୍ଗଦେଶରେ ବିପ୍ଳବୀମାନଙ୍କ ଦ୍ୱାରା ୧୪୨ଟି ସ୍ଥାନରେ ରାଜନୈତିକ ହତ୍ୟାକାଣ୍ଡ ଘଟିଥିଲା।

—❀—

## ପ୍ରାପ୍ତ

ଓଡ଼ିଶା କୃଷକମାନଙ୍କର ଧାନ ଫସଲ ଏକମାତ୍ର ନିର୍ଭରଯୋଗ୍ୟ ବୋଲି କହିଲେ ଚଳେ। ଚଳିତ ବର୍ଷ ଆଷାଢ଼ ଶେଷରେ ବର୍ଷା ହେବାରୁ ଧାନଗଛ ଅନେକ ମାରିହେଲା ଏପରିକି ସ୍ଥଳ ବିଶେଷରେ ସ୍ୱଳ୍ପଅଣା ଅଂଶରେ ମୁଣ୍ଡା ଗଛ ଉଠିଲା ନାହିଁ। କୃଷକମାନେ ବହୁ ପରିଶ୍ରମ କରି ରୋଇବା ଦ୍ୱାରା ଏହି ସ୍ଥଳକୁ କେତେକ ଅଂଶରେ ପୂରଣ କରିଥିଲେ ହେଁ କାର୍ତ୍ତିକମାସ ଆଦ୍ୟରେ ଲଘୁଧାନ ଫୁଲ ହେଲାବେଳେ ପବନ ହେବାରୁ ଫୁଲ ଝଡ଼ିଯାଇ ଅନେକ ଅଗାଡ଼ି ହୋଇଗଲା। କୋଳଥ ବିରି ଇତ୍ୟାଦି ରବି ଫସଲର ମଧ୍ୟ ଅନେକ ନୁକସାନ ହେଲା। ବଳଦ ଅଭାବରୁ ଏକେବାରେ ନଷ୍ଟ କରିଦେଲା। କୃଷିଲବ୍ଧ ଶସ୍ୟର ମୂଲ୍ୟ ଦିନକୁ ଦିନ ହ୍ରାସ ହେବାରେ ଲାଗିଛି। ଖଜଣା ଜମାଦାର ଚୌକିଦାରୀ ଟାକ୍ସ ପୂର୍ବପରି ରହିଛି। ଫସଲ ଶସ୍ତା ହେବା ଦିନଠାରୁ ଅଧିକାଂଶ କୃଷକ ଖଜଣା ଦେଇପାରୁ ନଥିବା ହେତୁ ଜମିଦାରମାନେ ନାଲିଶ କରିବାରେ ଲାଗିପଡ଼ିଲେଣି। ଏପରି ଅବସ୍ଥାରେ ଭଲ ସବୁ ଉପରୁ ଅଦାୟ ହେବେ ଏହା ଭାବି ଭାବି ବ୍ୟାକୁଳହୋଇ ଦୀର୍ଘ ନିଶ୍ୱାସ ପକାଉଛନ୍ତି। "କର୍ଣ୍ଣ ଉଦ୍ଧାର" ଏହି ଦରିଦ୍ର ପକ୍ଷପର ମନ୍ତ୍ର ଜପକରିବା ଏକମାତ୍ର କାର୍ଯ୍ୟ ହୋଇଅଛି। ଏଥିରୁ ଉଦ୍ଧାର କରିବା ବିଷୟରେ ଆମ୍ଭମାନଙ୍କର ନେତୃସ୍ଥାନୀୟ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ଉଦାସୀନ। ବର୍ତ୍ତମାନ କୃଷିକୁଳ ଯେ ଜୀବନ ମରଣ ସମସ୍ୟାରେ ପଡ଼ିଛି ଏହାଙ୍କଠାରୁ ମୁକ୍ତ କରିବାର ପ୍ରତିକାରପାଇଁ ସେମାନଙ୍କର ପାଟି ଫିଟିଲା ନାହିଁ। ସେମାନଙ୍କର ସମୟ ଓ ଅର୍ଥକୁ ଆଳସ୍ୟ ଓ ବିଳାସିତାରେ ବ୍ୟୟ କରୁଥିବା ହେତୁ ଆମ୍ଭମାନଙ୍କ ବିଷୟ ଭାବିବାକୁ ସେମାନଙ୍କର ଅବସର ନାହିଁ କିମ୍ବା ଦେଶପାଇଁ ଶକ୍ତି ସାମର୍ଥ୍ୟ ବ୍ୟୟ କରିବାକୁ ଅର୍ଥମଧ୍ୟ ନାହିଁ। ତେବେ ଆମ୍ଭମାନଙ୍କ ଠାରୁ ଭୋଟନେଇ ସ୍ଥାନଟିମାନ ଅଧିକାର କରିବାରେ ଅବହେଳା କରିବା ଦ୍ୱାରା ପାପ କରୁ ନାହାନ୍ତି କି? ଉପରୋକ୍ତ ଅବସ୍ଥା ବୃଷ୍ଟେ ମୁଁ କୃଷକଭାଇ ମାନଙ୍କ ପକ୍ଷରୁ ସେମାନଙ୍କୁ ଅନୁରୋଧ କରୁଅଛି କି ସେମାନେ ଏଣିକି ଏ ପାପ କରିବାକୁ ଭରିଗଲେ ହୁଏତ—ନାହିଁ, ସବୁ ଜାଣନ୍ତୁ। ଜାଣିବାକୁ 'ଅମର କେତେଜଣ' ଏବଂ କୃଷକ ଭାଇମାନଙ୍କୁ ଅନୁରୋଧ ଯେ ସେମାନେ "ଯଦି ଦେବେ ଯେ ବିଜ୍ଞ ସେ ପ୍ରକୃତ ଜନ" ଏହିଥିରୁ ଭଲକରି ମନେ ରଖନ୍ତୁ। ଇତି।

ବଶମ୍ବଦ

ଶ୍ରୀ ସୁରେନ୍ଦ୍ରନାଥ ଚୌଧୁରୀ

ସମ୍ପାଦକ

ଉତ୍କଳ କୃଷକ ସମିତି

ଗ୍ରାମ ଦୋଣଳ ପୋଃ ବମପୁର

। ଜିଃ। କଟକ

ତା ୪। ୧୨। ୧୯୩୨ ମସିହା

—❀—

କଟକ ମ୍ୟୁନିସିପାଲିଟିର କମିଶନର ନିର୍ବାଚନ ଶାଳି ଶେଷ ହୋଇଗଲା । ସେଠାରେ ଉଭୟର ପ୍ରାଣ ଭୟରୁ, ଟଙ୍କା ପଇସା ବ୍ୟୟରେ, ବର୍ତ୍ତମାନ ସେ ସବୁ ଗତ ଇତିହାସ । ଏଥିରେ ସ୍କୁଲର ଚେଅରମେନ, ଭାଇସ୍ ଚେୟାରମେନ୍ ଏବଂ ପ୍ରେସିଡେଣ୍ଟ ନିର୍ବାଚନ ଯାଇ । ଗତ ଚାରିବର୍ଷରେ ମ୍ୟୁନିସିପାଲିଟି ଅବସ୍ଥା ଯାହା ଥିଲା ତାହା ଦେଖି ଆମ ଓଡ଼ିଆ ପୁଅଙ୍କର ସ୍ୱାୟତ୍ତ ଶାସନର ଅଯୋଗ୍ୟତା ସ୍ପଷ୍ଟ ପ୍ରତୀୟମାନ ହୁଏ । ଭୋଟଦାତାଙ୍କ ମଙ୍ଗଳଚିନ୍ତା ଦୂରରେ ରହୁ ସେମାନେ କେବଳ ନିଜର ସ୍ୱାର୍ଥଚିନ୍ତା, ଦଳାଦଳି, ଓଡ଼ିଆ ବଙ୍ଗାଳୀ ବିଦ୍ୱେଷ, ଏଥିରେ ବ୍ୟସ୍ତ ଥିଲେ । ଏଥର ଜଣେ କେହି ନୂଆ ଲୋକ କମିଶନର ନିର୍ବାଚିତ ହୋଇଅଛନ୍ତି । ସେମାନେ ଯଦି ପୂର୍ବ କମିଶନରଙ୍କର ପଦାଙ୍କ ଅନୁସରଣ କରନ୍ତି ତେବେ କଟକ ନଗରବାସୀଙ୍କ ଭଲଙ୍କ ବୁଝିବାର ସ୍ଥାନ ନାହିଁ । ଏହି ମଧ୍ୟରେ ଜଣେ କେହି ଲୋକ ଚେୟାରମେନ୍ ଭାଇସ୍ ପଦପାଇଁ ଠକ୍ ଠକ୍ ହୋଇ ଯାଉଅଛନ୍ତି । ବର୍ତ୍ତମାନ କମିଶନରମାନଙ୍କ ପକ୍ଷରେ ଏକ ବିଷମ ସମସ୍ୟା ସେମାନେ ନିର୍ବାଚିତ ହୋଇଥିବା ଅତି ସ୍ୱାର୍ଥପର ଓ ଉପଯୁକ୍ତ ବ୍ୟକ୍ତିଙ୍କ, କର୍ମକର୍ତ୍ତା ନ କଲେ ମିଉନିସିପାଲିଟି ଅବନତି ହେବା ସମ୍ଭାବନା—ସେଥିକି ମନୋଯୋଗ ଦେଇ ନିର୍ବାଚନ କରନ୍ତୁ । କମିଶନରମାନେ ଭୋଟ ଦାତାଙ୍କ ପ୍ରତିନିଧି । ଅତଏବ ସେମାନେ ନିଜର କାର୍ତ୍ତିଗତ ମତ ଛାଡ଼ି ଯଦି ଓ୍ୟାର୍ଡ଼ର ଭୋଟଦାତାଙ୍କ ମତ ଅନୁସାରେ ନେଇ ତେବେ ଅନୁସାରେ ଚେଅରମେନ୍, ଭାଇସ୍ ଚେଅରମାନ୍ ପଦପାଇଁ ଲୋକ ନିର୍ବାଚନ କରନ୍ତୁ ଅନେକ ସୁବିଧା ହେବ । ଏଥିପାଇଁ ପ୍ରତି ଓ୍ୟାର୍ଡ଼ରେ ଭୋଟଦାତା ସମିତି ଗଠନ କରି ସେମାନଙ୍କର ମତାମତ ପ୍ରତି ଦୃଷ୍ଟିରେ ଲେଖି, ତାଙ୍କର ପରାମର୍ଶ ମତେ କାର୍ଯ୍ୟ କଲେ ସହର ବାସୀଙ୍କ ହିତ ହେବ । ଅତଏବ ଏହା ଦ୍ୱାରା ସାଧାରଣ କମିଶନରମାନେ ଓ ଭୋଟଦାତାଙ୍କ ମତାମତ ନ ଶୁଣି ଆପଣା ଇଚ୍ଛାରେ ନାନାଦି ଯେତେ ଅନର୍ଥ ସୃଷ୍ଟି କରନ୍ତି । ମୋର ବିଶ୍ୱାସ ଏବଂ ସବୁ ନିର୍ବାଚିତ କମିଶନରଙ୍କୁ ପ୍ରାର୍ଥନା ଯେ ସେମାନେ ଏଥର କ୍ଷୁଦ୍ର ସଂକୀର୍ଣ୍ଣତା ଏବଂ ସ୍ୱାର୍ଥପରତା ଛାଡ଼ି ଭୋଟଦାତାଙ୍କ ସୁବିଧା ବୁଝି କାମ କରିବେ । ସେଉଁମାନେ ଚେଅରମେନ୍ ଭାଇସ୍ ଚେଅରମେନ ଏବଂ ପ୍ରେସିଡେଣ୍ଟ ହେବାକୁ ଚାହାନ୍ତି ସେମାନଙ୍କ ନାମଧାମ ଜାଣି ନିଜ ନିଜ ଓ୍ୟାର୍ଡ଼ର ପ୍ରତ୍ୟେକ ଲୋକ ତାହାଙ୍କୁ ଶୁଣାଇ ତାଙ୍କର ମତ ଗ୍ରହଣ କରିବେ । ଓ୍ୟାର୍ଡ଼ର ବହୁମତ ଯେଉଁ ଲୋକ ଅନୁମତି ହେବ ତାଙ୍କୁ ଭୋଟ ଦେଇ କର୍ମକର୍ତ୍ତା କରିବେ । ଏପରି ହେଲେ ସବୁ ନଷ୍ଟ ହୁଅନ୍ତା । ଇତି ।

ଶ୍ରୀ ନଗେନ୍ଦ୍ର କୁମାର ଦାସ

—

## ଓଡ଼ିଶା ଭୂମ୍ୟଧିକାରୀ ସଭା

ଗତ ସପ୍ତାହରେ ଆମ୍ଭେ ଅନୁ ପକ୍ଷ ପ୍ରଚାର କରିବାକୁ ଭୂମ୍ୟଧିକାରୀ ସଭା ଆପଣଙ୍କ ନିକଟ ଲେଖିଥିଲୁ । ଗତ ସପ୍ତାହରେ ଆମ୍ଭେ ଜଣାଇଥିଲୁଁ ଯେ ସଭାର ଏକ ବୈଠକରେ ଖଜଣା ଓ ସ୍ୱଳଷ୍ଟ ଶତକଡ଼ା ୫୦ଙ୍କା ପରିମାଣ ମାଫ ଦେବା କାରଣ ଗଭର୍ଣ୍ଣମେଣ୍ଟଙ୍କ ନିକଟ ଆବେଦନ କରିବା ଓ ମଧ୍ୟ ତାକ ଖଜଣା ବୃଦ୍ଧି ମକଦ୍ଦମାମାନଙ୍କରେ ପ୍ରକାର ଜମି ନିଲାମ ପ୍ରାର୍ଥନା ଦଖଲରେ ନିଲାମ ନୋଟିସମାନ ସଭ୍ୟମାନଙ୍କରେ ଛପାଇବା କାରଣ ଯେ ଏହି ସଭାରେ ୫୦ଙ୍କା ରଖାଯାଇଅଛି ତାହା କମ କରାଯିବା କାରଣ ଆବେଦନ କରିବା ନିମନ୍ତେ ସଭା ସ୍ଥିର କରିଥିଲେ । ତଦନୁସାରେ ଆବେଦନ ପତ୍ରର କପି ପ୍ରସ୍ତୁତ ହୋଇ ପୁରୀ, ବାଲେଶ୍ୱର, ସମ୍ବଲପୁର, କେନ୍ଦ୍ରାପଡ଼ା ଓ କଟକର କେତେକ ପ୍ରଧାନ ଜମିଦାରଙ୍କ ନିକଟ ପଠାଯାଇଅଛି ଏବଂ ତାଙ୍କର ମତାମତ ଜଣାଇବା କାରଣ ଅନୁରୋଧ କରାଯାଇଅଛି ।

ନଭେମ୍ବର ୧୫ ତାରିଖ ଖଜଣା ପ୍ରଜାମାନେ ଉପରୁ କଷ୍ଟରେ ଅଭାବ ଦେଇଅଛନ୍ତି ଓ ଜମିଦାର ମଧ୍ୟ ଉପରୁ କଷ୍ଟରେ ରାଜସ୍ୱ ଦେଇଅଛନ୍ତି ଓ ଅନେକେ ମଧ୍ୟ ବାକି ରଖିଅଛନ୍ତି ତାହା ସମସ୍ତଙ୍କୁ ଅବିଦିତ ନାହିଁ । ଅକ୍ଟୋବର ମାସରେ ବୃଷ୍ଟି ନ ହେବାରୁ ଧାନ ଫସଲ କେତେକ ପରିମାଣରେ ନଷ୍ଟ ହେଲା ପରେ ଅସମୟରେ ବୃଷ୍ଟି ଯୋଗୁଁ ରବି ଫସଲ ସବୁ ନଷ୍ଟ ହେଲା । ଧାନ ଫସଲ ମଧ୍ୟ ହାରାହାରି ଅଠଅଣ ନଷ୍ଟ ହେଲା । ଲାଟସାହେବ ଠିକ ସମୟରୁ ଏପରି ଘଟିବାରୁ ପ୍ରଜାମାନେ ଏଥିପାଇଁ କବାଟ ପାଡ଼ କଲା ରହି ମହାଜନଠାରୁ ଟଙ୍କା ଆଣି ରାଜସ୍ୱ ମାଫ ନ କଲା ତାହାଠାରୁ କମ ଅଣି ଦେଲେ, ଜମିଦାର ମଧ୍ୟ କୌଣସି ପ୍ରକାରେ ରାଜସ୍ୱ ଦେଲେ । ଅନେକେ ପୂର୍ଣ୍ଣ ରାଜସ୍ୱ ଦେଇ ପାରିଲେ ନାହିଁ । ଆସନ୍ତା ଅପ୍ରେଲ କିସ୍ତିରେ ଯେ କ ଅବସ୍ଥା ହେବ ତାହା ଅନୁମାନ କରିପାରିବେ । ଏହି ସମୟରେ ସାଧାରଣତଃ ଅପ୍ରେଲ କିସ୍ତରେ ଖଜଣା ପୂର୍ଣ୍ଣ ଅଦାୟ ହୁଏନାହିଁ । ଯେ ସାମାନ୍ୟ ଫସଲ ପ୍ରଜା ପାଇବେ ତାହା କମ ମୂଲ୍ୟରେ ବିକ୍ରି କଲେ ତାଙ୍କର ନିଜର ଭରଣ ପୋଷଣକୁ ଅଣଣ୍ଟ ହେବ । ଅପ୍ରେଲ କିସ୍ତିର ଖଜଣା କେଉଁଠୁ ଉପରୁ ? ଜମିର, ଜମିଦାରର ମୂଲ୍ୟ ମଧ୍ୟ ଖସୁ ଗମି ଗଲାଣି । ମହାଜନମାନେ ଜମି ବା ଜମିଦାରୀ ବନ୍ଧକ ରଖି ଟଙ୍କା ଦେବାକୁ ନାରାଜ କାରଣ ସେ ବୁଝିପାରୁ ଅଛନ୍ତି ଯେ ଶୀଘ୍ର ଏପରି ଅବସ୍ଥାର ପରିବର୍ତ୍ତନ ହେବାର ଆଶା ନାହିଁ, ଟଙ୍କା ବଳା ଅଦାଲତ ସାହାଯ୍ୟରେ ଅଦାୟ ହେବାର ସମ୍ଭାବନା ନାହିଁ । ଏଣୁକରି ଯାହା ବାହାରେ କିଛି ଟଙ୍କା ଅଛି ସେ ଟଙ୍କା ଛଡ଼ୁନାହାନ୍ତି । ଫସଲର ମୂଲ୍ୟ କମ ହେବାରୁ ବ୍ୟବସା ବାଣିଜ୍ୟ ମଧ୍ୟ ମାନ୍ଦା ହେଲାଣି, ମହାଜନର କାରବାର ମଧ୍ୟ କମ ହେଲାଣି । ଗତବର୍ଷ ଫେବ୍ରୁଆରି ମାସରେ ବ୍ୟବସ୍ଥାପକ ସଭାରେ ଶ୍ରୀଯୁକ୍ତ ବାହାଦୁର ଲକ୍ଷ୍ମୀଧର ମାହାନ୍ତି ଓ ବାବୁ ଗୋଦାବରୀଶ ମିଶ୍ର ଜମିନ୍ଦାରମାନେ ଦେଶର ଅବସ୍ଥା ଜଣାଇ ଏକବର୍ଷର ଖଜଣା ଓ ରାଜସ୍ୱର ଅର୍ଦ୍ଧେ ପରିମାଣ ମକୁବ କରାଯିବା ପାଇଁ ପ୍ରାର୍ଥନା କରିଥିଲେ । ଉତ୍ତରରେ ବର୍ତ୍ତମାନ ଲାଟସାହେବ ଯେ ଗଭର୍ଣ୍ଣମେଣ୍ଟଙ୍କ ରେଭିନ୍ୟୁ ବିଭାଗର ପ୍ରଧାନ ମେମ୍ବର ଥିଲେ ଯେ ପ୍ରଜାଙ୍କ ଅବସ୍ଥା ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥିଲେ ଯେ ଯେତେବେଳେ ଜମିଦାରଙ୍କ ତରଫରୁ ଖଜଣା ମକୁବ ବା ଛାଡ଼ପାଇ ଆବେଦନ ହୋଇନାହିଁ ସେତେବେଳେ ଗଭର୍ଣ୍ଣମେଣ୍ଟ ସେ ବିଷୟରେ କିଛି କରି ନପାରନ୍ତି । ଖଜଣା ବା ରାଜସ୍ୱ ମକୁବ ରଖାଯିବାରେ ପ୍ରଜାର ଓ ଜମିଦାରର ଲାଭ ନାହିଁ । କେବଳ ତ ଗଲନାହିଁ ବରଂ ଏକ କିସ୍ତିର ବୋଝ ଦ୍ୱିତୀୟ କିସ୍ତିରେ ଦ୍ୱିଗୁଣ ହେବ । ଖଜଣା ମାଫ ହେଲେ ପ୍ରଜାର ମଙ୍ଗଳ ଓ ଜମିଦାରର ମଧ୍ୟ ଲାଭ କାରଣ ଖଜଣା ବାକି ରହି ନାଗଙ୍କରେ ବାକି ପଡ଼ିବାର ଭୟନାହିଁ । ସରକାର ରାଜସ୍ୱ ଯେ ପରିମାଣ ମାଫ କଲେ ଜମିଦାରଙ୍କୁ ସେହି ପରିମାଣ ଖଜଣା ପ୍ରଜାଙ୍କୁ ମାଫ ଦେବାକୁ ହେବ ଓ ସେଥିପାଇଁ ଏଗ୍ରିମେଣ୍ଟ ଦେବାକୁ ହେବ । ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ ମଧ୍ୟ ଏହିପରି ବିଧାନ ଅଛି । ଅତଏବ ଯେଉଁ ଜମିଦାର ରାଜସ୍ୱ ମାଫ ଚାହାନ୍ତି ପ୍ରାୟ ତାଙ୍କୁ କଲେକ୍ଟରଙ୍କ ନିକଟ ପୃଥକ ଦରଖାସ୍ତ କରିବାକୁ ହେବ । ସଭା ପକ୍ଷରୁ ସାଧାରଣ ଆବେଦନ କରିବା ଦ୍ୱାରା ତାଙ୍କର ଦରଖାସ୍ତ ପକ୍ଷେ ଉପକାରୀ ହେବ । ସାଧାରଣ ଆବେଦନ ସଭା ପକ୍ଷରୁ ଗଲେ ଗଭର୍ଣ୍ଣମେଣ୍ଟ ପୂର୍ବେ ଯେପରି ଉତ୍ତର ଦେଇଥିଲେ ସେହିପରି ଉତ୍ତର ଦେବେ ଅତ ଏବ ଜମିଦାରଙ୍କୁ ଏହା ଜଣାଇ ଅନୁରୋଧ କରାଯାଉଅଛି ଯେ ସେମାନେ ପୃଥକ୍ ଭାବେ କଲେକ୍ଟରଙ୍କ ନିକଟ ଆବେଦନ କରନ୍ତୁ । ବର୍ତ୍ତମାନ ତାହା କଲେ ତାଙ୍କ ନିଜର ଓ ପ୍ରଜାଙ୍କ ମଙ୍ଗଳ । ଯେଉଁଠି ଅବସ୍ଥା କ୍ରମେ ଶୋଚନୀୟ ହୋଇ ଆସୁଅଛି ସେଥିରେ ପ୍ରଜାଙ୍କ ଉପରେ ଜୁଲୁମ କଲେ ସୁଦ୍ଧା ସେ ଦେବାକୁ ଅସମର୍ଥ ହେଲେ ନାଲିସ ବିନା ଅନ୍ୟ ଉପାୟ ନାହିଁ । ନାଲିସର ସଂଖ୍ୟା କଟକରେ ୧୨ ହଜାର ଠାରୁ ୧୬ ହଜାର ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ନାଲିସ କରି ଟଙ୍କା ଅଦାୟ କରିବାକୁ ଏକବର୍ଷ ଯିବ, କାରଣ ପ୍ରଜାଙ୍କର ଅନ୍ୟ ଚଳନ୍ତି ସମ୍ପତ୍ତିରୁ ଅଦାୟ ହେବାର ସମ୍ଭାବନା ନାହିଁ । ଜମି ନିଲାମଦ୍ୱାରା ଅଦାୟ କରିବାକୁ ଏକବର୍ଷ ଲାଗିବ ଓ ପ୍ରଥମେ ନିଜ ହାତରୁ ଦରୁ ଖରଚ ଦେବାକୁ ହେବ । ପରେ ଅନେକ ସ୍ଥଳେ ଜମିକୁ ଅନ୍ୟ କେହି ନ ଧରିଲେ ନିଜେ ନେବାକୁ ହେବ ତହିଁରେ ଜମିଦାରର ଲାଭନାହିଁ ।

ଅତଏବ ଯେଉଁ ଜମିଦାର ଖଜଣା ମାଫ ଦେବାକୁ ପ୍ରସ୍ତୁତ ଥାଇ ରାଜସ୍ୱ ମାଫ ପାଇଁ ଆବେଦନ ଶୀଘ୍ର କଲେକ୍ଟରଙ୍କ ନିକଟ କରିବାକୁ ଚାହାନ୍ତି ସେମାନେ ଅନୁଗ୍ରହକରି ଆମ୍ଭକୁ ଅଥବା ସଭାର ସଭାପତି ରାଜାସାହେବଙ୍କୁ ପତ୍ରଦ୍ୱାରା ଜଣାଇବେ । ରାଜସ୍ୱ ମାଫ ପାଇଁ ଦରଖାସ୍ତ ଦେବାକୁ ହେଲେ କାଳ ବିଳମ୍ବ ନକରି ଶୀଘ୍ର ଦେବେ କାରଣ ଗଭର୍ଣ୍ଣମେଣ୍ଟରୁ ମଞ୍ଜୁର ଆସିବାପାଇଁ ୨।୩ ମାସ ବିଳମ୍ବ ହେବ । ଏହି ମାସରେ ହେଲେ ଅପ୍ରେଲ କିସ୍ତି ପୂର୍ବରୁ ମଞ୍ଜୁର ହୁକୁମ ଆସିବା ସମ୍ଭବ ।

ପରେ ସ୍ପର୍ଦ୍ଧ ହେଲ ବାରମ୍ବାରେ ଅନ୍ୟ ବିଷୟ ଜାଣିବାର ଅପେକ୍ଷା କରୁଛୁଁ ।

| | |
|---|---|
| କଟକ<br>୧୩।୧୨।୩୨ | ଭବଦୀୟ<br>ଶ୍ରୀ ଭଗବାନ୍ଦାସ ପାଲିତ<br>ସମ୍ପାଦକ |

—

REGISTERED NO. P 6

179

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରିମ ମୂଲ୍ୟ ଟ ୩ ୯
ପ୍ରତିଖଣ୍ଡ ଟ ୦ ୯

| | | |
|---|---|---|
| ଖ ୬୬. ଗ | Cuttack, Saturday the 24th December 1932<br>ପୌଷ ୧୦ ତ ସନ ୧୩୪୦ ସାଲ ଶନିବାର | ୫୦ ଶ ସଂଖ୍ୟା |


32 26-2-32

## JECI ENDI CHADDARS

BEST FOR WINTER, PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

**Reduced Price Rs. 6/-**

Per Pair—(6 by 1½ yds.)

**POSTAGE & PACKING FREE. MONEY REFUNDED IF UNAPPROVED.**

**PLEASE READ WHAT OUR CUSTOMERS SAY.**

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chadars. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
**Props. JECI WEAVING FACTORY,**
**LUDHIANA.** (Upper India).

No. 42 24. 12. 32

"Wanted an I. A. for the post of the 1st. teacher of the Ramsay Secondary School, Athgarh State on a pay of Rs. 30-1-45/- a month. The teacher must be an up-to-date sportsman and specially know how to play tennis and competent to take up History and Geography in classes VIII and IX along with other subjects. Experienced or trained I. A's are preferred. The selected candidate will be on probation for one year and must stick to the post for at least 3 years'.

Applications will be received up to 15th. January 1933.

Raja and Ruling Chief,
Athgarh state.

୪୩ ୨୪।୧୨।୩୨

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦିଆ ଯାଉଅଛି ଯେ ସ୍ୱଃ ସଦର ଥାନା ବାଲେଶ୍ୱର ନିବାସୀ ମୃତ ଜାଲମଣି ପ୍ରଧାନଙ୍କର ଅମ୍ଭେ ନିଜ ଭାଇ ମୌରସ ସୂତ୍ରେ ଏକମାତ୍ର ଓ୍ୱାରିସଥିଲୁ ତାଙ୍କର ମୃତ୍ୟୁପରେ ତାଙ୍କର ତ୍ୟକ୍ତ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିରେ ଓ୍ୱାରିସସୂତ୍ରେ ମାଲିକ ଓ ଦଖଲକାର ଥାଇ ତାଙ୍କର ସ୍ତ୍ରୀ ପୁନର୍ବିବାହ ଯାଇଥିଲେ ବି ଆମ୍ଭେ ଗୃହରେ ରଖି ଭରଣ-ପୋଷଣ ଓ ତାଙ୍କର ଚାକରୀ କାର୍ଯ୍ୟ ଅନୁଷ୍ଠାନ କରୁ ଅଛୁ । ବର୍ତ୍ତମାନ ଉକ୍ତ ସ୍ତ୍ରୀ ପୁନର୍ବିବାହ ଯାଇଥିବାରୁ ତାଙ୍କ ଅମର ତେଜେନ ବାପର ଲୋକମାନେ ଆମ୍ଭ ଅଜ୍ଞାତରେ ଲୁଚାଇ କେତେ ଟଙ୍କା ଲେଣ ଦେଣରେ ଦେଇଥିବା ଦସ୍ତାବିଜ ଅଛି ବୋଲି ଜାଣିବାରୁ ଉକ୍ତ ପ୍ରକାର ଅମ୍ଭେ ପଣ୍ଡିତ ଅବଗତ ହେବା ପ୍ରକାରୁ ଏତଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦେଉ ଅଛୁ କେହି ଖରିଦଦାର ବା ମହାଜନ ଉକ୍ତ ପୁନର୍ବିବାହ ଠାରୁ କୌଣସି ଜିନିଷ ବା ଜମି ବନ୍ଧକ ଅଦି ଦେଇଥିଲେ ଦସ୍ତାବିଜ ମାନ ସମ୍ପାଦନ କରାଇ ନେଲେ ତାହା କୌଣସି ପ୍ରକାର ଅଦାଲତରେ କାର୍ଯ୍ୟରେ ଗ୍ରହଣୀୟ ହେବ ନାହିଁ ତଥା ଉକ୍ତ ସମ୍ପତ୍ତିମାନ ଉକ୍ତ କମଳୋ ବାଧ୍ୟ ହୋଇ ପାରିବ ନାହିଁ ଇତି । ତା ୨୪।୧୨।୩୨ ସହିତ

ସ୍ୱଃ ଗଣେଶ ପ୍ରଧାନ

୪୫ ୧।୨।୩୩

## ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

### ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

**ଘାଟଶିଲା**

ଅମ୍ଭେ ଟ ୩୦୯ କା ନେଇ ୩ ମାସରେ ସମ୍ପୂର୍ଣ୍ଣ ବୋର୍ଡ ଟେଲରିଂ; ଟ ୨୫୯ କା ନେଇ ୨ ସପ୍ତାହରେ ଫଲବୋର୍ଡ ଫଟୋଗ୍ରାଫ୍; ଟ ୩୦୯ କା ନେଇ ଏକମାସରେ ନାନାପ୍ରକାର ସାବୁନ ଓ ନାମ ମାତ୍ର ଫି ନେଇ ତାନ୍ତ, କେଶତେଲ ପ୍ରଭୃତି ନାନାପ୍ରକାର ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଇଥାଉଁ । ଅମ୍ଭେମାନେ ନିଜର ଲୁଗା ନେଇ କଟିଂ ଓ ସେଲାଇ ଶିକ୍ଷା ଦେଇଥାଉଁ । ଛାତ୍ରମାନଙ୍କ ପାଇଁ ସ୍ୱ ଭୋଜନ ହୋଟେଲ ଛାତ୍ରାବାସ ଓ ଔଷଧ ଲାଗି ଏଥିପାଇଁ ଅଲଗା ଖର୍ଚ୍ଚ ଲାଗେ ନାହିଁ । ଜଳବାୟୁ ଉତ୍ତମ । ଏଠାରେ ଶିକ୍ଷା କରିଗଲେ ଅଳ୍ପ ପୁଞ୍ଜିରେ ସ୍ୱାଧୀନ ଭାବରେ ରୋଜଗାର କରିପାରିବ । ଅନୁସନ୍ଧାନ କଲେ ଜାଣି ପାରିବ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ । ସ୍କୁଲ ଇଷ୍ଟ ବି, ଏନ, ଆର ଘାଟଶିଲା ଷ୍ଟେସନଠାରୁ ୨ ମାଇଲ ଦୂରରେ ଅବସ୍ଥିତ । ସେଥିପାଇଁ ସର୍ବଦା ସାହାଯ୍ୟ କରୁଛି । ବିସ୍ତାରିତ ବିବରଣ ପାଇଁ ଟ ୦ ଟିକଟ ସହ ପତ୍ର ଲେଖନ୍ତୁ ।

ବେଙ୍ଗଲ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିଅଲ ଇନଷ୍ଟିଚ୍ୟୁଟ୍
ପୋଃ ଅଃ ଘାଟଶିଲା । ଭାୟା-ବିଏନ । ସିଂହଭୂମ ଜିଲ୍ଲା

Digitized by srujanika@gmail.com

୩୮ ୨୪।୧୨।୩୭

# କଟକ ମଟର ଆସୋସିଏସନ

## ଟାଇମ ଟେବଲ୍

ଅପନ୍ତା ୧୯୩୮ ଜାନୁୟାରି ମାସ ପହଲା ଠାରୁ ପାସେଞ୍ଜରମାନଙ୍କର ସୁବିଧା ଲାଗି କଟକ ମଟର ଅସୋସିଏସନ ଗାଡ଼ି ଯିବା ଆସିବାର ସମସ୍ତ ନିମ୍ନଲିଖିତ ମତେ ବନ୍ଦୋବସ୍ତ କରି ଅଛନ୍ତି ।

| ଗାଡ଼ି ଛାଡ଼ିବା ସ୍ଥାନ | ଗାଡ଼ି ଛାଡ଼ିବା ସମୟ |
| --- | --- |
| କଟକ ଟାଉନ— | ପୂର୍ବାହ୍ନ ୭ଟା ଓ ଅପରାହ୍ନ ୫ଟା |
| କଟକ ରେଲୱେ ଷ୍ଟେସନ— | ,, ୭-୪୫ ମିଃ ଓ ,, ୨ଟା |
| ତାରପୁର— | ,, ୯ଟା ଓ ,, ୭ଟା |
| ଜଗତସିଂହପୁର— | ପୂର୍ବାହ୍ନ ୭ଟା ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୭ଟା |
| ରାହାମା— | ପୂର୍ବାହ୍ନ ୭ଟା ଓ ଅପରାହ୍ନ ୨ଟା |

ଗାଡ଼ି ପାସେଞ୍ଜର ନେବା ପାଇଁ ନିମ୍ନଲିଖିତ ସ୍ଥାନମାନଙ୍କରେ ଠିଆ ହେବ ।

**ରାହାମା ଓ ତାରପୁର ଲାଇନରେ**—୧ ମଣିଜଙ୍ଗା, ୨ ତିର୍ତୋଲ, ୩ ଡାଲପଟଣା, ୪ ନୂଆପଡ଼ା, ୫ ଜମ୍ବୁପୁର, ୬ ତାଇପୁର, ୭ ଭୁଲଗାଡ଼, ୮ କଣ୍ଡରପୋଖରୀ, ୯ ଗୋପାଳପୁର, ୧୦ ରଘୁନାଥପୁର, ୧୧ କଣ୍ଡାର, ୧୨ ଗଡ଼ମା, ୧୩ ନାଳପୁର, ୧୪ ସୋମପୁର, ୧୫ ଅରଖେଇ ।

**ଜଗତସିଂହପୁର ଲାଇନରେ**—୧ ଗୁରୁପୋଖରୀ, ୨ ଶେଖ ପାଟଣା, ୩ ଧଣାପୁର, ୪ ଅଣ୍ଡିଆ, ୫ ବାଲିଆ, ୬ ବୋଡ଼ଚୁଆ, ୭ ବାଉଡ଼, ୮ ଗୁନ୍ଦରପୁର, ୯ ବଡ଼ଳା, ୧୦ କଇଜଙ୍ଗା ।

କଟକ ଟାଉନ୍ ଠାରୁ ତାରପୁର ପର୍ଯ୍ୟନ୍ତ ଉପରୋକ୍ତ ଉଭୟ ଲାଇନ ପାଇଁ ରାସ୍ତା ଗୋଟିଏ ଥିବାରୁ ଉଭୟ ଲାଇନର ଗାଡ଼ି ପାସେଞ୍ଜର ନେବାପାଇଁ ନିମ୍ନଲିଖିତ ସ୍ଥାନମାନଙ୍କରେ ଠିଆ ହେବ ।

୧ ଚାନ୍ଦନୀଚୌକ, ୨ ଫକିରପଡ଼ା, ୩ ରାଉତପାଟ, ୪ ନୂଆ ବଜାର ୫ ଷ୍ଟେସନ ୬ ଭୁଲୁଆ ପଡ଼ା ।

ଉପରୋକ୍ତ ସ୍ଥାନ ମାନଙ୍କ ଛଡ଼ା ପୂର୍ବପରି ହାତ ଦେଖାଇଲେ ସୁଦ୍ଧା ଗାଡ଼ି ଅନ୍ୟତ୍ର ଠିଆ ହେବ ନାହିଁ । କଟକଠାରୁ ଜଗତସିଂହପୁର, କିମ୍ବା ରାହାମା ଗାଡ଼ି ଯିବାକୁ ୩ ଘଣ୍ଟା ସମୟ ଲାଗେ । ତଦନୁସାରେ ନିର୍ଦ୍ଦିଷ୍ଟ ସମୟରେ ପାସେଞ୍ଜରମାନେ ଲିଖିତ ଷ୍ଟେସନ ମାନଙ୍କରେ ଅପେକ୍ଷା କଲେ ସୁବିଧାରେ ଗାଡ଼ି ପାଇ ପାରିବେ । ଅନ୍ୟଥା କୌଣସି ଦୁର୍ଘଟଣା ପାଇଁ ଆସୋସିଏସନ ଦାୟୀ ନୁହନ୍ତି ।

B. Tripathy
Manager, C. M. A.

୪୦ **ବିଜ୍ଞାପନ** ୩।୧୨।୩୭

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡ ଅଧୀନସ୍ଥ ଫେରିଘାଟ ଗୁଡ଼ିକରେ ସନ ୧୯୩୮-୩୯ ସାଲ ବନ୍ଦୋବସ୍ତ ମକଦ୍ଦମା ଡାକ ଇତ୍ୟାଦି ଟେଣ୍ଡର ତା ୧୭।୧।୧୯୩୮ ରିଖ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ଗୃହୀତ ହେବ । ଟେଣ୍ଡର ଦାଖଲ ସମ୍ବନ୍ଧରେ ସବିଶେଷ ବିବରଣ ତା ୧୫।୧୨।୧୯୩୭ ରିଖର "କଟକ ଡିଷ୍ଟ୍ରିକ୍ଟ ବୋର୍ଡ ଗେଜେଟରୁ" କଟକ ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କ ଅଫିସରୁ ଓ ସବ୍-ଓଭରସିୟରଙ୍କ ଅଫିସରୁ ବୁଝି ପାରିବେ ।

ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ଅଫିସ
ତା ୨୦।୧୨।୧୯୩୭

Offg. District Engineer,
Cuttack

୪୧ ୨୪।୧୨।୩୭

# ଅବ୍ୟର୍ଥ ଫଳ

## ବହୁ ପ୍ରଶଂସିତ

### ସରସ୍ୱତୀ କବଚ

ଏହା କୌଣସି ସ୍ତ୍ରୀ ବା ପୁରୁଷ ଧାରଣ କଲେ ସ୍ମୃତି ଶକ୍ତି ବର୍ଦ୍ଧିତ ହୁଏ ।

### ଅକ୍ଷୟ କବଚ

ଏହି କବଚ ଧାରଣ କଲେ ସ୍ୱପ୍ନ ଦୋଷ ହୁଏ ନାହିଁ ଓ ବୀର୍ଯ୍ୟ ସ୍ତମ୍ଭନ ହୁଏ ।

ପ୍ରତ୍ୟେକ କବଚର ମୂଲ୍ୟ ଟ ୫୧

ଡାକଖର୍ଚ୍ଚ ସ୍ୱତନ୍ତ୍ର

ଅର୍ଡ଼ର ଦେଲାବେଳେ ଅଗ୍ରୀମ ଟ ୧୧ ଦେବେ

ପ୍ରାପ୍ତିସ୍ଥାନ
ମାୟାଧର ଶତପଥୀ
ପୋ: ଅ: କନକପୁର
ଭାୟା ତିର୍ତୋଲ, କଟକ

୩୯ ୨୪-୧୨-୩୭

## ନୋଟିସ

ନ ୪୬୯ ମକଦ୍ଦମା ଇଜରା ସନ ୧୯୩୭ ମସିହା
ଇଃ ପ୍ରଥମ ମୁନସଫ କଟକ

୧ ଶ୍ରୀ ସନାତନ ତ୍ରିପାଠୀ ୨ ବାଞ୍ଛାନିଧି ତ୍ରିପାଠୀ ସାଃ କଟଡ଼ିଆ ପ୍ରଃ କଟକଣ୍ଡ ମୁଃ ମୌଃ କଟକ — ବାଦୀମାନେ

୧ ଅନନ୍ତ ସ୍ୱାଇଁ ୨ ସାନବନ୍ଧୁ ଦାସ ୩ ଗଦାଧର ଦାସ ୪ ଯୋଗେନ୍ଦ୍ର ମିଶ୍ର ସାଃ କଟଡ଼ିଆ ପ୍ରଃ କଟକଣ୍ଡ ମୁଃ ଜିଃ କଟକ — ପ୍ରତିବାଦୀମାନେ

ଏତଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଉକ୍ତ ମୋକଦ୍ଦମାର ବିଭାଜନ ବନ୍ଦୋବସ୍ତରେ ପ୍ରଃ କଟକଣ୍ଡ ନ ୮୫୮୦ ମକଦ୍ଦମା ଜଃ ଉକ୍ତ ମୌଃ କଟଡ଼ିଆରେ ଥିବା ନ ୨୨୯ ନଂ ଖାତା ସ୍ଥିତିବାନ ନ ୩୨୯ ନଂର ଖସଡ଼ା ଉକ୍ତ ତଉଜି ବନ୍ଦୋବସ୍ତର ୧୦୭୦ ନ ୩୭୬ ନଂର ଖାତା ସ୍ଥିତିବାନ ଭୂମି ମଧ୍ୟରୁ ନ ୭୮୨ ନଂର ଖସଡ଼ା ଏ୦—୧୬ ଭୂମି ଗ୍ରାମବାସୀ ସର୍ବସାଧାରଣମାନଙ୍କର ଗଚ୍ଛିତ ରାସ୍ତା ନଥାଇ ତାହା ବାଦୀମାନଙ୍କର ଖାସ ଦଖଲ ଭୂମି ଥିବାରୁ ପ୍ରତ୍ୟାଖ୍ୟାନ ମୋକଦ୍ଦମା କରିଥିବାରୁ ତହିଁର ଧାର୍ଯ୍ୟ ତାରିଖ ତା ୯।୧।୧୯୩୮ ମସିହା ହୋଇଅଛି ଏଥିରେ ସର୍ବସାଧାରଣ ଗ୍ରାମବାସୀ ମାନଙ୍କର କୌଣସି ଆପତ୍ତି ଥିଲେ ଧାର୍ଯ୍ୟ ତାରିଖରେ ହାଜର ହୋଇ ଦର୍ଶାଇବ । ଇତି ।

୩୫ ଡିସେମ୍ବର ୧୯୩୭

# ଗୋବର, କୋରଣ୍ଡ ଓ ଏକଶିରାର

### ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋବର ଗୋଡ଼ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏକମାସ ମଧ୍ୟରେ ନିଶ୍ଚୟ ଭଲ ହେବ । ନଚେତ ମୂଲ୍ୟ ଫେରସ୍ତ ଦିଆଯିବ । ପ୍ରତ୍ୟେକର ମୂଲ୍ୟ ଟ୧।୧୦ ମାତ୍ର ।

ଡାକମାସୁଲ ସ୍ୱତନ୍ତ୍ର
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ନଟଭୋଇକଳା
ଭାୟା-ପିଡ଼। ସିଂହଭୂମ ଜିଲ୍ଲା

## ନିଲାମ ଇସ୍ତାହାର

ନ ୧୧୮୯ ମକଦ୍ଦମା ଜାରି ସନ ୧୯୩୭ ମସିହା
ଦେୱାନୀ ଫଣ୍ଡା ଇଃ ମୁନସଫି ଅଦାଲତ

ରାଧାଶ୍ୟାମ ମହାନ୍ତି ସାଃ ଖଡ଼ଅଙ୍ଗ — ଡିଃ

ଲକ୍ଷଣ ରାଉତ ଓଗେର — ଦେଃ

ନିଲାମ ତାରିଖ ତା ୧୬।୧।୩୮

୧ । ପ୍ରଃ ଅରଣ ଜିଃ କଟକ ମୌଃ ଖଡ଼ଅଙ୍ଗ ରକବାରେ ଥିବା ଦେଣଦାର ମାନଙ୍କର ସତ୍ତ୍ୱ ଦଖଲ ନ ୧୯ ନଂର ଖାତା ନ ୮୯୯୧୩ ନଂର ନ ୮୯୯୧୪ ନଂର ଜଂଗଲ ନ ୨୧୩୮୯ ନଂର ଇଉଁସିମିଲ ବାହେଲ ଏ୦—୯ ଜମି । ନିଲାମ ହେବ

୨ । ପ୍ରଃ ଜିଃ ମୌଃ ଏକାବ ରକବାରେ ଥିବା ଦେଣଦାର ମାନଙ୍କର ସତ୍ତ୍ୱ ଦଖଲ ନ ୨୯/୧୬ ନଂର ସିକୁଲ ଲାଖରାଜ ବାସୋପ୍ତି ଏ୦—୯ କୁ ଜମା ଟ୦।୨ ନିଲାମହେବ

୩ । ପ୍ରଃ ଜିଃ ମୌଃ ଏକାବ ରକବାରେ ଥିବା ଦେଣଦାର ମାନଙ୍କର ସତ୍ତ୍ୱ ଦଖଲ ନ ୬୬ ନଂର ସିକୁଲ ଖାତା ସ୍ଥିତିବାନ ସାଢ଼ ଏ୦—୬ କୁ ଜମା ଟ୦୵ ଅଟେ ନିଲାମହେବ

୪ । ପ୍ରଃ ଏକାବ ମୌଃ ରଣପଡ଼ା ରକବାରେ ଥିବା ନ ୧୬/୧୬ ନଂର ସକୁଲ ଲାଖରାଜ ବାସୋପ୍ତି ଭୂମି ମଧ୍ୟରୁ ଦେଣଦାର ମାନଙ୍କର ସତ୍ତ୍ୱ ଦଖଲ ଏ୦—୧୦ କୁ ଜମା ଟ୦/୧୧ ନିଲାମହେବ

—୦—

ନ ୫୧୬ ମକଦ୍ଦମା ଡିକ୍ରିଜାରି ସନ ୧୯୩୭ ମସିହା
ଇଃ ପ୍ରଥମ ମୁନସଫ କଟକ

ଲକ୍ଷ୍ମୀଧର ନାଏକ — ଡିକ୍ରିଦାର

ମାୟାଧର ଦାସ — ପ୍ରତିବାଦୀ ଦେଃ

ଉକ୍ତ ମୋକଦ୍ଦମାରେ ଦେଣଦାରର ଭୂସମ୍ପତ୍ତି ମାନ ତା ୧୭।୧।୧୯୩୮ ତାରିଖରେ ନିଲାମହେବ

ଜିଃ କଟକ ପ୍ରଃ ଷ୍ଟେସନ ଓ ଥାଃ ଲେଃ ମୁଃ କଟକ ଜିଃ ଆଗରପାଟ ଓ ଭାଗଯୋଡ଼ା ମୌଃ ବାଲୁବସ୍ତି ପଡ଼ାରେ ଥିବା ଖଃ ନଂ ନ ୧୨ ଖାତା ସ୍ଥିତି ସାଢ଼ ଏ୧—୨୪ କୁ ଜମା ଟ ୨୩/୯ ମଧ୍ୟରୁ ଖଃ ଟ୦।କୁ ଏ୦—୬୨ ଡ଼ାକୁ ଜମା ଟ ୧।୬୧୩ ହଉ ଏକୁ ଅଛି ନିଲାମହେବ ଆଃ ମୂଃ ଟ ୨୦୬

Digitized by srujanika@gmail.com

# ଗୋଲଟେବୁଲ

## ବୈଠକ

### କାର୍ଯ୍ୟ ଅଚଳ

ଗୋଲଟେବୁଲର କାର୍ଯ୍ୟ ଯାହା ମନ୍ଥର ଗତିରେ ଚାଲିଥିଲା ତାହା ବର୍ତ୍ତମାନ ବନ୍ଦ ହୋଇଛି। ଭାରତର ସମସ୍ତ ମେମ୍ବରମାନେ ଏକମତ ହୋଇ କେନ୍ଦ୍ର ଏବଂ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟମାନଙ୍କ ହାତରେ ଯାଉଥିବା କ୍ଷମତାମାନ ସ୍ଥିର କରିବା ଜମରେ ମତ ଦେଉଛନ୍ତି। କେବଳ ମୁସଲମାନ ମେମ୍ବରମାନେ ସରକାରୀ ପ୍ରସ୍ତାବର ସମର୍ଥନ କରୁଛନ୍ତି। ବର୍ତ୍ତମାନ ସରକାରଙ୍କର ଉଦ୍ଦେଶ୍ୟ ଯେ ସର୍ବପ୍ରଥମ ପ୍ରାଦେଶିକ ସ୍ୱାଧୀନତା ପ୍ରବର୍ତ୍ତନ କରି ତା ବାଦ ଭାରତ କେନ୍ଦ୍ର ସରକାରଙ୍କୁ କ୍ଷମତା ଦାନ କରିବେ। ଏ ପ୍ରସ୍ତାବ ମୁସଲମାନ ମେମ୍ବରମାନଙ୍କ ଛଡ଼ା ଅନ୍ୟ କୌଣସି ମେମ୍ବରମାନଙ୍କ ମନକୁ ଆସୁନାହିଁ। ଭାରତୀୟ ଷ୍ଟେଟର ପ୍ରତିନିଧିମାନଙ୍କ ମଧ୍ୟରେ ଭଗବାନ ସେମାନଙ୍କ ମଧ୍ୟ ମତଭେଦ ଘଟିଛି। ଏହାବାଦ ସୈନ୍ୟ ବିଭାଗ ବୈଦେଶିକ ସମ୍ପର୍କ ବିଷୟରେ ମଧ୍ୟ ମତାନୈକ୍ୟ ଘଟିଛି।

---

## ଲକ୍ଷ୍ନୌ ମୁସଲମାନସଭା

### ଆଲ୍ଲାହାବାଦ ପ୍ରସ୍ତାବର ଅନୁମୋଦନ

ପ୍ରୟାଗଠାରେ ଗତମାସରେ ବସିଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟାନ ସବୁ ଜାତିର ମିଳନ ସଭାର ପ୍ରସ୍ତାବମାନ ଲକ୍ଷ୍ନୌ ମୁସଲମାନ ସଭରେ ସମର୍ଥିତ ହୋଇଛି। ଲକ୍ଷ୍ନୌ ସଭାରେ ଭାରତର ଚତୁର୍ଦ୍ଦିଗରୁ ବହୁ ବିଶିଷ୍ଟ ମୁସଲମାନ ନେତା ଯୋଗ ଦେଇଥିଲେ। ଏହାପରେ ପୁଣି ଆଲ୍ଲାହାବାଦଠାରେ ଭାରତର ସବୁ ଜାତି, ଧର୍ମ, ଅନୁଷ୍ଠାନ, ସଙ୍ଘ, ସମିତିର ପ୍ରତିନିଧିମାନଙ୍କ ଯେଉଁ ବୈଠକ ବସିଛି, ସେଥିରେ ସମସ୍ତ ମିଳାମିଶାର ଭବିଷ୍ୟତ ନିର୍ଦ୍ଧାରଣ କରାଯିବ।

---

## ଗୋଲଟେବୁଲ ବୈଠକରେ

### ଓଡ଼ିଶା ପ୍ରସଙ୍ଗ

### ଭାରତ ସଚିବଙ୍କ ଉକ୍ତି

ସ୍ୱର୍ଗୀୟ ରସେଲର ଅର୍ଥନୈତିକ ଅବସ୍ଥା ବିଷୟରେ ଗୋଲଟେବୁଲ ବୈଠକରେ ଭାରତ ସଚିବ ସାର ସାମୁଏଲ ହୋର କହିଥିଲେ, ସେ ବିଷୟରେ ଭାରତ ସରକାରଙ୍କ ମତରେ ପ୍ରାଦେଶିକ ସରକାରଙ୍କ ବ୍ୟୟକୁ ଆୟ ଅପେକ୍ଷାରେ କେନ୍ଦ୍ରୀୟ ସରକାର ତାହା ପୂରଣ କରିବେ। ବିଶେଷତଃ ସିନ୍ଧ, ଏବଂ ଓଡ଼ିଶା ପରି ଅଲଗା ପ୍ରଦେଶ ହେଲେ ଅଭାବ ଦେଖାଦେଲେ ତାର ଅଭାବ ପୂରଣ କରିବାକୁ କେନ୍ଦ୍ରୀୟ ସରକାର ବାଧ୍ୟ ହେବେ।

ଓଡ଼ିଶାକୁ ଅଲଗା କରିବା ବିଷୟରେ ସରକାର କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ନାହାନ୍ତି ମାତ୍ର ସେ ଶ୍ୱେତପତ୍ରରେ ପ୍ରକାଶ ପାଇବାର ସମ୍ଭାବନା ଅଛି।

---

ପାରଶ୍ୟ

# ତୈଳ କାରବାର

ପାରଶ୍ୟ ରାଜ୍ୟରେ ବହୁପରିମାଣରେ ତରଳ ଶିଳ ଏବଂ ପେଟ୍ରୋଲ ତେଲ ଅମଦାନୀ ହୁଏ। ଏ ତେଲ କାରବାର ଚଳାଇବା ନିମନ୍ତେ ପାରଶ୍ୟ ସରକାର ଏକ ବିଲାତି କମ୍ପାନୀକୁ ଏକଚାଟିଆ ଅନୁମତି ଦେଇଥିଲେ। ସରକାର ଦେଖିଲେ ଯେ ଏ କମ୍ପାନୀ କାରବାର ଚଳାଇବାରେ ପାରଶ୍ୟ ସରକାର ଏବଂ ପାରଶ୍ୟର ବ୍ୟବସାୟୀମାନଙ୍କର କିଛି ସୁବିଧା ନାହିଁ ବରଂ କ୍ଷତି ହେଉଛି। ସରକାର ସେ ବିଲାତି କମ୍ପାନୀକୁ ହୁକୁମ କଲେ ଯେ ତେଲ କାରବାର ଚଳାଇବା ନିମନ୍ତେ ଯେଉଁ ଅନୁମତି ଦିଆଯାଇଥିଲା ତାହା ସିଦ୍ଧ ନାହିଁ ଏବଂ ସେ କମ୍ପାନୀ ତାଙ୍କ କାରବାର ପାରଶ୍ୟରୁ ଉଠାଇ ନିଅନ୍ତୁ। ବର୍ତ୍ତମାନ ଏ କମ୍ପାନୀ ତରଫରୁ ବିଲାତି ସରକାର ଏକ ଲମ୍ବା ହୁକୁମ ଜାରି କରିଛନ୍ତି ଯେ ପାରଶ୍ୟ ସରକାର ଡିସେମ୍ବର ୧୯ ତାରିଖ ପୂର୍ବରୁ ଏ ହୁକୁମ ପ୍ରତ୍ୟାହାର କରନ୍ତୁ। ତା ନହେଲେ ଫଳ ଶୁଭ ହେବ ନାହିଁ।

---

## ଜେନେଭା ରାଷ୍ଟ୍ରସଂଘର ସଭାରେ

### ମନୋମାଳିନ୍ୟ

ଜାପାନ ମଞ୍ଚୁରିଆ ଦେଶମାନ ଅନୁସନ୍ଧାନ କରିବା ନିମନ୍ତେ ରାଷ୍ଟ୍ରସଂଘ ତରଫରୁ ଲର୍ଡ ଲିଟନଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନ କମିଶନ ମଞ୍ଚୁରିଆ ପଠା ହୋଇଥିଲା। ସେ କମିଶନ ଅନୁସନ୍ଧାନ ବାଦ ସେମାନଙ୍କର ରିପୋର୍ଟ ଦାଖଲ କଲେ। ସଭାରେ କେତେ ସ୍ୱତନ୍ତ୍ର ରାଜ୍ୟ ତରଫରୁ ଆସିଥିବା ପ୍ରତିନିଧିମାନେ ଜାପାନର କାର୍ଯ୍ୟ ବିଚାରରୁ ଜାପାନ ବିରୁଦ୍ଧରେ ଏକ ପ୍ରସ୍ତାବ ଉପସ୍ଥାପିତ କଲେ। ଜାପାନ ପ୍ରତିନିଧି ଏହି ପ୍ରସ୍ତାବରେ ବିଶେଷ ଗୋଳମାଳ କରିଥିବାର ପ୍ରକାଶ ପାଇଛି। ଏପରି ଘଟଣା ଯୋଗୁ ଜାପାନ ବର୍ତ୍ତମାନ କ୍ଷୁବ୍ଧ ଏବଂ ରାଗିଛି। ସମ୍ଭବତଃ ଜାପାନ ରାଷ୍ଟ୍ର ସଂଘରୁ ଅଲଗା ହୋଇପାରେ।

---

## ବିଦେଶୀ ବେପାରୀଙ୍କି ନିମନ୍ତ୍ରଣ

### ଆସ, ଗଡ଼ଜାତକୁ ଆସ

ଗଡ଼ଜାତଗୁଡ଼ିକର ରାଜା ଅଧିକାଂଶ ସମୟ ଭଲ ରାଜ୍ୟ ଛାଡ଼ି ବିଲାତରେ କଟାନ୍ତି। କ୍ରିକେଟ ଖେଳରେ ସେ ଖୁବ ଧୁରନ୍ଧର। ବର୍ତ୍ତମାନ ବିଲାତରେ ସେ ସମିତିରେ ବକ୍ତୃତା ଦେଇ ବିଲାତ ବଣିକ ବ୍ୟବସାୟୀମାନେ ଭାରତକୁ ଯେଉଁ ପରିମାଣରେ ଆସି ବ୍ୟବସାୟ ଚଳାଇବେ ତାର ବ୍ୟବସ୍ଥା କରି ଦେଉଛନ୍ତି। କହୁଛନ୍ତି ଯେ ମୋଗଲବନ୍ଦି ଭାରତରେ ଯଦି ବର୍ତ୍ତମାନଠାରୁ ବିଲାତି ବେପାର ଚଳିବ ତେବେ ଗଡ଼ଜାତ ରାଜ୍ୟମାନଙ୍କରେ ବେପାର ଚଳାଇବାର ବ୍ୟବସ୍ଥା ଗଡ଼ଜାତ ରାଜାମାନେ କରିବାର ଉଚିତ।

---

## କଟକ ମସଲେମ୍ ସେମିନେରି

ମାନ୍ଦ୍ରାଜର ମିଷ୍ଟର ସି. ଅବଦୁଲ ହକିମ ସ୍ଥାନୀୟ ମସଲେମ ସେମିନେରି ପାଇଁ ତାହା ସଂଲଗ୍ନ ଏକ ଘର ତୋଳିବାପାଇଁ ୧୦ ହଜାର ଟଙ୍କା ଦାନ କରିଅଛନ୍ତି। ସରକାରଙ୍କୁ ସେ ଏ ଟଙ୍କା ଖର୍ଚ୍ଚ କରିବାର ଭାର ଦେଇଛନ୍ତି।

---

# କଳାପାହାଡ଼ଙ୍କ

## ଆବିର୍ଭାବ

### ଜଗଦ୍‌ଗୁରୁ କୃଷ୍ଣମୂର୍ତ୍ତି

ଥିଓସଫିଷ୍ଟଙ୍କ ଦେଶ ଜଗଦ୍‌ଗୁରୁ ନାମରେ ପରିଚିତ ଶ୍ରୀଯୁକ୍ତ କୃଷ୍ଣମୂର୍ତ୍ତି ୟୁରୋପରୁ ଫେରି ଆସିଛନ୍ତି। ଜାନୁ ଶେଷ ପର୍ଯ୍ୟନ୍ତ ସେ ଭାରତ ପରିଭ୍ରମଣରେ ବାହାରିବେ। ବର୍ତ୍ତମାନର ଥିଓସଫି ଆନ୍ଦୋଳନ ସମ୍ବନ୍ଧେ ପ୍ରେସପରର ପ୍ରତିନିଧି ଜଗଦ୍‌ଗୁରୁଙ୍କ ମତାମତ ପଚାରିଲେ। କୃଷ୍ଣମୂର୍ତ୍ତି କହୁଛନ୍ତି, "ଏମାନଙ୍କ ଅର୍ଥ ନାହିଁ। ଏହି ପୁରୋହିତ ବା ଦେବଦୂତ ସମ୍ବନ୍ଧେ ମୁଁ କେବେ ଭାବିନାହିଁ। ଏଥିକୁ କେବଳ ଭକ୍ତି ଦେବାକୁ ହେବ। ପୁନର୍ଜନ୍ମ ବା ମଧ୍ୟବର୍ତ୍ତୀ ଅବସ୍ଥାରେ ଭାବ ପ୍ରସ୍ତୁତ ବାସ୍ତବ। ଭଗବାନ ପ୍ରତ୍ୟେକ ହୃଦୟ ମନ୍ଦିରରେ ଅଛନ୍ତି।

---

## ଖୋର୍ଦ୍ଧାରେ ବାଘ ଉପଦ୍ରବ

ଖୋର୍ଦ୍ଧା ଜଙ୍ଗଲରେ ଭୟଙ୍କର ବ୍ୟାଘ୍ର ଉପଦ୍ରବ ହୋଇଛି। ଏହି ଅଳ୍ପ କେତେଦିନ ମଧ୍ୟରେ ଆଠ ଦଶ ଜଣ ଲୋକଙ୍କୁ ବ୍ୟାଘ୍ର ଆକ୍ରମଣ କରିଛି। କେତେ ଜଣ ମରିଛନ୍ତି ଏବଂ କେତେ ଜଣ ହସ୍ପିଟାଲରେ ଅଛନ୍ତି। ବ୍ୟାଘ୍ର କୌଣସି ଗୋଟିଏ ଜାଗାରେ ନ ରହି ଭିନ୍ନ ଭିନ୍ନ ଜାଗାରେ ବୁଲୁଥିବାରୁ ଶିକାରୀମାନେ ତାହାର କୌଣସି ଖୋଜଖବର ପାଉ ନ ଥିବାର ପ୍ରକାଶ।

---

## ସୁନାଦର କମିବ

ବିଲାତ ଖବରକାଗଜ ମାନଙ୍କରେ ପ୍ରକାଶ ଯେ ଜଗତର ସୁନା ଆବଶ୍ୟକଠାରୁ ଅଧିକ ପରିମାଣରେ ବଢ଼ିଛି। ଏଣେ ଭାରତରୁ କୋଟି କୋଟି ଟଙ୍କାର ସୁନା ବିଲାତକୁ ଆସିଲାଣି। ଲୋକେ ସୁନାଦର ବଢ଼ିବାରୁ ଯେଉଁ ସୁନା ଜମା କରିଥିଲେ ସେ ସବୁ ବିକିଦେଉଛନ୍ତି। କିନ୍ତୁ ଆଉ କେତେଦିନ ସୁନାଦର ଏପରି ଉଚ୍ଚରେ ରହିବ ବୋଧ ହେଉନାହିଁ।

---

## ଭାରତ ବ୍ୟବସ୍ଥାପକ ସଭାରେ

### ଉତ୍କଳ ସ୍ୱତନ୍ତ୍ରୀକରଣ ପ୍ରଶ୍ନ

ଭାରତ ବ୍ୟବସ୍ଥାପକ ସଭାରେ ଓଡ଼ିଶା ତରଫ ମେମ୍ବର ମିଷ୍ଟର ବି. ଏନ. ମିଶ୍ର ପ୍ରଶ୍ନ କଲେ, "ସରକାର ଉତ୍କଳ ପ୍ରଦେଶ ଗଠନ ବିଷୟରେ କ'ଣ କରୁଛନ୍ତି?"

ସାର୍ ବି. ଏଲ. ମିତ୍ର ସରକାରଙ୍କ ତରଫରୁ ଉତ୍ତର ଦେଲେ କି "ଭାରତ ସରକାର ପ୍ରତ୍ୟେକ ପ୍ରାଦେଶିକ ସରକାରଙ୍କର ମତ ନେଇଛନ୍ତି ଏବଂ ସେ ସମସ୍ତ ବିଷୟରେ ଭାରତ ସଚିବଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ସରକାର ଏ ବିଷୟରେ ଆଉ ଅଧିକା କିଛି କହିପାରିବେ ନାହିଁ।"

---

## କଂଗ୍ରେସ ସଭାପତି

### ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ

କଂଗ୍ରେସର ଅସ୍ଥାୟୀ ସଭାପତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମ୍ପର୍କରେ କାଶୀ କରିବେ ବୋଲି ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦଙ୍କୁ ବର୍ତ୍ତମାନ କଂଗ୍ରେସର ସଭାପତି କରିଛନ୍ତି।

---

Split by PDF Splitter
Digitized by srujanika@gmail.com

# କଟକ ରାଞ୍ଚି ରାସ୍ତା

କଟକଠାରୁ ରାଞ୍ଚି ଯିବାକୁ ହେଲେ ଢେଙ୍କାନାଳ ରାଜ୍ୟ ମଧ୍ୟ ଦେଇ ଯିବାକୁ ହୁଏ । ସେହି ରାଜ୍ୟ ମଧ୍ୟରେ ବ୍ରାହ୍ମଣୀ ନଦୀରେ ପୋଲ ନ ଥିବାରୁ ବର୍ଷା ସମୟରେ ମଟର ଗାଡ଼ି ଯାଇପାରେ ନାହିଁ । ବର୍ତ୍ତମାନ ସ୍ୱଳାଧୀନ ବ୍ରାହ୍ମଣୀ ନଦୀ ଉପରେ ଏକ ପୋଲ ନିର୍ମାଣ କରୁଛନ୍ତି । ପୋଲ ନିର୍ମାଣର ଖର୍ଚ୍ଚ ପଡ଼ିଛି ସାତେ ସ୍ତ୍ରକ୍ଷ ଟଙ୍କା, ରାଜପୁର ରେଲ ଷ୍ଟେସନଠାରୁ ବର୍ଷର ସବୁ ଋତୁରେ ଦଶା ହରବଳରେ ମଟର ରାଞ୍ଚି ପର୍ଯ୍ୟନ୍ତ ଯିବାର ପଥ ସୁଗମ ହୋଇଗଲା ।

---

## ପାଟନା ରାଞ୍ଚି ରାସ୍ତା

ବିହାର ଓଡ଼ିଶା ସରକାର କର୍ତ୍ତୃକ ସ୍ୱୀକୃତ ହୋଇ ପାଟନାଠାରୁ ଗୟା ଦେଇ ରାଞ୍ଚି ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ନିର୍ମାଣ କରୁଛନ୍ତି । ଏ ପଥଦେଇ ମଟର ଯୋଗେ ସରକାରୀ କର୍ମଚାରୀମାନେ ଗମନାଗମନ କରିବା ନିମନ୍ତେ ବହୁତ ସୁବିଧା ହୋଇଗଲା ।

---

## ଧରାବାଜ କିରାଣୀ

ମନ୍ତ୍ରାଜ କରେନ୍ସି ଅଫିସରେ ପେନସନ ବିଭାଗର ଜଣେ କିରାଣୀ ୪୩୦୦୦ ଟଙ୍କାର ନୋଟ ଚୋରି କରି ରଖିବା ପାଇଁ ଧରାଯାଇଥିଲା । ସେ ସେହି ଟଙ୍କା ରିଜର୍ଭ ଅଫିସରେ ଜମା ନ ଦେଇ ଆତ୍ମସାତ କଲେ । ପୁଲିସ ତଦନ୍ତ ଅନୁସନ୍ଧାନପରେ ତାଙ୍କୁ ବିଚାର ନିମନ୍ତେ ଧରି ସେସନକୁ ପଠାଇଲେ । ସେସନରେ ବର୍ଷେ ଜେଲ ଏବଂ ୫ ୩୦୦ ଟଙ୍କା ଜୋରିମାନା ଦଣ୍ଡର ହୁକୁମ ହୋଇଛି ।

---

## ସରକାରୀ ସାହାଯ୍ୟ
## ଲେଡି ସାପ୍ଟେଙ୍କୁ ଋଣଦାନ

ପରଲୋକ ଗତ ମହମଦ ସାଫିଙ୍କରେ ସରକାରଙ୍କର ଜଣେ ଅତିକ ବିଶ୍ୱସ୍ତ ନୌକର, ପ୍ରଥମ ଗୋଲଟେବୁଲ ବୈଠକରେ ସେ ସରକାରଙ୍କୁ ବହୁତ ପ୍ରକାର ସାହାଯ୍ୟ କରିଥିଲେ । ଦ୍ୱିତୀୟ ଗୋଲଟେବୁଲ ସମୟରେ ତାଙ୍କର ମୃତ୍ୟୁ ହୁଏ । ସରକାର ବର୍ତ୍ତମାନ ତାଙ୍କ ସ୍ତ୍ରୀଙ୍କି ଦୁଇଲକ୍ଷ ଟଙ୍କା ଅଳ୍ପ ସୁଧରେ ଋଣ ଦେଇଛନ୍ତି । ମାସକୁ ତାଙ୍କ ଭୋରଣ ପୋଷଣ ଭାବରେ ୧୨୦୦ ଟଙ୍କା ଦେବାର ବ୍ୟବସ୍ଥା କରିଛନ୍ତି ।

---

## ସାର ନରସିଂହ ଶର୍ମା
## ପରଲୋକ ଗମନ କଲେ

ମାନ୍ୟବର ସାର୍ ନରସିଂହ ଶର୍ମା ପରଲୋକ ଗମନ କରିଅଛନ୍ତି । ସେ ପୂର୍ବେ ବଡ଼ଲାଟଙ୍କ କାର୍ଯ୍ୟକାରୀ ସଭାର ମେମ୍ବର ଥିଲେ ।

---

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

## ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ
### ସଟେଇରକେଲା

ଅନେକ ୫ ୩୦୯ ଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ ଡିପ୍ଲୋମା ଟେଲରିଂ; ୫ ୨୫୯ ଙ୍କା ନେଇ ୬ ସପ୍ତାହରେ ଫୁଲଟେଲିର୍ଣ୍ଣ ଫଟୋଗ୍ରାଫ୍; ୫ ୩୦୯ ଙ୍କା ନେଇ ଏକମାସରେ ନାନାପ୍ରକାର ସାବୁନ ଓ ନାନା ପ୍ରକାର ଫି ଦେଇ ଜାଲି, ଡେଣ୍ଟାଲି ପ୍ରଭୃତି ନାନାପ୍ରକାର ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଇଥାଉଁ । ଅସମର୍ଥମାନଙ୍କ ନିକଟ ଲୁଗା ଟେଲ କରିଂ ଓ ଟେସ୍ଟର ଶିକ୍ଷା ଦେଇଥାଉଁ । ଭାଗ୍ୟବାନ ପାଇଁ ଏବଂ ଦେଶୀୟମାନେ ହେଲେ ଭାଲ୍ପର ଓ ଔଷଧ ଲାଗି ଏକପଇସା ମୂଲ୍ୟ ଲାଗେ ନାହିଁ । ଜଳବାୟୁ ଉତ୍ତମ । ଏଠାରେ ଶିକ୍ଷା କରିଗଲେ ଅନ୍ୟର ଅଧୀନ ନ ହୋଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ । ଅନୁସନ୍ଧାନ କଲେ ଜାଣି ପାରିବ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ । ସ୍କୁଲଟି ବି, ଏନ, ଆର ସିନି ଷ୍ଟେସନଠାରୁ ୭ମାଇଲ ଦୂରରେ ଅବସ୍ଥିତ । ସେଥିପାଇଁ ଏଣିଶ ଲକ୍ଷ ସର୍ବଦା ସାଦାସୂରେ କରୁଛି । ବିସ୍ତାରିତ ବିବରଣ ପାଇଁ ୫୦/୩ ଡାକଟିକଟ ସହ ପତ୍ର ଲେଖନ୍ତୁ ।

ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିଅଲ ଇନଷ୍ଟିଟ୍ୟୁସନ୍
ପୋଷ୍ଟ ଅଃ ସଟେଇରକେଲା । ଭାୟା-ସିନି । ସିଂହଭୂମ ଜିଲ୍ଲା

---

## ମୃତ୍ୟୁ ଦଣ୍ଡାଜ୍ଞା ରହିତ ହେଲା

ବାଲେଶ୍ୱର ଜଜଙ୍କରେ ଦରବା ଦେଇ ନାମରେ ଅଠର ବର୍ଷ ବୟସ୍କା ଏକ ସ୍ତ୍ରୀ ଲୋକ ତାର ସ୍ୱାମୀର ପରସ୍ତ୍ରୀଗମ ହେତୁରେ ଗଳା ହତ୍ୟା କରିଥିବା ଅପରାଧରେ କଲି ଜଜ ସାହେବଙ୍କ ବିଚାର ଫଳରେ ମୃତ୍ୟୁଦଣ୍ଡ ପାଇଥିଲା । ଏ ଦଣ୍ଡ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ଦାଏର ହୋଇଥିଲା । ପାଟନା ହାଇକୋର୍ଟର ପ୍ରଧାନ ବିଚାରପତି ଏବଂ ବିଚାରପତି ଷ୍ଟୁଆର୍ଟ ଉକ୍ତ ଆସାମୀର ମୃତ୍ୟୁଦଣ୍ଡ ପରିବର୍ତ୍ତେ ଯାବଜ୍ଜୀବନ ଦ୍ୱୀପାନ୍ତରର ହୁକୁମ ହୋଇଅଛି ।

---

## ପଞ୍ଚଶକ୍ତି ସମ୍ମିଳନ
## ଜର୍ମାନୀର ସହଯୋଗ

ସୁଇଜରଲାଣ୍ଡ ରାଜ୍ୟ ମାଲିଙ୍କର ଉଦ୍ୟୋଗ ହେଉଣ ନିମନ୍ତେ ଫ୍ରାନ୍ସ ଲୋକାର୍ଣ୍ଣୋ ଚୁକ୍ତି ଭଙ୍ଗ କରିବାରୁ ଏବଂ ଜର୍ମାନ ଭର୍ସାଇ ଚୁକ୍ତି ରଦ୍ଦ କରି ତାର ନିଜ ରାଜ୍ୟକୁ ଅସ୍ତ୍ର ଶସ୍ତ୍ର ଦ୍ୱାରା ସଜ୍ଜିତ କରିବାରୁ, ଶୃଙ୍ଖଳାରୁ ବର୍ତ୍ତମାନ ଲୋକେ ସ୍ଥାୟୀ ଉଦ୍ଦୀପନ ସଙ୍ଗ ବଳରୁ ଏକ କମିଟି ବସିଛି । କମିଟିର ମେମ୍ବର ବର୍ତ୍ତମାନ ହୋଇଛନ୍ତି ଇଟାଲି, ଜର୍ମାନ, ଆମେରିକା, ଇଂଲଣ୍ଡ, ଫ୍ରାନ୍ସ । କମିଟି କରିବାର ଉଦ୍ଦେଶ୍ୟ ହେଉଛି ଯେ ଜଗତର ଆମେରିକା ଜର୍ମାନର ସନ୍ତୁଷ୍ଟ କରିଯିବ ଏବଂ ଭର୍ସାଇ ଚୁକ୍ତି କାର୍ଯ୍ୟକାରୀ କରିଦେବ । ବୃଟିଶ ସରକାରଙ୍କର ଚେଷ୍ଟାଦ୍ୱାରା ଶୀଘ୍ର ସାର୍ ଜନ ସାଇମନ କମିଟିର ସଭାପତି ନିଯୁକ୍ତହୋଇ କମିଟିର କାର୍ଯ୍ୟ ଜେନେଭାଠାରେ ଆରମ୍ଭ ହୋଇଛି ।

---

## ମାଘ ମେଳା

ପ୍ରୟାଗରେ ମାଘ ମେଳା ଆସନ୍ତା ଜାନୁୟାରି ୧୧ ତାରିଖରେ ହେବ । ସରକାରଙ୍କ ତରଫରୁ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବିଶେଷ ବନ୍ଦୋବସ୍ତ କରାଯାଉଛି ।

---

୨୯ ୧୯।୮।୩୬

## ଦୁଇ ଟଙ୍କାରେ ୩ଟି ମୂଲ୍ୟବାନ ଘଡ଼ି
## ଏବଂ ୯୦ ଉପହାର

ଅଟୋମୋଟିକ ସ୍ପ୍ରିଙ୍ଗର ଘଡ଼ି ଏବଂ ଏହା ପଲର କାର୍ଯ୍ୟାବଳରେ ଜଡ଼ିତ, ଏହାର ଗତି ୩ ଦିନ ପର୍ଯ୍ୟନ୍ତ ସ୍ଥାୟୀ, ଏହାକୁ ବ୍ୟବହାର ଯେ କୁଇକ୍ଷେ ଦେଇ ଦଶଟି ତାଙ୍କ ଗୋଟିଏ ସୁନା ଗିଲ୍ଟି କରାଯାଇଥିବା ନ୍ୟୁମି ରିଷ୍ଟ ଓ୍ୱାଚ, ଗୋଟିଏ ମନିବ୍ୟାଗ ନିକେଲ ଗିଲ୍ଟ ଉଣ୍ଡିଆଲ୍ ସ୍ପ୍ରିଙ୍ଗ ‘ଙ’ ଟାଇମ



ପିସ୍ ସହ ( ୫ ବର୍ଷର ଗ୍ୟାରେଣ୍ଟିଯୁକ୍ତ ) ଗୋଟିଏ ରେଲଓ୍ୱେ ଟାଇମ୍ କିପର ସହ ଉପହାର ଦିଆହେବ । ଏହାଛଡ଼ା ଗୋଟିଏ ଫାଉଣ୍ଟେନ୍ ସହିତ ୯୦ ଟି ବିଭିନ୍ନ ଉପହାର ଦିଆହେବ । ପ୍ୟାକିଂ ଓ ଡାକ ମାଶୁଲ ସ୍ୱତନ୍ତ୍ର ।

General Trading Agency
15/1 Joy Mitter Street
P. O. Hatkhola
Calcutta

---

୩୬ ଡିସେମ୍ବର ୧୯୩୬

## ଗୋଦର, ହୋରଣ୍ଡ
## ଓ
## ଏକଶିରାର
### ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ହୋଇ ହୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏକମାସ ମଧ୍ୟରେ ଆରୋଗ୍ୟ ଲାଭ ହେବ । ଫଳହୋଇ ମୂଲ୍ୟ ଫେରସ୍ତ ଦିଆଯିବ । ପ୍ରତ୍ୟେକର ମୂଲ୍ୟ ୫୧।୮ ମାତ୍ର ।

ଡାକଘରର ଠିକଣା
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ସଟେଇରକେଲା
ଭାୟା-ସିନି । ସିଂହଭୂମ ଜିଲ୍ଲା

କଟକ ସିଟି ଇମ୍ପେରିଆଲ ଲିମିଟେଡ ଛାପାଖାନାରେ ଶ୍ରୀ ଭୁବନାନନ୍ଦ ମହାନ୍ତିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter

# ବଡ଼ଲାଟଙ୍କ ଭାବନା

ଅସ୍ପୃଶ୍ୟତା ନିବାରଣପାଇଁ ଗାନ୍ଧିଜୀ ଜେଲ ଭିତରୁ କାର୍ଯ୍ୟ କରୁଅଛନ୍ତି । କାର୍ଯ୍ୟ ଖୁବ ଦ୍ରୁତ ଗତିରେ ଚାଲିଛି । ଇତିମଧ୍ୟରେ ଗୁରୁବାୟୁର ମନ୍ଦିର ସମ୍ପର୍କରେ ଗାନ୍ଧିଜୀ ଉପବାସ କରିବାର ସଂକଳ୍ପ କରିଥାଉଛନ୍ତି । ଫଳ କ'ଣ ହେବ ଜଣା ଯାଇନାହିଁ । ସରକାର ଗାନ୍ଧିଜୀଙ୍କି ଏ ଅବସ୍ଥାରେ ଜେଲ ମଧ୍ୟରେ ଅଟକ ରଖି ତାଙ୍କ ଜୀବନର ସଂପୂର୍ଣ୍ଣ ଦାୟିତ୍ୱ ନେବାକୁ ବୋଧହୁଏ ପ୍ରସ୍ତୁତ ନଥିବାପରି ଜଣାଯାଏ । ଦ୍ୱିତୀୟରେ ଗୋଲଟେବୁଲ ସଭା ଉପରେ-କଂଗ୍ରେସ ଗୋଲଟେବୁଲ ସଭାର ସଂପୂର୍ଣ୍ଣ ଅସହଯୋଗ କରୁଛି । କିନ୍ତୁ କଂଗ୍ରେସ ଭାରତର ସର୍ବପ୍ରଥମ ଏବଂ ସର୍ବଶ୍ରେଷ୍ଠ ରାଜନୈତିକ ଦଳ । ସେ ଦଳକୁ ବାଦ ଦେଇ କିଛି କରିବା ଅସମ୍ଭବ । ସରକାର ଚାହାନ୍ତି କଂଗ୍ରେସର ସହଯୋଗ, କିନ୍ତୁ ବାଧା ଅନେକ । କଂଗ୍ରେସକୁ ଗୋଲଟେବୁଲ ନିର୍ଦ୍ଧାରିତମାନ ବସ୍ତୁର କରିବାପାଇଁ ସୁବିଧା ଦେବାକୁ ହେଲେ ଗାନ୍ଧିଜୀଙ୍କୁ ମୁକ୍ତ କରିବା ଦରକାର ବୋଲି ସରକାରଦଳୀୟ ଅନେକେ କହନ୍ତି । ଗାନ୍ଧିଜୀ ମୁକ୍ତହେଲେ କଂଗ୍ରେସ ସହଯୋଗର ପଥ ପ୍ରଶସ୍ତ ହେବ । ଏ ବିଷୟରେ ଲାଟଙ୍କ ପରାମର୍ଶ ଭାରତ-ସଚିବ କ'ଣ କହିବେ କିଛି ପ୍ରକାଶ ପାଇନାହିଁ ।

## ଫରାସି ପ୍ରଧାନ ମନ୍ତ୍ରୀ
## ହେରିଏଟ ସାହେବ ଇସ୍ତଫା ଦେଲେ

ଫ୍ରାନ୍ସ ଗତ ଯୁଦ୍ଧ ସମୟରେ ଅନେକ ଟଙ୍କା ଆମେରିକା ସରକାରଠାରୁ ଋଣ ଗ୍ରହଣ କରିଥିଲା । ସେଥିରୁ କେତେକ ଟଙ୍କା ସୁଝା ହୋଇଛି, କେତେକ ବାକି ଅଛି । ବାକି ଟଙ୍କା ସୁଝା ଦେବାପାଇଁ ଆମେରିକା ତାଗିଦ କରୁଛି । ଫ୍ରାନ୍ସ ପାର୍ଲିଅମେଣ୍ଟରେ ମନ୍ତ୍ରୀମାନଙ୍କ ତରଫରୁ ପ୍ରସ୍ତାବ ହେଲା ଯେ ଆମେରିକାକୁ ଚୁକ୍ତି ମୁତାବକ ଟଙ୍କା ପରିଶୋଧ କରାଯାଉ । ପ୍ରଧାନମନ୍ତ୍ରୀ ହେରିଏଟ ସାହେବ ଏବଂ ତାଙ୍କ ମନ୍ତ୍ରୀ ପରିଷଦ ଏ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । କିନ୍ତୁ ପାର୍ଲିଅମେଣ୍ଟରେ ଏ ପ୍ରସ୍ତାବ ନାମଞ୍ଜୁର ହୋଇଗଲା । ପ୍ରସ୍ତାବ ନାମଞ୍ଜୁର ହେବାରୁ ଅପମାନରେ ହେରିଏଟଙ୍କ ମନ୍ତ୍ରୀ ପରିଷଦ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି । ବର୍ତ୍ତମାନ ନୂଆମନ୍ତ୍ରୀ ପରିଷଦ ଗଠନ ପାଇଁ ଚେଷ୍ଟା କରୁଛନ୍ତି କିନ୍ତୁ କେହି ସରକାରୀ କର୍ତ୍ତବ୍ୟ ନେବାକୁ ମଙ୍ଗୁ ନାହାନ୍ତି ।

## ବନ୍ଧୁକ ସାହାଯ୍ୟରେ ବକ୍ତୃତା ଦାନ
## ଆମେରିକାନ ପାର୍ଲିଅମେଣ୍ଟ

ଆମେରିକାନ ପାର୍ଲିଅମେଣ୍ଟରେ ଜଣେ ସଦସ୍ୟ କେତେକ କଥା କହିବାକୁ ଚେଷ୍ଟାକଲେ କିନ୍ତୁ ଅନ୍ୟାନ୍ୟ ସଦସ୍ୟ କେହି ତାଙ୍କ କଥା ମନଦେଇ ନଶୁଣିବାରୁ ସେ ଗୋଟିଏ ବନ୍ଧୁକ ଲକ୍ଷକରି ଠିଆହୋଇ କହିଲେ-ମୋ କଥା ଶୁଣ, ନଶୁଣିଲେ ବନ୍ଧୁକରେ ମାରଦେବି । ସମସ୍ତେ ଭୟଭୀତ ହୋଇ ଶୁଣିଲେ । ବକ୍ତୃତା ଦେବାବାଦ ସେ ବନ୍ଧୁକଧାରୀ ସଦସ୍ୟ ବନ୍ଧୁକ ପକାଇଦେଇ ବାହାରକୁ ଚାଲି ଆସିଲେ । ପୁଲିସ ଧରିବାରୁ କହିଲେ ସେ ସାଧାରଣଙ୍କ ଉପକାର ପାଇଁ ମୁଁ ବକ୍ତୃତା ଦେଲି । ଲୋକେ ନଶୁଣିବାରୁ ବନ୍ଧୁକ ଦେଖାଇଲି, ଦୋଷ କ'ଣ ହେଲା ?

# ସାର ହୋରଙ୍କ
## ଆକାଶ କୁସୁମ

ଲଣ୍ଡନ ୧୭-୧୨-୩୨

ଭାରତୀୟ ଦେଶୀୟ ରାଜ୍ୟ ହାଇଦରାବାଦ ନିଜାମଙ୍କ ତରଫରୁ ପ୍ରତିନିଧି ସାର ଅକବର ହାଇଦରି ଲଣ୍ଡନରେ ଭାରତ ମନ୍ତ୍ରୀ ସାର ସାମୁଏଲ ହୋରଙ୍କୁ ନିମନ୍ତ୍ରଣ କରି ଏକ ବଡ଼ଟି ଭୋଜର ବ୍ୟବସ୍ଥା କରିଥିଲେ । ସେହି ଭୋଜିରେ ସାର ହୋର କହିଥିଲେ, "ଗୋଲଟେବୁଲ କାର୍ଯ୍ୟ ଏବଂ ଫଳରେ ସାଧାରଣଙ୍କ ଆସ୍ଥା କମାଇ ଅବିଶ୍ୱାସ ଜନ୍ମାଇବା ପାଇଁ ଆଜି ବିଲାତରେ ଏବଂ ଭାରତରେ କେତେକ ଲୋକ ଏବଂ କେତେ ଖଣ୍ଡ ଖବରକାଗଜ ଘୋରତର ଚେଷ୍ଟା କରୁଛନ୍ତି । ମିଷ୍ଟର ଚର୍ଚ୍ଚିଲଙ୍କ ପକ୍ଷ ଲୋକଙ୍କର ମଧ୍ୟ ଏ ଗୋଲଟେବୁଲ ସମ୍ମିଳନୀର ଫଳାଫଳ ଉପରେ ବିଶ୍ୱାସ ନଥିବାର ପ୍ରକାଶ । ବିଲାତର ଶ୍ରମିକଦଳ ଏବଂ ଲିବରାଲ ଦଳଙ୍କ ମଧ୍ୟରେ ଉପର ଲୋକଙ୍କ ଗଣ୍ଡ ଏବଂ ଏହି ରକ୍ଷଣଶୀଳ ଦଳଙ୍କ ଷଡ଼ଯନ୍ତ୍ର ଭାରତବାସୀଙ୍କର ଉପରେ ମନୋମାଳିନ୍ୟ ତାର ସେ ନିମନ୍ତେ ଲାଗିଥାଏ ଏବଂ ଗୋଲଟେବୁଲ ବିଫଳ ହେଉ ଏଥିପାଇଁ ଅନେକ ଲାଗିଛନ୍ତି । କିନ୍ତୁ ମୋର ବିଶ୍ୱାସ ସେମାନଙ୍କର ଏ ଆଶା ଫଳବତୀ ହେବ ନାହିଁ । ଗୋଲଟେବୁଲ ବୈଠକରେ ଏପରି କାର୍ଯ୍ୟ ହେବ ଯାହାକି ସେମାନଙ୍କ ଅସ୍ୱୀକୃତ କରି ସେମାନଙ୍କ ଆଶାକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବ । ଭାରତରେ କଂଗ୍ରେସର ଆଉ ଜୀବନ ନାହିଁ, ଆଉ କିଛିଦିନ ଏହିପରି ଶାସନର ବ୍ୟବସ୍ଥା ରହିଲେ କଂଗ୍ରେସର ନାମ ଲୁପ୍ତ ହେବ । ଭାରତର ଦେଶୀୟ ରାଜାମାନେ ଏଣିକି ଭାରତ ସରକାରଙ୍କୁ ରାଜ୍ୟ ଶାସନରେ ଖୁବ ସାହାଯ୍ୟ କରିବେ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ । ମୁଁ ନିଜେ ଖୁବ କଡ଼ାକଡ଼ି ଶାସନର ପକ୍ଷପାତୀ ।"

## ଗାନ୍ଧିଜୀଙ୍କ କାର୍ଯ୍ୟ ବଢ଼ିଛି
## ନୂଆ ସେକ୍ରେଟରି ନିଯୋଗ

ମହାତ୍ମା ଗାନ୍ଧିଜୀ ବର୍ତ୍ତମାନ ଜେଲଖାନା ମଧ୍ୟରେ ଅବସ୍ଥାନ କରି ମଧ୍ୟ ଅନେକ କାର୍ଯ୍ୟ କରିବାକୁ ହେଉଛି, ବିଶେଷତଃ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟରେ ତାଙ୍କୁ ଅତ୍ୟନ୍ତ ମାତ୍ରାରେ ପରିଶ୍ରମ କରିବାକୁ ହୁଏ । ଶ୍ରୀ ମହାଦେବ ଦେଶାଇ ତାଙ୍କୁ ଏ ସବୁ କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ସରକାରଙ୍କ ଅନୁମତି ସହିତ ତାଙ୍କ ପାଖରେ ଅଛନ୍ତି । ବର୍ତ୍ତମାନ ଏକା ତାଙ୍କଦ୍ୱାରା କାର୍ଯ୍ୟ ନ ଚଳିବାରୁ ସରକାର ଶ୍ରୀ ଛଗନଲାଲ ଯୋଷିଙ୍କୁ ଗାନ୍ଧିଙ୍କ ସେକ୍ରେଟରୀ କାର୍ଯ୍ୟ କରିବା ନିମିତ୍ତ ପଠାଇଛନ୍ତି ।

## ବିଜ୍ଞାନ ସମ୍ମିଳନୀ
## ପାଟନାରେ ହେବ

ଭାରତ ବର୍ଷୀୟ ବିଜ୍ଞାନ ସମ୍ମିଳନୀ ପାଟନାରେ ବସିବ । ଅଭ୍ୟର୍ଥନା ସମିତିର ସମ୍ପାଦକ ହୋଇଛନ୍ତି ସାର ସୁଲତାନ ଅହମଦ । ଯୁଗ୍ମ ସେକ୍ରେଟରୀ ହୋଇଛନ୍ତି ପାଟନା କଲେଜ ଅଧ୍ୟକ୍ଷ ବାଲ୍ଟେଓ୍ୱ ସାହେବ ଓ ଅଧ୍ୟାପକ ରାମଚାନ୍ଦ୍ରପ୍ରସାଦ । ଡାକ୍ତର ଏଲ୍, ଏଲ୍. ଫରମର, ସଭାପତି ହେବେ ।

# ଓଟଆ ବାଣିଜ୍ୟ ଚୁକ୍ତି

ବାଣିଜ୍ୟ ବିଲ ଭାରତ ବ୍ୟବସ୍ଥାପକ ସଭା ଏବଂ ଷ୍ଟେଟ କାଉନସିଲ ସଭାରେ ବିନା ବାଧା ବିଘ୍ନରେ ପାସ ହୋଇଗଲା । ତିନି ବର୍ଷ ନିମନ୍ତେ ଓଟଆ ଚୁକ୍ତି କାର୍ଯ୍ୟକାରୀ ହେବ ।

## ପ୍ରୟାଗ ମିଳନ ବୈଠକ

ଭାରତର ସବୁ ଧର୍ମ ଜାତି ସମ୍ପ୍ରଦାୟ କୁଳ ବ୍ୟବସାୟର ଲୋକଙ୍କର ଏକ ବିରାଟ ସଭା ଆଲାହାବାଦ ଠାରେ ୨୧ ତାରିଖ ଠାରୁ ଆରମ୍ଭ ହୋଇଛି । ଭାରତର ସମସ୍ତ ବଶିଷ୍ଠ ଦେଶ ପ୍ରେମିକ ନେତା ଏବଂ ଅନେକ ରାଜା ମହାରାଜା ଏ ସଭାରେ ଯୋଗ ଦେଇଛନ୍ତି । ସଭାର ଉଦ୍ଦେଶ୍ୟ ଯେ ସବୁ ଧର୍ମ ଓ ଜାତିର ଲୋକଙ୍କ ମନ ମଧ୍ୟରେ ଏକତା ଭାବ ଜାଗ୍ରତ କରିବା ଏବଂ ରାଜନୈତିକ ଅଧିକାରର ଭାଗବଣ୍ଟା ନିଷ୍ପତ୍ତି କରିବା । ଭାରତର ସବୁ ଶ୍ରେଣୀର ଲୋକେ ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ଯେ ଏ ସଭା ଉପରେ ଫଳବତୀ ହେଉ-ଭାରତ ଏକ ହେଉ-ଭାଇ ଭାଇ ମଧ୍ୟରେ ଦ୍ୱେଷ ଭାବର ସ୍ଥାନ ଚିରଦିନ ନିମନ୍ତେ ଲୁପ୍ତ ହେଉ ।

## ଭାରତର ପ୍ରକୃତ ଅବସ୍ଥା ଦେଖିବେ
## ଇଉରୋପରୁ ୯୦ ଜଣ ଆସିଲେ

ଇଟାଲି ଦେଶରୁ ୯୦ ଜଣ ଭାରତର ପ୍ରକୃତ-ଅବସ୍ଥା ଦେଖିବାକୁ ଭାରତକୁ ଜାନୁଆରୀ ୨୧ ତାରିଖରେ ଆଗମନ କରୁଛନ୍ତି । ସେମାନେ ଏଠାରେ ବହୁଦିନ ରହି ବହୁ ଲୋକ ସାଧାରଣଙ୍କ ସହିତ ମିଳାମିଶା କରି ଲୋକଙ୍କର ଗଭୀର ଦେଶ ଭକ୍ତି କଷ୍ଟ ସହିଷ୍ଣୁତା ଦେଖି ବୁଝିବେ ।

## ବର୍ମା ବିଚ୍ଛେଦ

ବର୍ମାର ନୂଆ ଗଠିତ ହୋଇଥିବା ବ୍ୟବସ୍ଥାପକ ସଭାରେ ବିଚ୍ଛେଦବାଦ ଦଳର ନେତା ମିଃ ଉଚିଂଟା ଯେ ଭାରତରୁ ବର୍ମା ବିଚ୍ଛେଦ ନିମନ୍ତେ ଏକ ପ୍ରସ୍ତାବ ଉପସ୍ଥାପିତ କରି ଅନେକ ଯୁକ୍ତି ଦେଖାଇଥିଲେ କି ଭାରତରୁ ବର୍ମା ଅଲଗା ହୋଇଗଲେ ଯେ ବର୍ମା ବିଷୟ ଶାସନ କ୍ଷମତା ନ ପାଇବ ବ୍ରିଟିଶ ସରକାରଙ୍କର ଗୋଟିଏ ଉପନିବେଶ ଭାବରେ ଗଣ୍ୟ ହେବ ତାହା ନୁହେଁ । ଏପରି ଗୋଟିଏ ଭ୍ରାନ୍ତ ଧାରଣା ଲୋକ ସାଧାରଣଙ୍କ ମନରେ ଅଛି କିନ୍ତୁ ତାହା ଅମୂଳକ । ଭାରତ ସହିତ ବର୍ମା ରହିଲେ ଭାରତ ସ୍ୱାଧୀନତା ପାଇଲେ ମଧ୍ୟ ବର୍ମାର କିଛି ହେବନାହିଁ-କାରଣ ବର୍ମା ଗୋଟିଏ ପ୍ରଦେଶ-ଭାବରେ ଗଣ୍ୟ ହେବ ଏବଂ ସଂଖ୍ୟା ଅଧିକରୁ ସାଇଁ ଭାରତ ଅଧିନରେ ରହିବ; ଏପରି ଅବସ୍ଥାରେ ଭାରତରୁ ଅଲଗା ହୋଇ ରହି ଗୋଟିଏରେ ଝଡ଼ା ହେବା ସର୍ବ ପ୍ରକାରେ ମଙ୍ଗଳ; ଅଚ୍ଛେଦ ବାହ୍ମଣ ବାଦଦଳର ନେତା ଏହାବାଦ ବକ୍ତୃତା କରିଥିଲେ । ସେ ଭାରତ ସହିତ ବର୍ମା ରହିଲେ କ'ଣ ଲାଭହେବ ଏହି ବିଷୟରେ କହୁଥିଲେ । କିନ୍ତୁ ନିଶ୍ଚିତ ନହୋଇ ବିଷୟଟି ବନ୍ଦ ସ୍ଥଗିତ ରହିଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳଦୀପିକା

ଡିସେମ୍ବର ତା ୨୪ ଋଖ ଶନିବାର


## କଟକ ମ୍ୟୁନିସିପାଲିଟି

କଟକ ମ୍ୟୁନିସିପାଲିଟି କମିଶନର ନିର୍ବାଚନ କାର୍ଯ୍ୟ ଶେଷ ହୋଇଛି । ପୁରୁଣା ମେମ୍ବରଙ୍କ ମଧ୍ୟରୁ ଅନେକେ ପୁଣି ନିର୍ବାଚିତ ହୋଇଛନ୍ତି । କେତେକ ଓ୍ୱାର୍ଡରୁ ନୂଆ ମଧ୍ୟ କେତେକ ଆସିଛନ୍ତି । ପୁରୁଣା ଥିବା କମିଶନରମାନଙ୍କର ପୁଣି ନିର୍ବାଚିତ ହୋଇ ଆସିବାଟା ସେ ଜାଣ କାର୍ଯ୍ୟକୁଶଳତାର ପରିଚୟ ତାହା ବର୍ତ୍ତମାନ କ୍ଷେତ୍ରରେ କହି ହେବନାହିଁ । ଗତଥରର ସରକାରୀ ମନୋନୀତ କେତେଜଣ କମିଶନର ମଧ୍ୟ ଏଥର ନିର୍ବାଚନରେ ଛିଡ଼ାହୋଇ ନିର୍ବାଚିତ ହୋଇ ପାରିଛନ୍ତି । ସେ ସାହାହେଉ ପ୍ରଥମ ଥରର ଲଢ଼ା ଯାଙ୍ଗ ହୋଇ ଏବେ ଦ୍ୱିତୀୟ ଲଢ଼ାର ଅବତାରଣା ହେଉଛି । ବର୍ତ୍ତମାନର ପ୍ରଶ୍ନ ହେଉଛି ଚେୟାରମ୍ୟାନ ନିର୍ବାଚନ । ଆମ୍ଭେମାନେ ଶୁଣୁଛୁ ଯେ ଚେୟାରମ୍ୟାନ ଭାଇସ୍ ଚେୟାରମ୍ୟାନ ହେବା ନିମନ୍ତେ ପ୍ରାୟ ପ୍ରତ୍ୟେକ କମିଶନର ଚେଷ୍ଟାରେ ଅଛନ୍ତି । ଚେୟାରମ୍ୟାନ ସ୍ଥାନ ପାଇଁ ପ୍ରାୟ ସାତଜଣ ଏବଂ ଭାଇସ୍ ଚେୟାରମ୍ୟାନ ସ୍ଥାନ ପାଇଁ ପ୍ରାୟ ନଅଜଣ ପ୍ରାର୍ଥୀ ହୋଇଛନ୍ତି । ତାଙ୍କ ଭିତ୍ତରୁ ସାତଜଣ କମିଶନରମାନେ ବୋଧହୁଏ ଉଭୟ ପଦ ପାଇଁ ଅଛି ରହିଥିବେ । ଓଡ଼ିଆ ବଙ୍ଗାଳୀ ଦଳଙ୍କର ପୁଣି ଅବତାରଣା ମଧ୍ୟ ହୋଇଛି । ଗତ କେତେକ ବର୍ଷରେ ଓଡ଼ିଶା ଉପକୂଳର କମିଶନର ସାହେବ ମ୍ୟୁନିସିପାଲିଟି ଅଫିସ ପରିଦର୍ଶନ କରି ମନ୍ତବ୍ୟ ଦେଇଥିଲେ ଯେ ଏହି ମ୍ୟୁନିସିପାଲିଟିର କର୍ତ୍ତୃତ୍ୱ ଭାର ଲୋକମାନଙ୍କ ହାତକୁ ନ ଯାଏ ଏବଂ ଅବସ୍ଥାର ପରିବର୍ତ୍ତନ ନ ହୁଏ ତାହାହେଲେ ସେ ମ୍ୟୁନିସିପାଲିଟିକୁ ସରକାର ହାତକୁ ନେବାପାଇଁ ସୁପାରିଶ କରିବେ । ଏପରି ଦୃଷ୍ଟି ରାଜ୍ୟର ସରକାର ହେତୁ ହେଉଛି ଯେ ବର୍ତ୍ତମାନର କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ହାନିରୁ ମ୍ୟୁନିସିପାଲିଟିର ଅବସ୍ଥା ଶୋଚନୀୟ ହୋଇଛି, ନୂଆ ଲୋକଙ୍କ ହାତକୁ ଗଲେ ଯଦି ତା ଅବସ୍ଥାର ପରିବର୍ତ୍ତନ ଘଟିପାରିବ । କଟକ ମ୍ୟୁନିସିପାଲିଟି ସମ୍ବନ୍ଧରେ ଏହିପରି ଦୁର୍ନାମ କେତେକ ବର୍ଷହେବ ଶୁଣିଛି । ଏପରି ଅବସ୍ଥାରେ ସମସ୍ତେ ନିଜନିଜର କ୍ଷୁଦ୍ର ସ୍ୱାର୍ଥକୁ ପଛରେ ପକାଇ ମ୍ୟୁନିସିପାଲିଟିର କର୍ତ୍ତୃତ୍ୱ ଭାରକୁ କେବେ ଏକ କେଉଁ ଲୋକର ଦାୟିତ୍ୱ, ସ୍ୱାଧ, ଶକ୍ତି, ସାମର୍ଥ୍ୟ ଅଛି ଏବଂ କଏ ସମସ୍ତଙ୍କର ବିଶ୍ୱାସଭାଜନ ହୋଇ ନିରପେକ୍ଷ ଭାବରେ କର୍ତ୍ତବ୍ୟ କାର୍ଯ୍ୟ କରିପାରିବ ଏହା ଠିକ୍ କରନ୍ତୁ । କମିଶନରମାନଙ୍କ ମଧ୍ୟରେ ହେଉଛି ଚେୟାରମ୍ୟାନ ପଦ ପ୍ରାର୍ଥୀ ଅଛନ୍ତି ସେଉଁମାନଙ୍କ ଏ କର୍ତ୍ତବ୍ୟ ବଶ ହୋଇଥିଲା କରି ସେମାନେ ତାର ସଦ୍‌ବ୍ୟବହାର ନ କରି ବରଂ ମ୍ୟୁନିସିପାଲିଟିର ତଥା କଟକର ନାମକୁ ଅଧିକ କଳଙ୍କିତ କରିଛନ୍ତି । ଏପରି ଲୋକମାନଙ୍କୁ ମୂଳରୁ ବାଦ ଦେବା ଉଚିତ ।

—:o:—

# ଟିପ୍ପଣୀ

## ବିପୁଳ ଦାନ

କଟକ ମୋପଲେମ ଟେସିନେଷର ଘର ଏବଂ ଜମି ନିମନ୍ତେ ମନ୍ଦ୍ରାଜର ବ୍ୟବସାୟୀ ମୌଲବି ଅବଦୁଲ ହକମ ଦଶହଜାର ଟଙ୍କା ଦାନକରି ଭବିଷ୍ୟତରେ ଅଧିକ ସାହାଯ୍ୟର ଆଶା ଦେଉଛନ୍ତି । ବର୍ତ୍ତମାନ ଦେଶର ଛୋଟ ଜନସାଧାରଣଙ୍କର ଅର୍ଥ କ ଦୁର୍ଭିକ୍ଷ ସମୟରେ ଏପରି ଏକ ଦାନ ଅତି ଅଶ୍ଚର୍ଯ୍ୟର ଏବଂ ଆନନ୍ଦର କଥା । ଆମ୍ଭେମାନେ କଟକବାସିଙ୍କ ତରଫରୁ ଶେଠ ଅବଦୁଲ ହକମଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ ।

—:o:—

## ଜଳକର

ଗତ ଥରର ଓଡ଼ିଶା ବ୍ୟବସ୍ଥାପକ ସଭା ବୈଠକରେ ଓଡ଼ିଶା କେନାଲମାନଙ୍କର ଜଳକର କମାଇବା ନିମନ୍ତେ ଏକ ପ୍ରସ୍ତାବ ପାଶ ହୋଇଥିଲା । ଲୋକେ ଆଶା କରିଥିଲେ ସରକାର ନିଶ୍ଚୟ ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ କର ଗୋଟାଏ କମାଇବେ, କିନ୍ତୁ ଶୁଣିଲୁ ସରକାର ବର୍ତ୍ତମାନ କର କମାଇବାକୁ ନାରାଜ । ଫସଲର ଦାମ ଯାହା ହେଉଛି ଏବଂ ଚାଷୀକୁ ଧାନ ଯେପରି କମ୍ ମିଳୁଛି ସେଥିରେ ସେ ଜମିର ଖଜଣା ତୁଟିବା ମୁସ୍କିଲ୍ ତା ଉପରେ ପୁଣି ଏତେ ଚଢ଼ା ଭାବରେ ଜଳକର ଲୋକେ କେବେ ଦେଇପାରନ୍ତି ? ଗତ ପାଞ୍ଚବର୍ଷ ମଧ୍ୟରେ ଜମିର ଖଜଣା ପୂର୍ବଠାରୁ ବଢ଼ିଛି, ଲୋକେ କିନ୍ତୁ ଆପତ୍ତି କରିଥିଲେ ତାହା ଶୁଣିବା ବେଳେ ଏ ସମୟରେ ବିଶେଷ କରି ସରକାର କରିଲେ ନାହିଁ । ବ୍ୟବସ୍ଥାପକ ସଭା ସଦସ୍ୟ ଏ ବିଷୟରେ ବିଶେଷ ଭାବରେ ଲୋକଙ୍କର ଦୁର୍ଗତି ତଥା କେନାଲ କର୍ତ୍ତୃପକ୍ଷଙ୍କର ବ୍ୟବସ୍ଥା ଇତ୍ୟାଦି ବିଷୟ ବୁଝିବାର ସୁବିଧା ଅସୁବିଧା ଏବଂ ଅସ୍ତୁ ବ୍ୟୟର ବ୍ୟବସ୍ଥା ବୁଝିଛନ୍ତି । ଲୋକ ସାଧାରଣ ଆଶା କରନ୍ତି ଯେ ମହାଶୟ ଏ ବିଷୟ ସରକାରଙ୍କୁ ଭଲ ଭାବରେ ବୁଝାଇ ଜଳକର ହ୍ରାସ ନିମନ୍ତେ ଯତ୍ନ କରିବେ ।

—:o:—

## ବ୍ରହ୍ମ ବ୍ୟବସ୍ଥାପକ ସଭା ସଭାପତି ବିତାଡ଼ିତ ହେଲେ

ବ୍ରହ୍ମ ବ୍ୟବସ୍ଥାପକ ସଭାର ସଭାପତି ମିଃ ଉ ବା ଓ ଉ ଶ୍ୱେଙ୍କ ବିରୁଦ୍ଧରେ ଅବିଶ୍ୱାସ ସୂଚକ ପ୍ରସ୍ତାବ ବ୍ୟବସ୍ଥାପକ ସଭାରେ ଉପସ୍ଥାପିତ ହୋଇ ଗ୍ରାହ୍ୟ ହେବାରୁ ସେ ଇସ୍ତଫା ଦାଖଲ କଲେ । ତାଙ୍କ ସ୍ଥାନରେ ସଭାପତି ହେବାପାଇଁ ଦୁଇଜଣ ପ୍ରାର୍ଥୀ ହୋଇଛନ୍ତି । ସଭାପତିଙ୍କ ବିରୁଦ୍ଧରେ ଅଭିଯୋଗ ଯେ ସେ ପକ୍ଷାପକ୍ଷ ଅବଲମ୍ବନ କଲେ ।

—:o:—

## ବିଲାତ ସରକାରଙ୍କ ସାହାଯ୍ୟ ଦାନ

ବିଗତ ଯୁଦ୍ଧରେ ଅସଂଖ୍ୟ ଲୋକଙ୍କର ନାନାପ୍ରକାର କଷ୍ଟ ହୋଇଥିଲା । ବ୍ରିଟିଶ ସରକାରଙ୍କ ଅଧିକୃତ ରାଜ୍ୟର ପ୍ରଜାମାନଙ୍କ ମଧ୍ୟରୁ ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ବ୍ରିଟିଶ ସରକାର ପ୍ରତ୍ୟେକ ସପ୍ତାହରେ ୫ ୧୫୦୦-୨୦୦୦ ଟଙ୍କା ସାହାଯ୍ୟ ଏପର୍ଯ୍ୟନ୍ତ ଦେଇ ଆସୁଛନ୍ତି ।

—:o:—

# ଗାନ୍ଧିଜୀଙ୍କ ନାମରେ

## ମକଦ୍ଦମା

ଅଛୁଆମାନଙ୍କୁ ମନ୍ଦିର ଛାଡ଼ିଦେବା ସପକ୍ଷରେ ଗୁରୁଭାୟୁରେ ଆନ୍ଦୋଳନ ଦେଖି ସୁନାତନପନ୍ଥୀ କେତେକ ହିନ୍ଦୁ ଉତ୍ତେଜିତ ହୋଇଛନ୍ତି । ସେମାନେ ମହାତ୍ମାଗାନ୍ଧି, ପଣ୍ଡିତ ମାଲବ୍ୟ, ଶ୍ରୀଯୁକ୍ତ ରାଜଗୋପାଳାଚାରି ଓ ଅନ୍ୟାନ୍ୟ ୨୫ ଜଣ ବ୍ୟକ୍ତିଙ୍କ ନାମରେ ନାଲିଶ ଦାଏର କରିଛନ୍ତି । ଏମାନଙ୍କର ମତ ଯେ ମନ୍ଦିର ପ୍ରବେଶ ଆନ୍ଦୋଳନ ହିନ୍ଦୁଧର୍ମକୁ ଉଚ୍ଛନ୍ନ କରିଦେବ । ଗାନ୍ଧିଜୀଙ୍କ ଉପବାସ ହିନ୍ଦୁ ସମାଜରେ ଅଶାନ୍ତିର ସୃଷ୍ଟି କରିବ ।

---

## ସୁଭାଷବୋଷ ୟୁରୋପ ଯିବେ ?

ଲକ୍ଷ୍ନୌ ୧୮।୧୨।୩୨

ଅଭ୍ୟାବଳେ ଶ୍ରୀ ସୁଭାଷବୋଷଙ୍କୁ ନୈନିତାଲଠାରୁ ଏଠାକୁ ଅଣାହୋଇଛି । ସିଭିଲସର୍ଜ୍ଜନ କହିଲେ ଯେ ତାଙ୍କର ଚିକିତ୍ସା କରିବେ । ଡାକ୍ତରୀ ପରୀକ୍ଷାପରେ ତାଙ୍କୁ ତାଙ୍କ ସ୍ୱାସ୍ଥ୍ୟ ନିମିତ୍ତ ସୁଇଜରଲାଣ୍ଡ ପଠାଯିବ ବୋଲି ସ୍ଥିର କରାହେବ ।

---

## ହିନ୍ଦୁ ବିଶ୍ୱବିଦ୍ୟାଳୟ

## ଦେଶୀୟ ଭାଷାରେ ଶିକ୍ଷା ଦିଆଯିବ

ବନାରସ ୧୭।୧୨।୩୨

ହିନ୍ଦୁ ବିଶ୍ୱବିଦ୍ୟାଳୟର କନଭୋକେଶନ ଆଜି ଉତ୍ସବ ହେଲା । ଭାଇସ ଚାନସେଲର ପଣ୍ଡିତ ମାଲବ୍ୟ ଉପାଧିପତ୍ର ବିତରଣ କଲେ । ଆଲୱାରର ମହାରାଜା, ବନାରସର ମହାରାଜା, କଲିକତା ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ସାର ସୁରେନ୍ଦ୍ରନାଥ ପ୍ରଭୃତି ବହୁ ବିଶିଷ୍ଟ ଲୋକ ଉପସ୍ଥିତ ଥିଲେ । ପଣ୍ଡିତ ମାଲବ୍ୟ ବକ୍ତୃତାରେ ବକ୍ତୃତା ଦେଇ କହିଲେ, ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଏପର୍ଯ୍ୟନ୍ତ ୧ କୋଟି ୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି, ଆହୁରି ୪ କୋଟି ଦରକାର ଏବଂ ସଂଗ୍ରହର ଚେଷ୍ଟା ଚାଲିଛି । ଏହିକି ବିଶ୍ୱବିଦ୍ୟାଳୟରେ ମାତୃଭାଷାରେ ଶିକ୍ଷାଦେବାର ବ୍ୟବସ୍ଥା ହେଉଛି । ହାଇସ୍କୁଲ ମାନଙ୍କରେ ମାତୃଭାଷାରେ ଶିକ୍ଷା ଦିଆଗଲାଣି । କଲେଜ ମାନଙ୍କରେ, ଆଇ. ଏ. କ୍ଲାସରେ ମାତୃଭାଷାରେ ଶିକ୍ଷା ଏବର୍ଷ ଦିଆଯିବ । ଇଂରାଜୀଭାଷା ଶିକ୍ଷାଦାନର ଆମଦାନୀ କି ବାଧାଜନକ ନୁହେଁ ସବୁ ବିଷୟ ସେହି ଭାଷା ସାହାଯ୍ୟରେ ଶିକ୍ଷାଦେବା ଜାତିକୁ ଦେଶକୁ ଏବଂ ମାତୃଭାଷାକୁ ଅପମାନ ଏବଂ ସୋହିଏ ଚିହ୍ନାଇ ଅସ୍ୱାଭାବିକ ଲକ୍ଷଣ ।

---

## ପାରଳାଖେମୁଣ୍ଡି ରାଜା ବଡ଼ଲାଟଙ୍କୁ ସାକ୍ଷାତ କରିବେ

ପାରଳାର ରାଜା ଆସନ୍ତା ଡିସେମ୍ବର ୨୮ ତାରିଖରେ କଲିକତା ବେଲଭେଡ଼ିଅର ପ୍ରାସାଦରେ ଲର୍ଡ ୱେଲିଂଡନ ବଡ଼ଲାଟ ସାହେବଙ୍କ ସହିତ ସାକ୍ଷାତ କରିବେ । ଓଡ଼ିଶାରେ ଜୁନାମ ଗ ବିଷୟରେ ବୋଧହୁଏ କଥାବାର୍ତ୍ତା ହେବ ।

---

## ବିଶ୍ୱବିଖ୍ୟାତ କବି ବର୍ନାର୍ଡ଼ଶଙ୍କ ଭାରତ ଆଗମନ

ବିଶ୍ୱ ବିଖ୍ୟାତ ଇଂରାଜ କବି ବର୍ନାର୍ଡଶ ପୃଥିବୀ ପର୍ଯ୍ୟଟନରେ ବାହାରିଛନ୍ତି । ଜାପାନ ପରିଦର୍ଶନ କରି ସେ ଭାରତକୁ ଆସି ଅବସ୍ଥାନ କରିବେ ।

---

Split by PDF Splitter

184

Digitized by srujanika@gmail.com

# ବିଲାତି ଗୋଲଟେବୁଲ ଶେଷହେବା ଉପରେ

ଲଣ୍ଡନ ୧୭-୧୨-୩୨

ବିଲାତରେ ପ୍ରକାଶ ଯେ ସମ୍ମିଳନୀ ଡିସେମ୍ବର ୨୪ତାରିଖ ପୂର୍ବରୁ ଶେଷ । ସାର ସାମୁଏଲ ହୋର୍‌ଙ୍କ ଇଚ୍ଛାଯେ କଉଣସି ଛୁଟି ପୂର୍ବରୁ ଯେପରି ସବୁ କାର୍ଯ୍ୟ ସରେ । ସାର ହୋର ଏବଂ ସାର ସାପ୍ରୁଙ୍କ ମଧ୍ୟରେ ଅନେକ କଥାବାର୍ତ୍ତା ହୋଇଛି । ସମସ୍ତଙ୍କର ଆଶା ଯେ ଯଦି ଗୋଷ୍ଟିଏ ମିଳାମିଶା ଏ ଦୁହିଁଙ୍କ ମଧ୍ୟରେ ହୋଇଯାଏ ତାହାହେଲେ ସରକାର ରାଜନୈତିକ ବନ୍ଦୀମାନଙ୍କୁ ମହାତ୍ମାଙ୍କ ସହିତ ମୁକ୍ତ ଦେଇପାରନ୍ତି । ଯଦି ସାର ହୋରଙ୍କ ମଧ୍ୟରେ ମିଳାମିଶା ନ ହୋଇ ମନୋମାଳିନ୍ୟ ରହେ ତାହାହେଲେ ସରକାର ସବୁଦୋଷ ସାପ୍ରୁ ଜୟକାରଙ୍କ ଉପରେ ଲଦିବେ । ଭାରତମନ୍ତ୍ରୀଙ୍କ ତରଫରୁ ସାପ୍ରୁଙ୍କ ନିକଟ ମିଳାମିଶାପାଇଁ କେତୁକ ପ୍ରସ୍ତାବ ଆସୁଛି ।

ମୂଳରୁ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ ଯେ ତୃତୀୟ ଗୋଲଟେବୁଲ ବୈଠକର କୌଣସି ଲିଖିତ ବିବରଣୀ ରହିବନାହିଁ କିନ୍ତୁ ସାପ୍ରୁଙ୍କ ଚେଷ୍ଟାରୁ ବିବରଣୀ ଲେଖାହୋଇ ରହୁଛି ଏବଂ ପ୍ରକାଶହେବାର ବ୍ୟବସ୍ଥା ହେଉଛି ।

ବିଶ୍ୱସ୍ତ ରେଉଟର୍‌ସ୍ର ଖବର କାଗଜରେ ପ୍ରକାଶ ଯେ କଂଗ୍ରେସ ଏଥର ଗୋଲଟେବୁଲରେ ଯୋଗ ନଦେବାରୁ ମାଳବ୍ୟଙ୍କ ପ୍ରଭୃତି ସାପ୍ରୁଙ୍କର ଦଳ ବ୍ୟତିବ୍ୟସ୍ତ ହେଲେଣି । ସେମାନଙ୍କ ପକ୍ଷରେ ଅବସ୍ଥା ବଡ଼ ଅସନ୍ତୋଷଜନକ ହେଲାଣି । ବିଲାତ ସରକାରଙ୍କର ପ୍ରସ୍ତାବ ଯେ ଭାରତର ଅର୍ଥ ବିଭାଗ ପୁରାପୂରି ବଡ଼ଲାଟଙ୍କ କ୍ଷମତା ଅଧୀନରେ ରହିବ । ଦେଶୀୟ ଲୋକଙ୍କର ଭାରତ ସରକାରଙ୍କ ଅର୍ଥ ବିଭାଗ ଉପରେ କିଛି ହାତ ରହିବନାହିଁ । ଏ ପ୍ରସ୍ତାବ ଯଦି କାର୍ଯ୍ୟରେ ପରିଣତ ହୋଇ ଏହିପରି ବ୍ୟବସ୍ଥା ରହେ ତେବେ ସ୍ୱାୟତ୍ତ ଶାସନର ଅର୍ଥ କଣ ହେବ । ଆଗରୁ ପ୍ରକାଶ ପାଇଥିଲା ଯେ ଗୋଲଟେବୁଲ ସମ୍ମିଳନୀ ଶେଷବା ସମୟରେ ବିଲାତ ସରକାରଙ୍କ ପ୍ରଧାନ ମନ୍ତ୍ରୀ ଗୋଟିଏ ବିଶେଷ ବକ୍ତୃତାରେ ତାଙ୍କ ସରକାରଙ୍କର ଭବିଷ୍ୟତ ଉଦ୍ଦେଶ୍ୟ ବିଷୟରେ କହିବେ । କିନ୍ତୁ ସେ ଆସିବେନାହିଁ, କିଛି କହିବେ ନାହିଁ । ଭାରତ ମନ୍ତ୍ରୀଙ୍କଦ୍ୱାରା କାର୍ଯ୍ୟ ଶେଷହେବ । ଯାହା କିଛି ବିଲାତ ସରକାରଙ୍କର ଘୋଷଣା କରିବାର ଥିବ ତାହା ଭାରତ ମନ୍ତ୍ରୀ କହିବେ ।

ସାପ୍ରୁ, ଜୟକାର ସାର ହୋରଙ୍କ ସହିତ ସୈନ୍ୟ, ଅର୍ଥ ଓ ବୈଦେଶିକ ସମ୍ପର୍କ ବିଷୟରେ କଥାବାର୍ତ୍ତା କରୁଛନ୍ତି । ଏ ବିଷୟମାନ ସ୍ଥିର କରିବାପାଇଁ ଏକ କମିଟି ବସିବାର ବ୍ୟବସ୍ଥା ହୋଇଛି । ସାପ୍ରୁ ଭାରତର ସୈନ୍ୟ ବିଭାଗ ପଞ୍ଚ-ଶ୍ୱଲନୀ ବିଷୟରେ ଯାହା ଦାବୀ କରୁଛନ୍ତି ସେ ବିଷୟ ଭାରତ ସରକାରଙ୍କୁ ସାର ହୋର ଜଣାଇବେ ବୋଲି କହୁଛନ୍ତି । କିନ୍ତୁ ଫେଡ଼ରେସନ ବ୍ୟବସ୍ଥା ସକାଶେ କୌଣସି ହାତ ସୈନ୍ୟ ବିଭାଗ ଉପରେ ରହିବନାହିଁ ଏବଂ ଭାରତ ବାହାରେ ଏ ସୈନ୍ୟମାନେ କାର୍ଯ୍ୟ କରିବାର ବ୍ୟବସ୍ଥା ରହିବବୋଲି ହୋର-ସାହେବ କହି ଥାଉଛନ୍ତି । ଦେଶୀୟରାଜ୍ୟ ପ୍ରତିନିଧି ସାର ମାନୁଭାଇ ମେହେଟା ପ୍ରକାଶ କରୁଛନ୍ତି ଯେ ଦେଶୀୟ ରାଜ୍ୟମାନେ ନିଶ୍ଚୟ ଫେଡ଼ରେସନରେ ଯୋଗ ଦେବେ ଏବଂ ଫେଡ଼ରେସନ ଶକ୍ତିକୁ କାଏମ ରଖିବେ । ଅର୍ଥ କମିଟିର ସଭାପତି ସାର ହୋର କହିଲେ ଯେ ଗଲ ଜୁଲାଇର ବୈଠକର ବର୍ତ୍ତାରିଣମାନ କାଏମ ରହିବ ଏବଂ ଭାରତକୁ ବିଲାତର ଲୋକେ ଏତେ ଟଙ୍କା ଋଣ ଦେଇଛନ୍ତି ଯେ ଭାରତ ସରକାର ଭାରତ ସରକାରଙ୍କ ଋଣମାନ ସମ୍ପୂର୍ଣ୍ଣ ଦାୟୀ । ଏପରି ଅବସ୍ଥାରେ ଭାରତ ସରକାରଙ୍କ ଅର୍ଥ ବିଭାଗର ଦାୟିତ୍ୱ ସରକାର ନେଇ ନପାରନ୍ତି । ଏ ବିଷୟରେ ଭାର ହେଣା ଓଟିକ ରହିଛି—କିଛି ସ୍ଥିର ହୋଇନାହିଁ ।

## କଟକ ଜିଲ୍ଲାବୋର୍ଡ ଇଞ୍ଜିନିଅର

କଟକ ଜିଲାବୋର୍ଡର ଇଞ୍ଜିନିୟର ମିଃ ହରେକୃଷ୍ଣ ଶାସ୍ତ୍ରୀ ଇସ୍ତଫା ଦେଇ ଥିବାରୁ ତାଙ୍କ ସ୍ଥାନରେ କଟକ ଡିଷ୍ଟ୍ରିକ୍ଟବୋର୍ଡ ତିନିଜଣଙ୍କ ନାମ ସୁପାରିଶ କରି ସରକାରଙ୍କ ମଞ୍ଜୁରି ନିମନ୍ତେ ପଠାଇଥିଲେ । ମିଃ ମହେନ୍ଦ୍ର ଭୂୟାଁ ଓ ମିଃ ଅଜିତ ସିଂହଙ୍କ ନାମ ପଠାଯାଇଥିଲା । ସରକାର ବୋର୍ଡଙ୍କୁ ମିଃ ଅଜିତସିଂହଙ୍କୁ ଇଞ୍ଜିନିଅର କାର୍ଯ୍ୟରେ ମୁକରର କରିବା ନିମନ୍ତେ ଲେଖିଛନ୍ତି ।

---

## ଗୁରୁଭାୟୁର ମନ୍ଦିର ସମସ୍ୟା

ଗାନ୍ଧିଜୀ କହିଥିଲେ ଯେ ଏ ବିଷୟରେ ଜନମତ ନିଆହେବ । ଯଦି ଅଧିକ ସଂଖ୍ୟକ ଲୋକ ଗୁରୁଭାୟୁର ମନ୍ଦିରରେ ଅସ୍ପୃଶ୍ୟ ଜାତି ପ୍ରବେଶର ବିରୁଦ୍ଧାଚରଣ କରନ୍ତି ତାହାହେଲେ ସେ ଆଉ ଅନଶନ କରିବେ ନାହିଁ କିନ୍ତୁ ଯଦି ଅଧିକ ସଂଖ୍ୟକ ଲୋକ ମନ୍ଦିରରେ ଅସ୍ପୃଶ୍ୟ ପ୍ରବେଶର ସପକ୍ଷତା କରନ୍ତି ଏବଂ ମନ୍ଦିରର ମାଲିକ ଜାମୋରିନ ଅସ୍ପୃଶ୍ୟଙ୍କର ମନ୍ଦିର ପ୍ରବେଶ କମିଟି ଅନୁମତି ନ ଦିଅନ୍ତି ତାହାହେଲେ ସେ ଯେତେ ପର୍ଯ୍ୟନ୍ତ ସେ ମନ୍ଦିରରେ ପ୍ରବେଶ ନ କରନ୍ତି ସେତେଦିନ ପର୍ଯ୍ୟନ୍ତ ଅନଶନ କରିବେ । ସୁତରାଂ ଏଥିପାଇଁ ତାଙ୍କ ତାଙ୍କ ଜୀବନ ନଷ୍ଟ କରିବାକୁ ପଡ଼ିବ । ଏହି ଜନମତ ସଂଗ୍ରହ କରିବାରେ ପୋନ୍ନାନୀର ଲୋକମାନେ ଲାଗି ପଡ଼ିଛନ୍ତି । ବର୍ତ୍ତମାନ ଭୋଟ କମିଟିର ସଭାପତି ଶ୍ରୀ ମାଧବ ନାୟାର ପ୍ରକାଶ କରନ୍ତି ଯେ ନିମ୍ନଲିଖିତ ଭାବରେ ଲୋକେ ମତ ଦେଇଛନ୍ତି ।

| ପ୍ରଗନା | ମନ୍ଦିର ପ୍ରବେଶ ସପକ୍ଷରେ | ବିପକ୍ଷରେ |
|---|---|---|
| ଭଟ୍ଟୁର ଫେରକା | ଶତକଡ଼ା ୭୬ | ୧୦ |
| କୁମାର ପୁରମ | ୮୧ | ୮୦ |
| ଅନ୍ଧତ୍ତକା | ୮୦ | ୬୦ |
| ପୁନାର ଫିର୍ମ | ୯୩ | ୪୦ |
| ଅଣ୍ଡେତ ଫିରକା | ୮୨ | ୧୦ |
| ତୋଡ଼ିକଟ ଫିରକା | ୪୯ | ୨୭ |
| କଲିପାବ ଫିରକା | ୮୨ | ୮ |

ପୂର୍ଣ୍ଣ ଭୋଟ ତାଲିକା ଡିସେମ୍ବର ୨୭ ତାରିଖରେ ପ୍ରକାଶ ହେବ । ଗୁରୁଭାୟୁର ମନ୍ଦିରରେ ଅଛୁଆ ଜାତିଙ୍କ ପ୍ରବେଶ ସକାଶ ଦେବା ନିମନ୍ତେ ଭାରତରୁ ସବୁଠାରୁ ଜାମୋରିନଙ୍କ ନିକଟ ଅନୁରୋଧ ହେଉଛି । କିନ୍ତୁ ଜାମୋରିନଙ୍କ ତରଫରୁ ଏ ପର୍ଯ୍ୟନ୍ତ କିଛି ପ୍ରକାଶ ହୋଇନାହିଁ ।

---

# ଅଭିଶପ୍ତ ଚଟ୍ଟଗ୍ରାମ

ଚଟ୍ଟଗ୍ରାମରେ ଅନେକ ରାଜନୈତିକ ହତ୍ୟାକାଣ୍ଡ ଘଟିବାରୁ ଏବଂ ସହରବାସୀ କୌଣସି ଭାବରେ ପୁଲିସକୁ ସାହାଯ୍ୟ ନ କରିବାରୁ ବଙ୍ଗ ସରକାର ଚଟ୍ଟଗ୍ରାମ ସହରବାସୀଙ୍କୁ ୮୦ ହଜାର ଟଙ୍କା ଜୋରିମାନା କରିଛନ୍ତି । ସହରବାସୀଙ୍କ ଦୋଷ ହେଉଛି ଯେ ସେମାନେ ପଳାତକ ଆସାମିମାନଙ୍କୁ ଲୁଚାଇରଖି ଘରେ ସାହାଯ୍ୟ କରୁଛନ୍ତି ଏବଂ ସେମାନଙ୍କୁ ଧରିବାରେ ପୁଲିସକୁ ସାହାଯ୍ୟ କରୁନାହାନ୍ତି । ଏ ଜୋରିମାନା ପ୍ରତ୍ୟେକ ସହରବାସୀ ହିନ୍ଦୁଙ୍କଠାରୁ ଆଦାୟ ହେବ । ମୁସଲମାନଙ୍କୁ ଛାଡ଼ି ଦିଆହୋଇଛି, ହିନ୍ଦୁମାନେ ଏ ହତ୍ୟାକାଣ୍ଡରେ ବିଶେଷ ଭାବରେ ସଂପୃକ୍ତ ଥିବାର ସରକାର ପ୍ରମାଣ ପାଇଛନ୍ତି । ଚଟ୍ଟଗ୍ରାମ ସହରରେ କୌଣସି ହିନ୍ଦୁ ଯୁବକ ସାଢେଚା ଚାରି ପୂର୍ବର ବଳାନୁସାରେ ଘର ବାହାରକୁ ଯାଇ ପାରିବେନାହିଁ ଏବଂ କୌଣସି ସମୟରେ କୌଣସି ହିନ୍ଦୁ ସାଇକେଲ ଚଢ଼ି ପାରିବେନାହିଁ ବୋଲି ସରକାର ହୁକୁମ କରିଛନ୍ତି । ଚଟ୍ଟଗ୍ରାମ ସହରବାସିମାନେ ସଭାକରି ଏ ହୁକୁମର ପ୍ରତିବାଦ କରିଥିଲେ ଏବଂ ବଙ୍ଗ ଲାଟଙ୍କ ନିକଟ ସେମାନଙ୍କ ପକ୍ଷରୁ ଡେପୁଟେସନ ପଠାଇଥିଲେ । ଲାଟସାହେବ କିନ୍ତୁ ଏ ହୁକୁମ ପ୍ରତ୍ୟାହାର ନ କରି କେବଳ କହିଲେ ଯେ ଯଦି ପରେ ପ୍ରମାଣହୁଏ ଯେ ସହରବାସିମାନେ ସମ୍ପୂର୍ଣ୍ଣଭାବରେ ପୁଲିସକୁ ଏ ହତ୍ୟାକାଣ୍ଡରେ ସଂପୃକ୍ତ ଆସାମିମାନଙ୍କୁ ଧରିବାରେ ଏବଂ ବିପ୍ଳବୀମାନଙ୍କ କାର୍ଯ୍ୟ ବାରଣ ବିଷୟରେ ଯଥୋଚିତ ସମ୍ବାଦ ସଂଗ୍ରହରେ ପୁଲିସକୁ ସାହାଯ୍ୟ କରନ୍ତି ତାହାହେଲେ ଏଥିରେ ହୋଇଥିବା ଜୋରିମାନା ଟଙ୍କା ଅଣଶି ହଜାର ଟଙ୍କା ବାଦ ଫେରସ ଦିଆଯାଇପାରେ । କିନ୍ତୁ ଯଦି ଏହା ନ କରି ସହରବାସିମାନେ ଉପେକ୍ଷାଭାବରେ ବର୍ତ୍ତମାନ ପରି ରହନ୍ତି ତାହାହେଲେ ଏହାଠାରୁ ବଡ଼ା ଅଧିକ ବ୍ୟବସ୍ଥା କରି ସରକାର କରିବାକୁ କୁଣ୍ଠିତ ହେବେନାହିଁ, ଜୋରିମାନା ପ୍ରତ୍ୟାର୍ପଣଟା ସହରବାସିଙ୍କ କାର୍ଯ୍ୟକଳାପ ଉପରେ ନିର୍ଭର କରେ ।

---

## କଟକ ମଟର ଆସୋସିଏସନ୍

କଟକ ମଟର ଆସୋସିଏସନ୍ ଆସନ୍ତା ଜାନୁଆରୀ ପହିଲା ଠାରୁ ଗାଡ଼ି ଯିବା ଆସିବାପାଇଁ ଗୋଟିଏ ଟାଇମ୍‌ଟେବଲ୍ ପ୍ରସ୍ତୁତ କରିଅଛନ୍ତି ଏବଂ ଏହିକ ଉକ୍ତ ଟାଇମଟେବଲ ଅନୁସାରେ ଗାଡ଼ି ଯିବା ଆସିବା କରିବାର ସ୍ଥିର କରିଅଛନ୍ତି । ଆଶାକରୁ ଏଥିଦ୍ୱାରା ପାସେଞ୍ଜରମାନଙ୍କର ଅନେକ ଅସୁବିଧା ଦୂର ହେବ । ଆସୋସିଏସନ୍‌ର କର୍ତ୍ତୃପକ୍ଷଙ୍କଠାରୁ ଅବଗତ ହେଲୁ ଯେ ଏହି ଟାଇମ୍‌ଟେବଲ୍ ସମ୍ବନ୍ଧରେ ଯେବେ କେହି କୌଣସି ମତ ପ୍ରକାଶ କରନ୍ତି ତାହା ସେମାନେ ଆନନ୍ଦର ସହିତ ଗ୍ରହଣ କରିବେ । ଏସୋସିଏସନ୍‌ର ଟାଇମ୍‌ଟେବଲ୍ ଅନ୍ୟତ୍ର ପ୍ରକାଶିତ ହେଲା ।

---

## ବଡ଼ଲାଟଙ୍କ କଲିକତା ଆଗମନ

ଲର୍ଡ ଉଇଲିଙ୍ଗଡନ ଡିସେମ୍ବର ତା ୨୨ ରିଖରେ କଲିକତା ଆଗମନ କରି ଜାନୁଆରି ତା ୧୫ ରିଖ ପର୍ଯ୍ୟନ୍ତ ରହିବେ ।

---

Digitized by srujanika@gmail.com

Split by PDF Splitter

186



# କଟକ ସମ୍ବାଦ

## କଟକ ସରକିଟ୍‌କୋର୍ଟ

ଜାନୁଆରୀ ୭ମ ତାରିଖଠାରୁ କଟକରେ ସରକିଟ୍‌କୋର୍ଟ କାର୍ଯ୍ୟ ଆରମ୍ଭ ହେବ। ବିଚାରପତି ଫଜଲ ଅଲି ଓ ବିଚାରପତି ଖୁଣ୍ଟ ସାହେବ ଦ୍ୱୟ ଏଥିର ବିଚାରମାନ କରିବେ। ବିଚାରପତି ଫଜଲ ଅଲି ତା ୧୭ ରିଖ ଡିସେମ୍ବର ଠାରୁ ଆସି ପୁରୀ ସମୁଦ୍ର କୂଳେ ଅବସ୍ଥାନ କରୁଛନ୍ତି। ସେଠାରୁ ବଡ଼ଦିନ ବାଦ ସେ କଟକ ଆସିବେ।

---

ସହରରେ ଶୀତ କେତେକ ଦିନ ହେବ ଖୁବ ବେଶି ପଡ଼ୁଛି।

ଜ୍ୱର ରୋଗ ଆଉ ପୂର୍ବପରି ନାହିଁ। କିନ୍ତୁ ଡାକ୍ତରଖାନାରେ ପୂର୍ବବର୍ଷ ପରି ଅପରେସନ କେସମାନ ବେଶି ପରିମାଣରେ ନାହିଁ।

---

[illegible] ସ୍କୁଲ ଛାତ୍ରମାନଙ୍କ ଦ୍ୱାରା ତୁଳସୀ ଜଳନ୍ଧର ନାଟକ ଅଭିନୀତ ହୋଇଥିଲା। ଡାକ୍ତର ରାଜକିଶୋର ନନ୍ଦଙ୍କ ପରିଶ୍ରମ ଫଳରୁ ଦର୍ଶକମାନଙ୍କର କୌଣସି ଅସୁବିଧା ହୋଇନାହିଁ। ଅଭିନୟ ଖୁବ ସୁନ୍ଦର ହୋଇଥିଲା।

---

କୋ-ଅପରେଟିଭ ବ୍ୟାଙ୍କର ରେଜିଷ୍ଟ୍ରାର ସାହେବ କଟକ ଆଗମନ କରି ମଫସଲ ବ୍ୟାଙ୍କମାନ ପରିଦର୍ଶନ କରୁଛନ୍ତି।

ଜଜ କଲେକ୍ଟର ହଇନେଲ ସାହେବ କେନ୍ଦ୍ରାପଡ଼ା ଗସ୍ତରେ ଯାଇଛନ୍ତି।

ଗତ ସପ୍ତାହରେ ଉତ୍କଳ ଶ୍ରୀ ଭିକାରୀଚରଣ ପଟ୍ଟନାୟକ ମ୍ୟୁନିସିପାଲିଟିର ନବ ନିର୍ବାଚିତ କମିସନର ମାନଙ୍କର ଏକ ମିଳନର ବ୍ୟବସ୍ଥା ତାଙ୍କ ଘରେ କରିଥିଲେ। କମିସନର ମାନଙ୍କ ଛଡ଼ା ସହରର ଆଉ କେତେକ ଭଦ୍ରବ୍ୟକ୍ତି ମଧ୍ୟ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ।

---

### ଶୋଚନୀୟ ଆତ୍ମହତ୍ୟା

ମଧୁସୂଦନ ଏକାଡେମିର ଜଣେ ଛାତ୍ର ମାଟ୍ରିକ୍ୟୁଲେସନ ଟେଷ୍ଟ ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ ମନ ଦୁଃଖରେ ରେଳ ଲାଇନ ଉପରେ ଆତ୍ମହତ୍ୟା କରିଅଛି।

---

ପୁରୀ ଏମାର ମଠର ମହନ୍ତ ମହାରାଜ କଟକ ଆଗମନ କରି ଏଠାରେ ଅବସ୍ଥାନ କରୁଛନ୍ତି। ଏଠା ସନାତନ ମାନଙ୍କ ସହିତ ତାଙ୍କର ପରାମର୍ଶ ଚାଲିଛି।

ମାଲତୀ ଦେବୀଙ୍କ ବିଚାର ୨୩ ତାରିଖକୁ ଧାର୍ଯ୍ୟ ହୋଇଛି। ପୀତାମ୍ବର ଦାସଙ୍କ ତାରିଖ ୨୨ ତାରିଖକୁ ଧାର୍ଯ୍ୟ ହୋଇଛି।

କଟକ ଜମିଦାର ଶ୍ରୀ ରାମଚନ୍ଦ୍ର ପ୍ରସାଦଙ୍କର ୨୩ ବର୍ଷ ବୟସରେ ହଠାତ୍ ମୃତ୍ୟୁ ହୋଇଛି।

### ଟ୍ରେନିଂ କଲେଜରେ ବକ୍ତୃତା

କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ଶ୍ରୀ ଲଳିତ ମୁଖାର୍ଜି ଜଣାଇଛନ୍ତି ଯେ ଗତ ବର୍ଷ ପରି ଏବର୍ଷ ମଧ୍ୟ ତାଙ୍କ କଲେଜରେ ବକ୍ତୃତା ହେବ। କଟକ ରେଭେନ୍ସା କଲେଜ ପ୍ରିନ୍ସିପାଲ ଚକ୍ରବର୍ତ୍ତୀ ହେବ, ଅଧ୍ୟାପକ ପରିଡ଼ା, ଉଦ୍ୟୋଗୀ ସରକାର, ମୁଖାର୍ଜି ମହୋଦୟମାନେ ବକ୍ତୃତା ଦେବେ। ବକ୍ତୃତା ଓ ତାରିଖ ପରେ ଜଣାଇ ଦିଆଯିବ।

---

# ମଫସଲ ସମ୍ବାଦ

### ତଗାରଧାଟରେ ସଭା

୧୮ ତାରିଖରେ ଏଠାରେ ସଭା ପଟୁଆର ହୋଇଥିଲା। ସଭାରେ ଶ୍ରୀ ବିନୋଦ କାନୁଙ୍ଗୋ ସଭାପତି ହୋଇଥିଲେ। ଶ୍ରୀ ଲୋକନାଥ ମହାପାତ୍ର ଓ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ପ୍ରଭୃତି ବକ୍ତୃତା କରିଥିଲେ।

---

### ଭୁବନେଶ୍ୱର ସମ୍ବାଦ

ଅସ୍ପୃଶ୍ୟତା ଦିବସ ଏଠାରେ ମହା ସମାରୋହରେ ପାଳିତ ହୋଇଥିଲା। ଶ୍ରୀ ରଘୁନାଥ ମହାପାତ୍ର ଭକ୍ତେ ହାଡ଼ି ସଙ୍କେଳଙ୍କୁ ସେଠା ଭାଣ୍ଡସଜା କରିଥିଲେ। ୧୧୫। ଲୋକେ ଅସ୍ପୃଶ୍ୟ ଯୁବକମାନଙ୍କ ସହିତ ପଟୁଆର ହୋଇଥିଲି, ସନ୍ଧ୍ୟାରେ ରଥଗାଡ଼ି ପଡ଼ିଆରେ ସଭା ହୋଇଥିଲା। ବଲାଙ୍ଗ ରୂପଚନ୍ଦ୍ର ଶ୍ରୀ ପ୍ରାଣକୃଷ୍ଣ ନନ୍ଦ ସଭାପତି ହୋଇଥିଲେ। ଶ୍ରୀ ରଘୁନାଥ ମହାପାତ୍ର, ଶ୍ରୀ କାଶୀନାଥ ନନ୍ଦ ବକ୍ତୃତା କରିଥିଲେ। ଶ୍ରୀ ପ୍ରାଣକୃଷ୍ଣ ନନ୍ଦ ତାଙ୍କ ଲିଖିତ ଅଭିଭାଷଣରେ ମଧ୍ୟ କେତେକ କଥା କହିଥିଲେ।

---

### ଗଞ୍ଜାମରେ ସଭା

ଗଞ୍ଜାମରେ ୧୮ ତାରିଖ ଦିନ ଦକ୍ଷେଶ ଅନ୍ତଃସ୍ୱର ସଭାରେ ଅସ୍ପୃଶ୍ୟତା ଦିବସ ପାଳିତ ହୋଇଥିଲା। ଶ୍ରୀ ବାଳକୃଷ୍ଣ ପାତ୍ର ସଭାରେ ବକ୍ତୃତା କରି ଲୋକମାନଙ୍କୁ ବୁଝାଇଥିଲେ।

---

### ଖାଟକୁରାରେ ସଭା

ଅସ୍ପୃଶ୍ୟତା ଦିବସ ଉପଲକ୍ଷରେ ଏଠାରେ ସଭା ଓ ଶୋଭାଯାତ୍ରା ହୋଇଥିଲା। ଜମ ପ୍ରଭୃତିଙ୍କ ପତାକା ଉଡ଼ାଯାଇଥିଲା। ଅନ୍ଧ ଅତ୍ୟାଚାରିତ ଲୋକେ ଜାଗା ଦେବତାଙ୍କ ପାଖରେ ଶପଥ କଲେ ଯେ ଆଉ ମଦ ଗୋମାଂସ ଖାଇବେ ନାହିଁ।

---

### ମୋସଲେମ ସେମିନେରି

ମୋସଲେମ ସେମିନେରୀର ସମ୍ପାଦକ ଜଣାଇଛନ୍ତି ଯେ ମାନ୍ଦ୍ରାଜର ବଣିକ ବ୍ୟବସାୟୀ ମୌଲବୀ ଅନୱରୁଲ ହକ୍ ମୋସଲେମ ସେମିନେରୀର ଜମି ଏବଂ ଘର ତିଆରି ଦଶ ହଜାର ଟଙ୍କା ଦାନ କରିଛନ୍ତି। ବର୍ତ୍ତମାନ ସ୍କୁଲ ହେଉଥିବା ଘର ଏହା କଣା ହେବ ଏବଂ ସ୍କୁଲର ସମ୍ପତ୍ତି ହୋଇ ରହିବ। ଏହାପର ଦରକାର ପଡ଼ିଲେ ସେ ଆଉ ମଧ୍ୟ ଟଙ୍କା ସାହାଯ୍ୟ ଦେବା ପାଇଁ ମଧ୍ୟ ଆଶା ଦେଇଛନ୍ତି।

---

### ଅସ୍ପୃଶ୍ୟତା ଦିବସ ପାଳନ

କଟକରେ ଅସ୍ପୃଶ୍ୟତା ଦିବସ ବେଶ ସମାରୋହରେ ପାଳିତ ହୋଇଥିଲା। ସେଦିନ ସନ୍ଧ୍ୟା ସମୟରେ ଟାଉନ ହଲରେ ପଣ୍ଡିତ ଅତୁଳ ମିଶ୍ରଙ୍କ ସଭାପତିତ୍ୱରେ ଏକ ବିରାଟ ସଭା ହୋଇଥିଲା। ଅନେକ ଲୋକ ଯୋଗ ଦେଇଥିଲେ।

---

### ପଣ୍ଡିତ କୃପାସିନ୍ଧୁ ଓଝା

ପଣ୍ଡିତ କୃପାସିନ୍ଧୁ ଓଝା ହଜାରିବାଗ ଜେଲରୁ ଖଲାସ ହୋଇ ୨୧ ତାରିଖରେ କଟକରେ ପହଞ୍ଚିଛନ୍ତି।

---

# ରାସ୍ତା ଅସୁବିଧା

### ଜିଲ୍ଲାବୋର୍ଡର ଉଦାସୀନତା

କଟକ ମାଛଗାଁ ରାସ୍ତାଟା ଜଗତସିଂହପୁର ପର୍ଯ୍ୟନ୍ତ ପକ୍କା ହୋଇଛି। ସେଠାରୁ କାଇଜଙ୍ଗ ଦେଇ ମାଛଗାଁ ପର୍ଯ୍ୟନ୍ତ କଚ୍ଚା। ଅନେକ ଜାଗାରେ ଭଙ୍ଗା ରାସ୍ତାମାନ ଅଛି କିନ୍ତୁ ଏ ରାସ୍ତା ପରି ଆଉ ବୋଧହୁଏ କେଉଁଠାରେ ଏପରି ଭାବରେ ଖରାପ ରାସ୍ତା ଅଛି-ନାହିଁ। ବର୍ଷାଦିନେ ଏପରି ଏ ରାସ୍ତାଗୁଡ଼ିକ କାଦୁଅ ହୁଏ ଯେ ଲୋକେ ଚାଲିବା ଅସମ୍ଭବ, ଗାଡ଼ିଘୋଡ଼ା ତ ଦୂରର କଥା। ଶୀତଦିନେ ଏପରି ଧୂଳିମାନ ଏବଂ ଧୂଳିପୂର୍ଣ୍ଣ ଯେ ଅବସ୍ଥା ଚକ୍ଷୁ ଖରାପ। ଜିଲ୍ଲାବୋର୍ଡର ଏ ରାସ୍ତାପ୍ରତି ଏତେକାଳ ଦୃଷ୍ଟି ଯେ କରୁନଥିଲେ ଜଣାପଡ଼େ। ଜାଜପୁର ରାସ୍ତା, କେନ୍ଦ୍ରାପଡ଼ା ରାସ୍ତା, ଜଗତସିଂହପୁରଠାରୁ ଜୟପୁର (ଅତି ଅଦରକାରୀ) ରାସ୍ତା, ପଞ୍ଚାମୁଣ୍ଡାଇ ରାସ୍ତା ଏପରି ଅନେକ ରାସ୍ତା ପକ୍କାହୋଇ ଗଲାଣି ଜମା ସମ୍ପୂର୍ଣ୍ଣ ଭାବରେ ପକ୍କା ହେବାର ଉଦ୍ୟୋଗ ଚାଲିଛି କିନ୍ତୁ ଏ ରାସ୍ତାର ଖଣ୍ଡନାହିଁ କି ଦୁଃଖ ନାହିଁ ଯଥାପୂର୍ବଂ ତଥାପରଂ। ଏପରିକି ଜିଲ୍ଲାବୋର୍ଡରେ ସେପରି କେହି ଷ୍ଟାଣ୍ଡିଂ ମେମ୍ବର ନାହିଁ ଯେ କି ଏଦିଗରେ ଚେଷ୍ଟା କରିପାରନ୍ତି। ଡେପୁଟି ମେମ୍ବରମାନଙ୍କର ଏଦିଗରେ ଦୃଷ୍ଟି ମୋଟେ ଅଛି ବୋଲି ଜଣାଯାଏ ନାହିଁ। ଲୋକେ ପଥକର ଦେଲେ ସବୁ ସ୍ଥାନପରି ଠିକ ସମାନ ଭାବରେ। କିନ୍ତୁ ରାସ୍ତା ବେଳକୁ ଏଦିଗରେ ଏଗଣ୍ଡିକ। ସେଗଣ୍ଡ ସବୁ ସୁଧି ଏତେ ଉଦାସୀନତା ସ୍ଥଳରେ କିଛି ବୁଝିବାର ବିଷୟ। ଜଗତସିଂହପୁରଠାରୁ କାଇଜଙ୍ଗ ପର୍ଯ୍ୟନ୍ତ ଏ ରାସ୍ତା ଚାଲିବା ଅନ୍ୟାୟ ପ୍ରାୟ ଲୋକଙ୍କର ନାହିଁ। କେନ୍ଦ୍ରାପଡ଼ାକୁ, ଜାଜପୁରକୁ, ବର୍ଗୋଡ଼ ଅନନ୍ତପୁରକୁ ଲାଗିଅଛି। ଲୋକେ ଆଗ୍ରହରେ ଯାଉଅଛି ତାର ବ୍ୟବସାୟ ବାଣିଜ୍ୟ କରିପାରିବେ କିନ୍ତୁ ଏପରି ଲୋକଙ୍କ ଯେ ଆଉ କିଛି ଉପାୟ ଭରସା ନାହିଁ-ଏ ରାସ୍ତାଗଣ୍ଡ ସେ ଏକମାତ୍ର ସମ୍ବଳ। ଆମ୍ଭେମାନେ ଜିଲ୍ଲାବୋର୍ଡ ମେମ୍ବରମାନଙ୍କ ଦୃଷ୍ଟି ଏଦିଗରେ ଆକର୍ଷଣ କରୁଛୁଁ।

---

### ସ୍ୱତନ୍ତ୍ର ଉତ୍କଳ ସ୍ୱପ୍ନ

### ଭାଙ୍ଗିବା ଉପରେ ସରକାରୀ ବିରୁଦ୍ଧତା

ଦିଲ୍ଲୀ, ୧୯।୧୨।୩୭

ହିନ୍ଦୁସ୍ଥାନ ଟାଇମସର ବିଶେଷ ସମ୍ବାଦଦାତା ଲେଖିଛନ୍ତି, "ମୁଁ ଖବର ପାଇଲି ଯେ ଏଥିମଧ୍ୟରେ ଭାରତ ସରକାର ଓଡ଼ିଶା ବିଷୟରେ ତାଙ୍କ ରିପୋର୍ଟ ଦାଖଲ କରିସାରିଲେଣି। ଭାରତ ସରକାର ତାଙ୍କ ରିପୋର୍ଟରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାର ବିପକ୍ଷରେ ମତ ଦେଇଛନ୍ତି। ଭାରତ ସରକାର ଲେଖିଛନ୍ତି-ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଏ ପ୍ରଦେଶକୁ ଅଲଗା କରିବା ଉଚିତ ନୁହେଁ। କେନ୍ଦ୍ର ସରକାର ଆଉ ସାହାଯ୍ୟ ଦେଇ ନୂଆ ପ୍ରଦେଶମାନ ଗଢ଼ିବା ମୁସ୍କିଲ ହେବ।" ଓଡ଼ିଆଙ୍କର ସ୍ୱତନ୍ତ୍ର ପ୍ରଦେଶର ଆଉ ସମ୍ଭାବନା ନାହିଁ।

ସିନ୍ଧ ପ୍ରଦେଶ ବିଷୟରେ ଲେଖିଛନ୍ତି ଯେ ଆର୍ଥିକ ବାଧା ଥିଲେ ମଧ୍ୟ ରାଜନୈତିକ କାରଣରୁ ସିନ୍ଧକୁ ବମ୍ବେଠାରୁ ଅଲଗା କରି ସ୍ୱତନ୍ତ୍ର ପ୍ରଦେଶ କରିବା ନିହାତି ଦରକାର।

---

Digitized by srujanika@gmail.com

ନ ୭୧ ନମ୍ବର ଡିକ୍ରିଜାରି ସନ ୧୯୩୨ ମସିହା

ତା: ୨ୟ ସବଜଜ କଟକ

ପଣ୍ଡିତ ଦୈ ୫ ଉଣ୍ଡ ଡି:

ପୁନାନନ୍ଦ ସାହୁ ଦେ:

ଉକ୍ତ ଡିକ୍ରିଦାରଙ୍କ ଦରଖାସ୍ତ ଟଙ୍କା ଆଦାୟ ନିମନ୍ତେ ନିମ୍ନଲିଖିତ ଭୂସମ୍ପତ୍ତି ତା ୧୬।୧।୧୯୩୩ ଉପରେ ନିଲାମ ହେବ

୧। ଜି: କଟକ ପୋଲିସ ଷ୍ଟେସନ ଓ ସ: ରେଜି: ମୌ: ଯାଜପୁର ଭଗବାନପୁର ଖ: କରମୁଳ ନ ୪୪ ନମ୍ବର ଖାତା ମୌଜେ ପଣ୍ଡିତ ଉପରେ ୧/୩ ଥିବା ନ ୪୭୪ ନମ୍ବର ଖାତା ଖ: ଡା: ମ: ଏ୦—୧୩ ରୁ ଜମା ଟ ୦।୰ ଅ: ମୂ: ଟ ୧୪୯

୨। ଖ: ମୌ: ଏକନ ନ ୫୫୭ ନମ୍ବର ଖାତା ଡା: ଏ୦—୧୨୦୩ ରୁ ଜମା ଟ ୦୰/୭ ଅ: ମୂ: ଟ ୧୫୯

୩। ଖ: ମୌ: ଏକନ ନ ୭୦୦ ନମ୍ବର ଖାତା ଡା: ଏ୦—୨୭୫ ଖ: ରୁ ଜମା ଟ ୦୪ ଅ: ମୂ: ଟ ୩୦୯

୪। ଖ: ମୌ: ଏକନ ନ ୭୫୪ ନମ୍ବର ଖାତା ଦ୍ରି: ଲ: ଡା: ନ: ମ: ଏ୦—୫୦ ଡି: ରୁ ଜମା ଟ ୧୰ ମଧ୍ୟରୁ ଟ ୦୮/୪ ରୁ ଏ୦—୧୧୨ ରୁ ଜମା ଟ ୦।୰ ଅ: ମୂ: ୧୪୯

---

# ମାଇନରପରୀକ୍ଷାଫଳ

ଗତ ବର୍ଷ ମାଇନର ପରୀକ୍ଷାରେ ନିମ୍ନଲିଖିତ ସ୍କୁଲରୁ ଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି।

## କଟକଜିଲା

**ବାଲିକୁଦା ମି: ଇ: ସ୍କୁଲ**—ନଟବର ମହାନ୍ତି, ବସାଗୋଡ, ମଧୁସୂଦନ, କୈଳାସନାଥ, ବାଞ୍ଛାନିଧି, ଜଗନ୍ନାଥ, ବୃନ୍ଦାବନ, ରଘୁନାଥ, ବଂଶୀଧର, ନଟବର ପଣ୍ଡା, ରାମଚନ୍ଦ୍ର, ଗଗନବିହାରୀ, ମଙ୍ଗଳଚରଣ, ନାରାୟଣ, ଛବିଳର, ନନ୍ଦକିଶୋର, ଗିରିଧର, କୈଳାସନାଥ ତ୍ରିପାଠୀ, ମହମ୍ମଦ ଅବଦୁଲ ଓହାବ, ରାମକୃଷ୍ଣ ଓ ନାଥ।

**ଜଗତସିଂହପୁର**—ଶ୍ରୀଧର, ଗୋବିନ୍ଦ ଚନ୍ଦ୍ର, ଅଲେଖ ଚରଣ, ଅଗଣି, ପରମାନନ୍ଦ, ଅଚ୍ୟୁତ, ପଦ୍ମନାଭ, କାଶୀନାଥ, ଅକ୍ଷୟ, ଉପେନ୍ଦ୍ର, ସୁନନ୍ଦକୁମାର, ନୀଳକଣ୍ଠ, ବାମଦେବ, ଲକ୍ଷ୍ମୀଧର, ଲକ୍ଷ୍ମୀଚରଣ ଓ ବୈଷ୍ଣବ।

**ରାଣୀହାଟ**—କୃଷ୍ଣମୋହନ, ଅଲେଖଚନ୍ଦ୍ର, ମଦନମୋହନ, ବୃନ୍ଦାବନ, ଜଗନ୍ନାଥ, ସୀତାରାମ, ବଶିଷ୍ଠ ନାରାୟଣ, ଭଗୀରଥି, ରାମଚନ୍ଦ୍ର।

**ପ୍ରାକ୍ଟିସିଂ ସ୍କୁଲ**—ପ୍ରାଣନାଥ, ଶଶିଭୂଷଣ, ଜଗନ୍ନାଥ, ନାଥ, ହରିନାରାୟଣ, ବୃନ୍ଦାବନ, ରାମଚନ୍ଦ୍ର, ଭୁବନେଶ୍ୱର, ନିତ୍ୟାନନ୍ଦ, ସ୍ୱଗରଚନ୍ଦ୍ର, ନନ୍ଦକିଶୋର, ରାଧାକାନ୍ତ, ଅବଦୁଲ ରସିଦ, ଈଶ୍ୱର, ସଚ୍ଚିଦାନନ୍ଦ।

**ବ୍ୟାପ୍ଟିଷ୍ଟ ମିଶନ ବାଳିକା ସ୍କୁଲ**—ଶରତ୍‌କୁମାରୀ, ପ୍ରମିଳା, ସରୋଜିନୀ, ସୁଧିନା, ପ୍ରଭାବତୀ, ନଳିନୀ, ସରୋଜିନୀ, ଶରତକୁମାରୀ, ଇନ୍ଦୁପ୍ରଭା, ତପସ୍ୱିନୀ, ମନମୋହିନୀ, ପ୍ରମିଳା, ମଞ୍ଜୁଳା, ସୌଦାମିନୀ, ସୁହାସିନୀ, ଶୁଭ୍ରବଦନା।

**ମହାମାଲ୍ଲା ମି: ଇ: ସ୍କୁଲ**—ପ୍ରହ୍ଲାଦ, ଅର୍ଜୁନ,

**କଣ୍ଟାପଡ଼ା ମି: ଇ: ସ୍କୁଲ**—ଧାରକର, ବୈଷ୍ଣବ, ବ୍ରଜବନ୍ଧୁ, ଗୋପୀନାଥ, ରାମଚନ୍ଦ୍ର, ବସନ୍ତ, ଦୁର୍ଯ୍ୟୋଧନ, ଦଯାନିଧି, ଗଙ୍ଗାଧର, ସୁରଥ, ହୃଷୀକେଶ, ଯୁଧିଷ୍ଠିର।

**ଶାଳେପୁର ମି: ଇ: ସ୍କୁଲ**—ଚାନ୍ଦିଶେଖର, ସୁଦର୍ଶନ, ହରେକୃଷ୍ଣ, ସୁରେନ୍ଦ୍ର, ହୃଷୀକେଶ, ଭାର୍ଗବ, ନନ୍ଦକିଶୋର, ବଂଶୀଧର, ଦୁଃଖିଶ୍ୟାମ, ରାମପ୍ରସାଦ, ପାଞ୍ଚକଡ଼ି ସାହୁ, ପାଞ୍ଚକଡ଼ି ତ୍ରିପାଠୀ।

**ସିଦ୍ଧେଶ୍ୱର ପୁର ମି: ଇ: ସ୍କୁଲ**—କଇବା, ଭୀମ, ଉଦ୍ଧବ, ହରିଚରଣ, ପରଶୁରାମ, ସାଧୁ, ଚିନ୍ତାମଣି, ଦାନାମ୍ବର, ଶାରଙ୍ଗଧର, ଅବଦୁଲ ରସିଦ, ଉପେନ୍ଦ୍ର, ଧ୍ରୁବ, ସୁଲେମାନ, ଅଟେଶ୍ୱର, କୁଞ୍ଜବିହାରୀ, ଜ୍ୟୋତିଷଚନ୍ଦ୍ର, ଗୋବିନ୍ଦ।

**ଗୌଡ଼ା ମି: ଇ: ସ୍କୁଲ**—ସଦାନନ୍ଦ, ଯଦୁମଣି, ହୃଷୀକେଶ, ଯୁଗଳ, ଧନେଶ୍ୱର ରଥ, ଭଗବାନ, ବନ୍ଧୁ, କୃଷ୍ଣପ୍ରସାଦ, ଧନେଶ୍ୱର ନାୟକ, ବଷ୍ଣ୍ୱନାଥ, କୃଷ୍ଣ ଷଡ଼ଙ୍ଗୀ, ଉଦୟ।

**ଓଲଶାବାଟ ମି: ଇ: ସ୍କୁଲ**—ପଦ୍ମଚରଣ, ନରେନ୍ଦ୍ର, ଶ୍ରୀକାନ୍ତ, ଭଗବାନ, ବୈଦ୍ୟନାଥ, ବାଞ୍ଛାନିଧି, ନଟବର, ଭାସ୍କର, ନନ୍ଦକିଶୋର, ବଂଶୀଧର, ବାସୁଦେବ, ପୀତାମ୍ବର, ଯୁଧିଷ୍ଠିର ଓ କ୍ଷେତ୍ରମୋହନ।

**ରଘୁନାଥପୁର ମି: ଇ: ସ୍କୁଲ**—ଉଦ୍ଧବନାଥ, ସୁଦର୍ଶନ, ଶ୍ରୀଚରଣ, ଦଣ୍ଡପାଣି, ଚନ୍ଦ୍ରଶେଖର।

**ଜଗତପୁର ମି: ଇ: ସ୍କୁଲ**—ବ୍ରଜବନ୍ଧୁ, ପଦ୍ମଚରଣ, ଗଦାଧର, ଭୀମ, ହରେକୃଷ୍ଣ ମହାନ୍ତି, ହରେକୃଷ୍ଣ ଦାସ, ବୈକୁଣ୍ଠଚନ୍ଦ୍ର, ପୀତାମ୍ବର, ଅଲେଖ, ଉମାଶଙ୍କର, ଅଚ୍ୟୁତାନନ୍ଦ, ସତ୍ୟପ୍ରିୟ।

**ଜଗତପୁର ମେଣ୍ଟ ଡାଙ୍ଗ ମି: ଇ: ସ୍କୁଲ**—ଗିରିଧର, ବିଶ୍ୱନାଥ, ଅନନ୍ତ, ଅଟଳ, ମିର ମହମ୍ମଦ, ନରେନ୍ଦ୍ର, ରଘୁନାଥ, ବୈକୁଣ୍ଠ, କୃଷ୍ଣଚନ୍ଦ୍ର, କୃଷ୍ଣଲେଙ୍କା, ବିଶ୍ୱନାଥ, ଜ୍ଞାନମଣି।

**ଅଷ୍ଟରଙ୍ଗ ମି: ଇ: ସ୍କୁଲ**—ବୈଷ୍ଣବ, ବଂଶୀଧର, ଶ୍ରୀଧର, ବାଳକୃଷ୍ଣ, ଧ୍ରୁବ, ଗଣେଶ, ଯଦୁମଣି, ଗଜେନ୍ଦ୍ର, କାଶୀନାଥ, ମୁରଲୀଧର, ଜଗବନ୍ଧୁ, ନିତ୍ୟାନନ୍ଦ, ପ୍ରହ୍ଲାଦ, ସଚ୍ଚିଦାନନ୍ଦ, ସୋମନାଥ, ଚନ୍ଦ୍ରମଣି, ଦଇତ ସାମଲ।

**ଗୋଠପଦା ମି: ଇ: ସ୍କୁଲ**—ଅଭିରାମ, ଈଶ୍ୱର, ଜଗନ୍ନାଥ, ଗୋବିନ୍ଦ, ମାଗୁଣି, ଦେଓ ରତ୍ନାକର, ରଘୁନାଥ, ମୁରଲୀଧର।

**କପାଲି ମି: ଇ: ସ୍କୁଲ**—ହରିହର, ଉଦୟମୋହନ, ନଟବର, ନାରାୟଣ, କୃଷ୍ଣ, ପ୍ରହ୍ଲାଦ, ନୃସିଂହ, କେଶବ, ସନାତନ, ଶ୍ୟାମସୁନ୍ଦର, ପୂର୍ଣ୍ଣଚନ୍ଦ୍ର।

**ସୁବର୍ଣ୍ଣପୁର ମି: ଇ: ସ୍କୁଲ**—ଜାନକୀରାମ, ବ୍ରଜବନ୍ଧୁ, ଦାମୋଦର, ସତ୍ୟବାଦୀ, ଭ୍ରମର, ସୌରିଚରଣ, ମୁରଲୀଧର; ବାମଦେବ, ହୃଷୀକେଶ; ବିଶ୍ୱନାଥ; ଭାଙ୍ଗରାଜ; ମାଧବ।

**ଟେଙ୍ଗାଡାଲ ମି. ଇ. ସ୍କୁଲ**—କ୍ଷେତ୍ରମୋହନ; ନୃସିଂହ, ଶଶିଭୂଷଣ।

**ସାମନ୍ତରାୟପୁର ମି. ଇ. ସ୍କୁଲ**—ପୁଣ୍ୟନିଧି ମିଶ୍ର; ଯଦୁମଣି, ମଦନମୋହନ, ବୈକୁଣ୍ଠ।

**ଘଟପଡ଼ା ମି: ଇ: ସ୍କୁଲ**—ତ୍ରିଲୋଚନ; ରଘୁନାଥ; ନାରାୟଣ; ବାମନ; ଶ୍ୟାମସୁନ୍ଦର, କୈଳାସନାଥ; ଧର୍ମାନନ୍ଦ; ପୁଣ୍ୟନିଧି, ମଧୁସୂଦନ; ଭଗୀରଥି; ଜୟକୃଷ୍ଣ।

**ମହାସିଙ୍ଗପୁର ମି: ଇ: ସ୍କୁଲ**—ଧ୍ରୁବ; ହରିହର, ବୃନ୍ଦାବନ; ବିନୋଦ, ଅବଦୁଲ ହମିଦ; ଦାମୋଧର।

**ନେଡ଼ା ମି: ଇ: ସ୍କୁଲ**—ପ୍ରାଣକୃଷ୍ଣ; ବଂଶୀଧର, ରାଧାକୃଷ୍ଣ; ଜ୍ଞାନାନନ୍ଦ, ନାରାୟଣ; ଜଗନ୍ନାଥ; ଉପାନନ୍ଦ, ମାର୍କଣ୍ଡ, ହରିହର।

**ଭାଗଲପୁର ମି: ଇ: ସ୍କୁଲ**—ବାମନ, ଶ୍ୟାମ, ସାଧୁ, ନନ୍ଦକିଶୋର, ଉଦ୍ଧବ, ଗୋକୁଳ, ନରସିଂହ, ବିଶ୍ୱନାଥ, ଘନଶ୍ୟାମ, ସତ୍ୟବାଦୀ, ଈଶ୍ୱର, ବ୍ରଜବନ୍ଧୁ, ନିତ୍ୟାନନ୍ଦ, ଉଦୟ।

**ଦେଓଳସାହି ମି: ଇ: ସ୍କୁଲ**—ନଟବର, ଭ୍ରମର, ଦାମୋଦର, ଶ୍ୟାମସୁନ୍ଦର, ବ୍ରଜସୁନ୍ଦର, ଜମ୍ବୁଗ, ମୋହନଚରଣ, ଅକାଶ।

**ଜଗନ୍ନାଥପୁର ମି: ଇ: ସ୍କୁଲ**—ପୂର୍ଣ୍ଣଚନ୍ଦ୍ର, ଗଙ୍ଗାଧର, କୃଷ୍ଣଚନ୍ଦ୍ର, ପରଶୁରାମ।

**କଳଦେବ ମି: ଇ: ସ୍କୁଲ**—କ୍ଷେତ୍ରବାସୀ, ହରେକୃଷ୍ଣ, ଜ୍ଞାନାନନ୍ଦ, ନାରାୟଣ, ଦାମୋଦର, ପୂର୍ଣ୍ଣମଣି, ସୁରେନ୍ଦ୍ର, କୈଳାସନାଥ, ଗଙ୍ଗାଧର, ପଞ୍ଚାନନ, ଗୋପାଳ, ଶ୍ୟାମସୁନ୍ଦର, ସତ୍ୟବାଦୀ।

**ପଟ୍ଟମୁଣ୍ଡାଇ ମି: ଇ: ସ୍କୁଲ**—ଭାଗ୍ୟଚରଣ, କ୍ଷେତ୍ରବାସୀ, ରଘୁନାଥ, ହରେକୃଷ୍ଣ, ବୃନ୍ଦାବନ, କେଦାରନାଥ, ସୂର୍ଯ୍ୟମଣି, ପ୍ରହ୍ଲାଦ, ବୈଦ୍ୟନାଥ, ଗୁଡ଼ବନ, ଜଗନ୍ନାଥ, ସତ୍ୟବାଦୀ, ଯୁଧିଷ୍ଠିର, ଗୌରଚରଣ।

**ଚଣ୍ଡିକୁଣ୍ଡା ମି: ଇ: ସ୍କୁଲ**—ରାମଚନ୍ଦ୍ର, ବଂଶୀଧର, ତ୍ରିଲୋକନାଥ, ସତ୍ୟନାରାୟଣ, ଈଶ୍ୱର, ଲକ୍ଷ୍ମୀ, ସଦାନନ୍ଦ, ବୈଷ୍ଣବ।

**ସୁନ୍ଦରଦା ମି: ଇ: ସ୍କୁଲ**—ହରେକୃଷ୍ଣ, ପୀତାମ୍ବର, ଭଟ୍ଟକୃଷ୍ଣ, ବଳରାମ (ବ), ଗଙ୍ଗାଧର, ସୁଦାନନ୍ଦ, ମହେଶ୍ୱର, ପଦ୍ମନାଭ, ଦାମୋଦର, ଦେବେନ୍ଦ୍ର, ଅର୍ଜୁନ, ଦିଗାମ୍ବର, ରଘୁନାଥ, ନୃସିଂହ।

**ଅଲୁଅ ମି: ଇ: ସ୍କୁଲ**—ଦୈତାରି, ସଙ୍କର୍ଷଣ, ଘନଶ୍ୟାମ, ଗୋବିନ୍ଦ।

**ଫଳେଶ୍ୱର ମି: ଇ: ସ୍କୁଲ**—ପଦ୍ମଲୋଚନ, ଭଗବାନ, କୁଳମଣି, ବୃନ୍ଦାବନ, ପଦ୍ମଚରଣ, କୈଳାସ, ରଘୁନାଥ, ମମ୍ମଧର, ଦୟାନିଧି, କୈଳାସନାଥ, ଗଣେଶ।

**ଖଣ୍ଡେଲା ମି: ଇ: ସ୍କୁଲ**—ଶଙ୍କରଦାସ, ଜଗନ୍ନାଥ, ବଂଶୀଧର, ପୂର୍ଣ୍ଣଚନ୍ଦ୍ର, ମାଧବାନନ୍ଦ, ଘନଶ୍ୟାମ, ରାଧାଶ୍ୟାମ, ବଳରାମ, ହୃଷୀକେଶ, ଚକ୍ରଧର, ଦିଗମ୍ବର, ରଘୁନାଥ, ନନ୍ଦକିଶୋର, କେଶବଚରଣ।

**ରାମବାଗ ମି: ଇ: ସ୍କୁଲ**—ବୈଷ୍ଣବ, ଗୌରଶ୍ୟାମ, ରାମଚନ୍ଦ୍ର, ରାମ, ଦୋଳଗୋବିନ୍ଦ, ଅଭିରାମ, ଶ୍ରୀଧର, ପଦ୍ମଲୋଚନ, ଯୁଧିଷ୍ଠିର, ଗଣେଶ, ସଙ୍କର୍ଷଣ।

**ନଥପୁର ମି: ଇ: ସ୍କୁଲ**—ମାଧବଗୋବିନ୍ଦ, ଜଗନ୍ନାଥ, ଗଗନବିହାରୀ, ବୈଷ୍ଣବ, ଜ୍ଞାନାନନ୍ଦ, ପ୍ରହ୍ଲାଦ, ଚକ୍ରଧର, ବାସୁଦେବ, ସୁଦର୍ଶନ, ବାଞ୍ଛାନିଧି, ଶ୍ୟାମସୁନ୍ଦର, ଦିଗମ୍ବର, ଅନନ୍ତ, ମାଳଭ, ଚନ୍ଦ୍ରଶେଖର, ପୀତାମ୍ବର।

Split by PDF Splitter

Digitized by srujanika@gmail.com

କଡ଼ରଣା ମି: ଇ: ସ୍କୁଲ—ପରମାନନ୍ଦ, ଧରଣୀଧର, ଭଲ୍ଲଭରୁ, ହ୍ୱାଦଶନାଥ, ଉପେନ୍ଦ୍ର, ହେମଚନ୍ଦ୍ର, ଅର୍ଜୁନ, କାଶୀନାଥ, ପଦ୍ମନେଶ୍ୱର, ବୃନ୍ଦାବନ, ଗୌରକିଶୋର, କଗନ୍ନାଥ, ଅଭିମନ୍ୟୁ, ପରମାନନ୍ଦ ନନ୍ଦ, ନରେନ୍ଦ୍ର, ଗୌରଚନ୍ଦ୍ର, ମୁରଲୀଧର, ।

ଚଇତ୍ୟାଣ ପୁର ମି: ଇ: ସ୍କୁଲ—ବୃନ୍ଦାବନ, କାଶେନ, ଭଗବାନ, ଶେଖ ମଜିବୁଲ, ବୃଷ୍ଟି ଚରଣ, ଲକ୍ଷ୍ମଣ, ପ୍ରଭାକର, ସୁଶୀଲା, ଦୁଖୀବେହେ, ।

ଛୋଟରେଇ ମି ଇ, ସ୍କୁଲ—ଲକ୍ଷ୍ମୀଧର, କୃଷ୍ଣଚନ୍ଦ୍ରଦାସ, ଘନଶ୍ୟାମ, ଗଜମଣି, ଶ୍ରୀପତି, ନଟବର, ରାମନାରାୟଣ, ଗୁଣନିଧାନ, ସାଧୁ ।

ବଳନାଥ ମି, ଇ: ସ୍କୁଲ—ଅର୍ଜୁନ, ବୈରାଗୀ, ସାଧବାନନ୍ଦ, ଗୋପୀନାଥ, ବଳରାମ, ନାରାୟଣ ।

ସଗେର ପରୀକ୍ଷାର୍ଥୀ—ବ୍ରଜନାଥ ରଥ, ବ୍ରହ୍ମାନନ୍ଦ ନାୟକ ।

## ପୁରୀ ଜିଲ୍ଲା

**ଏଡୱାର୍ଡ ମି: ଇ: ସ୍କୁଲ**—କାଶୀନାଥ, ବାଞ୍ଛାନିଧି, ମୃତ୍ୟୁଞ୍ଜୟ, ଗଣେଶ୍ୱର, ଦାମୋଦର ଓ ନାରାୟଣ ।

**ପ୍ୟାରୀମୋହନ ଏକାଡେମୀ ସ୍କୁଲ**—କୃଷ୍ଣଚନ୍ଦ୍ର, ଲଳଗାମ, ରାଧାରମଣ, ରାଧାକୃଷ୍ଣ, ଧର୍ମଦାଶ, ଜନାର୍ଦ୍ଦନ, ଚନ୍ଦ୍ରମଣି, ଅନନ୍ତ କୁମାର, ଅସିମ କୁମାର, ଭରତ କୁମାର, ନବକିଶୋର, ଜାଲନାଥ, ନବଘନ, ଭଗବାନ, ରମନାଥ ଓ ଗୌରହରି ।

**ସତ୍ୟବାଦୀ**—ସୁରେନ୍ଦ୍ର, ହୃଦୟନାଥ, ଅର୍ଜୁନଦାଶ, ରାଜକିଶୋର, ନରହରି, ରାଧଶ୍ୟାମ, ଲକ୍ଷ୍ମଣ ମିଶ୍ର, ସଦାଶିବ, ଅଗାଧୁ, ଗଣେଶ୍ୱର, କାଶୀନାଥ, ଗଙ୍ଗାଧର, ବାସୁଦେବ ନନ୍ଦ, ବାସୁଦେବ ପଣ୍ଡା, ବାମଦେବ, ଲକ୍ଷ୍ମଣ ରଥ, ଶଙ୍କର୍ଷଣ ଓ ନଟବର ।

**ପୁରୀ ମି, ଭି, ବାଳିକା ସ୍କୁଲ**—ସରଳା ଓ ହରେକୃଷ୍ଣ ।

ବଳନାଥ ମି: ଇ: ସ୍କୁଲ—ଗଗନବିହାରୀ, ବାଞ୍ଛାନିଧି, ଗଣେଶ୍ୱର, କୃଷ୍ଣହରି (ବ), ଜଗନ୍ନାଥ, ସଙ୍କର୍ଷଣ, ଗୋଲକନ୍ଦ, ଅର୍ଜୁନଦାଶ, ପଦ୍ମନାଭ, ଭରତ, ସଦାଶିବ, ଶ୍ରୀଧର, ମାର୍କଣ୍ଡେୟ ।

ଶ୍ରୀପତି ଦାମୋଦରପୁର ମି: ଇ: ସ୍କୁଲ—ବାଞ୍ଛାନିଧି, ଗଣେଶ୍ୱର, ନାରାୟଣ ।

ଢେଲଙ୍ଗ ମି: ଇ: ସ୍କୁଲ—ଘନଶ୍ୟାମ, ହରିହର, ଜଗନ୍ନାଥ, ଫକୀର, ବଳଭଦ୍ର, ପୀତାମ୍ବର, ସୋମନାଥ, କୃଷ୍ଣଚନ୍ଦ୍ର, ରଘୁନାଥ, ଜଗନ୍ନାଥ, ସାନନ୍ଦ ।

ଦାଣ୍ଡମୁକୁନ୍ଦପୁର ମି: ଇ: ସ୍କୁଲ—ହରେକୃଷ୍ଣ, ଲୋକନାଥ, ବାମଦେବ, ସିଦ୍ଧେଶ୍ୱର, ଭିକାରୀ, ଲୁସୁଲି, ଭୁମରବର ।

ଭଙ୍ଗାରପୁର ମି: ଇ: ସ୍କୁଲ—ହରେକୃଷ୍ଣ, ଗୌରକିଶୋର, ଶ୍ୟାମସୁନ୍ଦର, ଭଗବାନ, ଗଙ୍ଗାଧର, ବୃନ୍ଦାବନ, ପୀତବାସ ।

ଡମାପଡ଼ା ମି: ଇ: ସ୍କୁଲ—ବୃନ୍ଦାବନ, ଈଶ୍ୱର, ଭଗବାନ, ବୈକୁଣ୍ଠ, କୃଷ୍ଣଚନ୍ଦ୍ର, ନାରାୟଣ, ଅଭିରାମ, ଭଗବାନ, ବାଞ୍ଛାନିଧି ।

ଭାଳଟପୁର ମି: ଇ: ସ୍କୁଲ—ନୀଳାମ୍ବର, ବୈଦନାଥ, ପୂର୍ଣ୍ଣାନନ୍ଦ, ଇନ୍ଦ୍ରମଣି, ଶଶିଭୂଷଣ, ବ୍ରହ୍ମାନନ୍ଦ, ନାରାୟଣ, ଅକ୍ରୂର ଗଡ଼ାଇ, ସାଧିର, ଗୁରୁଚରଣ, ଉଚ୍ଛବ ।

ଗୋପ ମି: ଇ: ସ୍କୁଲ—ଶଙ୍କର୍ଷଣ, ଯଦୁମଣି, ବୃନ୍ଦାବନ, ବଂଶୀଧର, ରାମଚନ୍ଦ୍ର, ପାଣିଗ୍ରାହୀ, ପଦ୍ମନ, ଚିନ୍ତାମଣି ପାଣିଗ୍ରାହୀ, ଈଶ୍ୱର ।

ରୁରୁଙ୍ଗ ମି: ଇ: ସ୍କୁଲ—ଦୁର୍ଗାଚରଣ ମହାନ୍ତି ।

ସରେଇ କ୍ଲବ—ଶ୍ରୀମତୀ ସ୍ନେହଲତା ଦାସ ।

ବେଗୁନିଆ ମି: ଇ: ସ୍କୁଲ—ବଳଭଦ୍ର, ବନମାଳୀ, ସୁଦର୍ଶନ, ଗୌରାଙ୍ଗ, କୃଷ୍ଣଚନ୍ଦ୍ର, ସୁଧାକର, ଭିକାରୀ, ଜଗନ୍ନାଥ, ମୃତ୍ୟୁଞ୍ଜୟ, କୃଷ୍ଣଚନ୍ଦ୍ର, ସାନ୍ତୁ (ବ), ବାଞ୍ଛାନିଧି, ଲିଙ୍ଗରାଜ, ଜଗନ୍ନାଥ, ଅର୍ଜୁନ ।

ବାଣପୁର ମି: ଇ: ସ୍କୁଲ—ଦଣ୍ଡପାଣି, କପିଳେଶ୍ୱର, ବାଞ୍ଛାନିଧି, ଦାନାମ୍ବର, କମାଇ, ଜଗନ୍ନାଥ, ବୈଦ୍ୟନାଥ, ସଙ୍ଗଲ, ବଦ୍ରିନାଥ ।

ଦେଲଙ୍ଗ, ମି: ଇ: ସ୍କୁଲ—ଲକ୍ଷ୍ମଣ, ଦାମୋଦର, ପ୍ରଭାକର, ନାରାୟଣ, ଜୟନ୍ତ, ସଦାଶିବ, ଗୌରଶ୍ୟାମ, ଗଙ୍ଗାଧର, ବିଭୂତି ଭୂଷଣ, ସେଖ ସାହାବାଜ, ଚାନ୍ଦମହମ୍ମଦ ।

ବଲେଶ୍ୱର, ମି: ଇ: ସ୍କୁଲ—ଗୋପୀନାଥ, ସଦାଶିବ, ସତ୍ୟନାଥ, ମଙ୍ଗଳ, ପୁରୁଷୋତ୍ତମ, ଗୋପୀନାଥ ତ୍ରିବିକ୍ରମ, ଉପେନ୍ଦ୍ର, ବଂଶୀଧର, ଲୋକନାଥ, ଜଗଦୀଶ, ନୃସିଂହ ।

ଗାର୍ଡ଼ଲା ମି: ଇ: ସ୍କୁଲ—ରାମଚନ୍ଦ୍ର, ଲକ୍ଷ୍ମୀଧର, ପ୍ରେମାନନ୍ଦ, ସୂର୍ଯ୍ୟକୁମାର, ଗୋକୁଳାନନ୍ଦ ।

ଝଙ୍କଡ଼ ଭାଗୀ ମି: ଇ: ସ୍କୁଲ—ରାଜକିଶୋର, ବଦ୍ରୀପ୍ରସାଦ, ଗଣେଶ୍ୱର, ଦାମୋଦର ।

ବି, ଏନ୍, ଆର, ରଣ୍ଡିଆ ମି: ଇ: ସ୍କୁଲ—ଏମ୍, ସୁନ୍ଦର ରାଓ, ଏ, ଲେକ୍ଷ୍ମୀ ରାଓ, ଜି, ଲି, ଏନ୍, ଶାସ୍ତ୍ରୀ, ବ୍ରହ୍ମାନନ୍ଦ, ଭାଗୀରଥି ।

ଭୁବନେଶ୍ୱର, ମି: ଇ: ସ୍କୁଲ—ଗଦାଧର, ଲିଙ୍ଗରାଜ, ପଦ୍ମଚରଣ, ବାସୁଦେବ, ମହେଶ୍ୱର, ବୈଦ୍ୟନାଥ, ଭାରଧର ।

## ବାଲେଶ୍ୱର ଜିଲ୍ଲା

**ଚରମୂଣ୍ଡା**—ଭୋଳାନାଥ, ଉପେନ୍ଦ୍ରନାଥ, ଅଶ୍ୱିନୀ ଓ ସୁରେନ୍ଦ୍ର ।

**ମିସନ ବାଳିକା ସ୍କୁଲ**—ଅମ୍ବିକା, ଛବିରାଣୀ, ସ୍ନେହ, ସୁନିବାଳା, କନକଲତା, ସୁଷମା ।

**ନାରାୟଣଗଡ଼**—କୃଷ୍ଣଚରଣ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ମାଧବ ନାୟକ, ନୀଳାଚଳ, ମାଧବ ପଣ୍ଡା, ହରି ନାୟକ, ରାମନାରାୟଣ, ରତ୍ନାକର, ଅତୁଳ ବିହାରୀ, ଗୋଷ୍ଠ ବିହାରୀ, ବୈକୁଣ୍ଠ, ମୋହନ, ଗୋଲକ ପ୍ରସାଦ ।

**ବାଗଟରଇ**—ଯଜ୍ଞେଶ୍ୱର, ପ୍ରାଣକୃଷ୍ଣ, ଶିବପ୍ରସାଦ, ଲକ୍ଷ୍ମୀନାରାୟଣ, ଜଗନ୍ନାଥ, ଚନ୍ଦ୍ର, ଗଗନବିହାରୀ, ବ୍ରହ୍ମାନନ୍ଦ, ଗୌରାଙ୍ଗ, ଲୋକନାଥ, ଜଡ଼େଶ୍ୱର, ସୁଦର୍ଶନ ।

କଣ୍ଟପଡ଼ା ମି: ଇ: ସ୍କୁଲ—ଚିନ୍ତାମଣି,

ଅନନ୍ତପୁର ମି: ଇ: ସ୍କୁଲ—ଶଙ୍କର୍ଷଣ, ପୂର୍ଣ୍ଣଚନ୍ଦ୍ର, କପିଳବିହାରୀ, ଜଗବନ୍ଧୁ ।

ବସ୍ତା ମି: ଇ: ସ୍କୁଲ—ଚନ୍ଦ୍ରମୋହନ, ଗୟାନାଥ, ଅନନ୍ତଚରଣ, ଭଗବାନ, ଦେବାନନ୍ଦ, ରାମକୃଷ୍ଣ, ପଞ୍ଚାନନ ।

ଅଲ୍ଲାପୁର ମି: ଇ: ସ୍କୁଲ—ଘନଶ୍ୟାମ, ଗୌରହରି, ହେରମ୍ବ, ଜନାର୍ଦ୍ଦନ, ଲକ୍ଷ୍ମଣ, ଲବଙ୍ଗଲତା, ଲକ୍ଷ୍ମୀକାନ୍ତ, ଜଗନ୍ନାଥ, ରାଧାକୃଷ୍ଣ ସୁରେନ୍ଦ୍ରନାଥ, କପିଳବିହାରୀ ।

ସୋରୋ ମି: ଇ: ସ୍କୁଲ—ରାମଚନ୍ଦ୍ର, ଅଟଳବିହାରୀ, ବାଙ୍କବିହାରୀ, ଗୋପୀନାଥ, ରଘୁନାଥ, ବ୍ରଜକିଶୋର, କୈଳାଶ, ସେଖ ଅବଦୁଲା, ଦୈତ୍ୟାରି, ବଂଶୀଧର ।

ଛେଗଲ୍ଲୁ, ମି: ଇ: ସ୍କୁଲ—ସୁରେନ୍ଦ୍ର, ବସନ୍ତ, ଗୋବିନ୍ଦ ।

ବରୁଣ ମି: ଇ: ସ୍କୁଲ—ରାଧାଶ୍ୟାମ, ଚିନ୍ତାମଣି, ରମାକାନ୍ତ ।

ଛତ୍ରପୁର କୁମାର ମି: ଇ: ସ୍କୁଲ—ଶିଶିରକୁମାର, ରଘୁନାଥ, ଗଗନ, ଭଗବାନ, ଗୋଲକ ।

କଣ୍ଟା ମି: ଇ: ସ୍କୁଲ—ଶିବନାରାୟଣ, ବ୍ରଜମୋହନ, ସୁବୋଧ, ଶ୍ରୀପତି, ଗୋଲକ ।

ଉତ୍ତର କେନ୍ଦୁଆ ମି: ଇ: ସ୍କୁଲ—ଉପେନ୍ଦ୍ର, ଚିନ୍ତାମଣି, ନାରାୟଣ, ଦେବେନ୍ଦ୍ରନାଥ ।

କୃଷ୍ଣଚନ୍ଦ୍ର ମି: ଇ: ସ୍କୁଲ—ବାଙ୍ଗାଳୀ, ଗୋପୀନାଥ, ଅଗଣି, ଦାମୋଦର, ବଟକୃଷ୍ଣ, କୃଷ୍ଣଚନ୍ଦ୍ର, ଗୋବିନ୍ଦ, କୈଳାଶ, ମାୟାଧର ।

ବାସୁଦେବପୁର ମି: ଇ: ସ୍କୁଲ—ଗୋବିନ୍ଦ, ଶେଖ ଛାଇମୁଲ, ବୈକୁଣ୍ଠ, ବୈଦ୍ୟନାଥ ।

ସୁନ୍ଦରାଳି ଗୋଲମ ମହମ୍ମଦ ମି: ଇ: ସ୍କୁଲ—ଉପେନ୍ଦ୍ରନାଥ, ଗଜେନ୍ଦ୍ର, ଘନଶ୍ୟାମ ।

କହ୍ନାଇର ସହଯୋଗ ମି: ଇ: ସ୍କୁଲ—କୁଳମଣି, ମାୟାଧର ।

ସାକଟଙ୍ଗ ମି: ଇ: ସ୍କୁଲ—ଦିବ୍ୟସିଂହ, ଯଜ୍ଞେଶ୍ୱର, କୈଳାସ, ଜୟନ୍ତକୁମାର, ଯୋଗେନ୍ଦ୍ର, ଗୋପାଳ, ଶୀତଳନାଥ ।

ଦୋଳସାହି ମି: ଇ: ସ୍କୁଲ—ବଳରାମ, ଭଗବାନ, ସୁରେନ୍ଦ୍ର, ଅଭୟାନନ୍ଦ, ବଳରାମ ସାହୁ (ବ), ଲକ୍ଷ୍ମୀ, ନବକିଶୋର, ହରିହର, ସୁଦର୍ଶନ, ସୁବୋଧ, ଲୋକନାଥ ।

ଧାମନଗର ମି: ଇ: ସ୍କୁଲ—ବୈଦ୍ୟନାଥ, କ୍ଷେତ୍ରମଣି, ଗୋବିନ୍ଦ, ଗୋଲକ, ନବକିଶୋର, ମହମ୍ମଦ ମକବୁଲ, ମହମ୍ମଦ ମାହମୁଦ ଅଲମ ।

କଠୋଇ ମି: ଇ: ସ୍କୁଲ—ପ୍ରେମଚନ୍ଦ୍ର, ହରମୋହନ, ସୌଦାମିନୀ ।

ଏକଡାଲ ମି: ଇ: ସ୍କୁଲ—ଦୋଳଗୋବିନ୍ଦ ମହାନ୍ତି, କୃଷ୍ଣଚନ୍ଦ୍ର ।

## ସମ୍ବଲପୁର ଜିଲ୍ଲା

**ପଟ୍ଟନାୟକ ପଡ଼ା**—ଚାନ୍ଦିକେଶ୍ୱର, ଶରତଚନ୍ଦ୍ର, ସୁରେନ୍ଦ୍ର, ଗୋକୁଳାନନ୍ଦ, ଭଗୀରଥି, ଗିରିଜା ପ୍ରସାଦ, ଲୋକନାଥ, ମଧୁସୂଦନ ।

**ରଟମଲ୍ଲୀ**—ଶଙ୍କର ପ୍ରସାଦ, ଅଶ୍ୱିନୀ କୁମାର, ହରିହର, କପିଳବିହାରୀ, ପୂର୍ଣ୍ଣଚନ୍ଦ୍ର ।

**ଝାଉସ୍ ଗଣ୍ଡା**—ଶ୍ରୀରାମ, ସାନନ୍ଦ,

**ସମ୍ବଲପୁର ମି: ଭି: ବାଳିକା ସ୍କୁଲ**—ଇନ୍ଦୁ, ମଞ୍ଜୁ, ବିମଳା,

**ବରଗଡ଼**—ଲକ୍ଷ୍ମୀଦେବୀ,

---

କଟକ ଚାନ୍ଦିନୀଚୌକ ଉତ୍କଳ ପ୍ରେସରେ ଶ୍ରୀ ... ମହାନ୍ତିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

189

REGISTERED NO. P 6

# ଉତ୍କଳଦୀପିକା


ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩ ୯
ପ୍ରତିଖଣ୍ଡ ଟ ୦ ୧୫

ଖ ୬୭ ଶ | Cuttack, Saturday the 31st December 1932<br>ପୌଷ ୧ ୧୭ ଇ ସନ ୧୩୪୦ ସାଲ ଶନିବାର | ୫୧ ଶ ସଂଖ୍ୟା



32 26-2-32

## JECI ENDI CHADDARS

BEST FOR WINTER. PURE SILKY, NOT A SINGLE THREAD OF COTTON IS MIXED, UNSHRINKABLE, DURABLE, SOFT AND CHEAPEST. PRICE REDUCED CONSIDERING WORLD-WIDE ECONOMICAL CRISIS.

**Reduced Price Rs. 6/-**

Per Pair—(6 by 1½ yds.)

POSTAGE & PACKING FREE. MONEY REFUNDED IF UNAPPROVED.

PLEASE READ WHAT OUR CUSTOMERS SAY.

"I have pleasure to state that Endi Chadars supplied by m/s. Jagannath Chanan Ram of Ludhiana, are very cheap and the firm is very prompt in its dealings."
(Sd.) Jatindra Mohan Chatterjee,
Dy. Collector, Jessore.
Dated 21-9-32.

"I had occasions to place orders with m/s. Jagannath Chanan Ram of Ludhiana, for some Endi Chadars. I find these useful.
(Sd.) K. P. Ghosh,
Deputy Magistrate,
Jalpaiguri.
Dated 7-9-32.

TO GET YOUR PAIR IN TIME PLEASE ORDER FOR THE SAME IMMEDIATELY.

**Jagannath Chanan Ram,**
Props. JECI WEAVING FACTORY,
LUDHIANA. (Upper India).


No. 41 31. 12. 32

WANTED:-

A Head Mistress for the Lower Primary Girls' School in Angul Town on a monthly salary of Rs.22/- with free quarters.

None need apply who has not passed the Junior Training Examination from a recognized Training School.

Applications with copies of testimonials and qualifications should be submitted to the undersigned by the 15th January 1932. Preference will be given to Oriya candidates having previous experience in teaching. The selected candidate will be on probation for 6 months.

Deputy Commissioner,
Angul.

No. 42 24. 12. 32

"Wanted an I. A. for the post of the 1st. teacher of the Ramsay Secondary School, Athgarh State on a pay of Rs. 30-1-45/- a month. The teacher must be an up-to-date sportsman and specially know how to play tennis and competent to take up History and Geography in classes VIII and IX along with other subjects. Experienced or trained I. A's are preferred. The selected candidate will be on probation for one year and must stick to the post for at least 3 years'.

Applications will be received up to 15th. January 1933.

Raja and Ruling Chief,
Athgarh state.

୪୮ ୮।୧।୩୩

## ନୋଟିସ

ପଣ୍ଡିତ ଇଷ୍ଟେଟର ନିମ୍ନଲିଖିତ ଜମିଦାରୀ ଇଲାକା ନିମନ୍ତେ ତହସିଲଦାର ଆବଶ୍ୟକ । ଯେଉଁମାନଙ୍କର ଉକ୍ତ ତହସିଲ କାର୍ଯ୍ୟରେ ପାରଦର୍ଶିତା ଥିବ, ଜମିଦାରୀ ଜାଣିଥିବ ଏବଂ ଅନୁଷ୍ଠାନ ନିୟମାନୁସାରେ ନଗଦ ଟଙ୍କା ଜାମିନ ଉଠାଇ ଦେଇପାରିବେ ସେମାନେ ତା ୧୫।୧।୩୩ ମଧ୍ୟରେ ସୁଦ୍ଧା ଅନୁଷ୍ଠାନର ସଦର ଅଫିସ ଚନ୍ଦ୍ରଶେଖରଠାରେ ଦରଖାସ୍ତ ପଠାଇ ପାରନ୍ତି । ଇଲାକା ଓ ଜମିର ବୃତ୍ତାନ୍ତ ତହସିଲ ସ୍ଥିର କରାଯିବ । ଅଧିକାଂଶ ବିଷୟ ଅନୁଷ୍ଠାନର ସଦର ଅଫିସରେ ଉପସ୍ଥିତ ହୋଇ ବୁଝିପାରିବେ ।

ଜି: ପୁରୀ ପିପିଲି ଥାନା ଅନ୍ତର୍ଗତ ।। ମୌ । ରଘୁନାଥପୁର ଓଗର ବାର୍ଷିକ ଅଦାୟ ଟ ୪୩୩୫୯

ଜି: କଟକ ବିଞ୍ଚୋଇ ଥାନା ଅନ୍ତର୍ଗତ ।। ମୌ । ଶ୍ରୀରାମପୁର ଓଗେର ବାର୍ଷିକ ଅଦାୟ ଟ ୧୭୪୬୯

ଜି: କଟକ ଜଗତସିଂହପୁର ଥାନା ଅନ୍ତର୍ଗତ । । ମୌ । ତଅଁର ପୁର ଓଗେର ବାର୍ଷିକ ଅଦାୟ ଟ ୧୫୬୩୯

ଜି: କଟକ ସଦର ଥାନା ଥାନା ଅନ୍ତର୍ଗତ । । ମୌ । ସାଲଗଡ଼ ବାର୍ଷିକ ଓଗେର ଅଦାୟ ଟ ୧୫୫୮୯

ରାଧାଶ୍ୟାମ ଦାସ
ଉତ୍କଳଗଛି, କଟକ
ତା ୭୩।୧୨।୩୨

ପ୍ରୋପାଇଟର
ପଣ୍ଡିତ ଇଷ୍ଟେଟ

No. 45 7. 1. 33

"Wanted a trained I. A. or B. A. with sufficient teaching experience and specially proficient in History and Geography for the Bhadrak H. E. School on Rs. 55/- per month.

Applications will be received by the undersigned up to the 15th January, 1933.

Sd/- Madhabanand Mahapatra
Secretary, Bhadrak
H. E. School
P. O. Bhadrak (Balasore)


Digitized by srujanika@gmail.com

୪୬ ୮।୧।୩୩

ଫ୍ରି !!! ଫ୍ରି !!! ଫ୍ରି !!!

# ଏକମାତ୍ର ଶ୍ରେଷ୍ଠ ଟେଲାରିଂ ଏବଂ ଗୃହଶିଳ୍ପ ସ୍କୁଲ

## ସେରାଇକେଲା ରାଜଧାନୀ

ସ୍କୁଲରେ ଶିକ୍ଷା ଦିଆଯାଉଥିବା ବିଷୟମାନ ଏବଂ ତତ୍‌ସମ୍ପର୍କୀୟ ଦେୟ ଶିକ୍ଷା ଫିସ ଦିଆଯାଏ ତାହା ନିମ୍ନରେ ଦିଆଗଲା।

| | | | |
|---|---|---|---|
| ୧। ଟେଲରିଂ (କଟିଂ ଓ ସେଲାଇ) ଶିକ୍ଷା ପାଇଁ | ମୋଟ ଟ ୩୦୧ | ସମୟ | ୩ ମାସ |
| ୨। ସାବୁନ (ନାନାପ୍ରକାର) " | " " " ଟ ୩୦୧ | " | ୧ ମାସ |
| ୩। ଫଟୋଗ୍ରାଫ " | " " " ଟ ୧୫୧ | " | ୨ ସପ୍ତାହ |
| ୪। ଫେସ ପେଣ୍ଟିଂ " | " " " ଟ ୧୫୧ | " | " |
| ୫। ସ୍ନୋ କ୍ରିମ " | " " " ଟ ୧୫୧ | " | " |
| ୬। କାଳି " | " " " ଟ ୧୦୧ | " | " |

କିନ୍ତୁ

ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ସୁବିଧା ପାଇଁ ଆମ୍ଭେ ପ୍ରତିମାସରେ ୫ଟି ଫ୍ରି, ୧୦ ଟି ହାଫ୍ ଫ୍ରି, ୧୫ଟି ୨/୩ ଫ୍ରି, ଏବଂ ୨୦ଟି ୧/୨ ଫ୍ରି ରେ ଛାତ୍ରମାନଙ୍କୁ ସ୍କୁଲରେ ଭର୍ତ୍ତିକରି ସେମାନଙ୍କୁ ମା ୪ ଘରେ ଉପରୋକ୍ତ ସମସ୍ତ ବିଷୟ ଶିକ୍ଷା ଦେବାର ବନ୍ଦୋବସ୍ତ କରିଅଛୁ। ଖାଇବା ଖରଚ ମାସିକ ଟ ୬୧ ଙ୍କା ତାହା ଛାତ୍ରମାନଙ୍କୁ ଦେବାକୁ ପଡ଼ିବ, ବାସସ୍ଥାନ ଓ ମେଡିକାଲ ସାହାଯ୍ୟ ଫ୍ରି, ଛାତ୍ରଠାରୁ କୌଣସିପ୍ରକାର ଚାନ୍ଦା ନିଆଯିବ ନାହିଁ। ସମସ୍ତ ବିଷୟ ଶିକ୍ଷା କରିବା ନକରିବା ଛାତ୍ରଙ୍କ ଇଚ୍ଛାଧୀନ। ଏଠାରେ ଶିକ୍ଷା କଲାପରେ ଅନ୍ନ ପାଇବା ସାହାଯ୍ୟ ନ ହେଲେ ପ୍ରଚୁର ଉପାର୍ଜନ କରିପାରିବ। ସ୍କୁଲଟି ଟାଟାନଗର ଜଙ୍କସନ ଠାରୁ B.N.Ry. ଠାରୁ ୭ମାଇଲ ଦୂରରେ ସେରାଇକେଲାରେ ଅବସ୍ଥିତ। ଏଠା ଜଳବାୟୁ ସର୍ବଦା ସ୍ୱାସ୍ଥ୍ୟକର ରହୁଅଛି। ଇଚ୍ଛୁକ ଓ ଉତ୍ସାହୀ ଯୁବକ ନଗଦ ଟ ୧୧ ଙ୍କା ସହ ତା ୧୮।୧।୩୩ ରିଖ ମଧ୍ୟରେ ଆବେଦନ କରନ୍ତୁ। ତା ୨୫।୧।୩୩ ରେ ନିର୍ବାଚିତ ଛାତ୍ରମାନଙ୍କ ନାମ ବାହାରିବ। ପତ୍ର ପାଇବାର ଏକ ସପ୍ତାହ ମଧ୍ୟରେ ଛାତ୍ରମାନଙ୍କୁ ସ୍କୁଲରେ ଯୋଗଦାନ କରିବାକୁ ହେବ, ବାକି ବରାବର ସ୍କୁଲ ୩ମାସ ପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କ ଅଧୀନ ରହିବ।

ସେରାଇକେଲା ଟେଲାରିଂ ଏଣ୍ଡ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ
ପୋଃ ସରାଇକେଲା, ଭାୟା ସିନି, ଜିଲ୍ଲା ସିଂହଭୂମ

ପ୍ରତିଷ୍ଠାତା—B. B. Mohanty. ଅମିତ କୌଣସି ମାଷ୍ଟର ଏଠାରେ ନାହିଁ, Proprietor
D. P. Mohanty.

୪୭ ୧୪।୧।୩୩

## ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆଠମଲ୍ଲିକ ଷ୍ଟେଟର ଅନ୍ତର୍ଗତ ଅବକାରୀ ଓ ବନ୍ୟଜାତ ଦ୍ରବ୍ୟ ପ୍ରଭୃତିର ଲାଇସେନ୍ସ ସନ ୧୯୩୩।୩୪ ପାଇଁ ଆସନ୍ତା ସନ ୧୯୩୩ ମସିହା ଫେବୃଆରୀ ମାସ ତା ୨୪ ରିଖ ଠାରୁ ମାର୍ଚ୍ଚ ମାସ ତା ୩ ରିଖ ପର୍ଯ୍ୟନ୍ତ ସଦର କଚେରୀରେ ନିଲାମ ହେବ। ଉମେଦବାରମାନେ ସ୍ୱୟଂ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଦ୍ୱାରା ନିଲାମ ଡାକି ପାରିବେ। ଯାହାଙ୍କର ଡାକ ଗୃହୀତ ହେବ ତାଙ୍କୁ ଡାକ ଟଙ୍କାର ଏକ ଚତୁର୍ଥାଂଶ ଟଙ୍କା ତତ୍‌କ୍ଷଣାତ୍ ସିକ୍ୟୁରିଟି ସ୍ୱରୂପ ଡିପୋଜିଟ କରିବାକୁ ହେବ।
ତା ୨୩-୧୨-୩୨

## ତପସିଲ

| | |
|---|---|
| ୧। ସଗପ ବୋତାଲ | ଗୋ ୧୮ |
| ୨। ଛାଡ଼ୀ ବୋତାଲ | ଗୋ ୪ |
| ୩। ଘାଟ | ଗୋ ୬ |
| ୪। ଗୋ ମହିଷ ଚମଡ଼ା ଓ ଶିଙ୍ଗ | |
| ୫। ଗୋରୁଚନା ଓ ହାଡ଼ | |
| ୬। ଜଳ ଘୋଡ଼ା | |
| ୭। ଶାଏର ଏକଗୋଟି ଲୁଗ | |
| ୮। ଜୋଗସ | |
| ୯। ମହୁ, ମହଣ ଓ ଝୁଣା | |
| ୧୦। ଅଣ୍ଡି ଛାଲ | |
| ୧୧। ହରଡ଼ା, କାଙ୍କାଡ଼ା, ଓ ଅଁଳା | |
| ୧୨। କମଳା ଗୁଣ୍ଡି | |
| ୧୩। ସିମିଳି ତୁଳା | |
| ୧୪। ଭେଣା ଗ୍ରନ୍ଥି | |
| ୧୫। ସୁନାର ଛାଲ | |
| ୧୬। ବନ୍ୟଜନ୍ତୁ ଚମଡ଼ା ଓ ଶିଙ୍ଗ | |

ରାଜା ଏବଂ ରୁଲିଂ ଚିଫ
ଆଠମଲ୍ଲିକ ଷ୍ଟେଟ

No. 46 7. 1. 33

WANTED

For the King Edward VII High School of this State an Assistant Head Master on a time scale pay starting from Rs 70/- with benefit of the State Provident Funds and free quarters.

Qualification required:-Must be an Oriya graduate strong in Mathematics and Geography. Preference will be given to trained graduates having previous experience.

Applications stating respectability and age with copies of testimonials should reach the undersigned on or before the 20th January 1933.

The selected candidate will have to join the post at once.

Bata Krishna Mohanty
Offg. Dewan,
Baudh State,
P. O. Baudh-Raj.

୪୧ ୨୪।୧।୩୩

# ଅବ୍ୟର୍ଥ ଫଳ

ବହୁ ପ୍ରଶଂସିତ
ସନ୍ତାନ ଦାୟୀ କବଚ

ଏହା କୌଣସି ସ୍ତ୍ରୀ ବା ପୁରୁଷ ଧାରଣ କଲେ ସନ୍ତାନ ଜନ୍ମ ହୁଏ।

ଅକ୍ଷୟ କବଚ

ଏହି କବଚ ଧାରଣ କଲେ ସ୍ୱପ୍ନ ଦୋଷ ଦୂର ହୁଏ ଓ ବୀର୍ଯ୍ୟ ସ୍ତମ୍ଭନ ହୁଏ।

ପ୍ରତ୍ୟେକ କବଚର ମୂଲ୍ୟ ଟ ୫୧
ଡାକଖର୍ଚ୍ଚ ସ୍ୱତନ୍ତ୍ର
ଅର୍ଡର ଦେଲାବେଳେ ଅଗ୍ରୀମ ଟ ୧୧ ଦେବେ

ପ୍ରାପ୍ତିସ୍ଥାନ
ମାୟାଧର ବଶାଳ
ପୋଃ ଅ: ଜଳେଶ୍ୱର
ଭାୟା ଭଦ୍ରକ, କଟକ

୩୫ ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରାର

## ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ଗୋଡ଼ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏକମାସ ମଧ୍ୟରେ ଆରୋଗ୍ୟ ଲାଭ ହେବ। ବିଫଳେ ମୂଲ୍ୟ ଫେରସ୍ତ ଦିଆଯିବ। ପ୍ରତ୍ୟେକର ମୂଲ୍ୟ ଟ ୧।୵ ମାତ୍ର।

ଡାକମାସୁଲ ସ୍ୱତନ୍ତ୍ର
ଶ୍ରୀ ଭରତବନ୍ଧୁ ମହାନ୍ତି
ପୋ: ଅ: ସରେଇକଲା
ଭାୟା-ସିନି। ସିଂହଭୂମ ଜିଲ୍ଲା

Digitized by srujanika@gmail.com

Split by PDF Splitter



# ସ୍ୱତନ୍ତ୍ର ଉତ୍କଳ ଆଶା ସଫଳ

## ଉଦ୍ୟମ ସାର୍ଥକ

ଗତ ଜୁଲାଇ ବର୍ଷର ଅନ୍ଦୋଳନ ଅନ୍ତ ସ୍ୱଳ-ବଧି ହେସ ରାଉଣ୍ଡଟେବୁଲ ସଭାର ଶେଷ ବୈଠକରେ ବ୍ରିଟିଶ ସରକାରଙ୍କ ତରଫରୁ ଭାରତମନ୍ତ୍ରୀ ସାର୍ ସାମୁଏଲ ହୋର ଘୋଷଣା କଲେ, "ଗତ ବର୍ଷ ଆମ୍ଭେମାନେ ଓଡ଼ିଶା କଥା ଭଲ ଭାବରେ ଆଲୋଚନା କରିଥିଲୁ। ତାପରେ ସେ ବିଷୟରେ ଆମ୍ଭେମାନେ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁସନ୍ଧାନ କରାଇ ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ସେମାନଙ୍କର ମତାମତ ଆମ୍ଭେମାନେ ବୁଝିଛୁ। ବର୍ତ୍ତମାନ ସରକାର ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଓଡ଼ିଶାକୁ ବିହାରରୁ ଅଲଗା କରାଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବେ। ନୂଆ ପ୍ରଦେଶର ସୀମା ନିର୍ଣ୍ଣୟ ବିଷୟରେ କେତେକ ଗୋଳ ମାଳ ଏପର୍ଯ୍ୟନ୍ତ ତୁଟି ନାହିଁ। ସେଥିରୁ ବିଷୟର ସମାଧାନ ଶୀଘ୍ର କରାଯିବ ହେବ।"

---

ମଣ୍ଟେଗୁ ଚେମସଫୋର୍ଡ଼ ଶାସନ ସଂସ୍କାର ପୂର୍ବରୁ ତଦାନୀନ୍ତନ ଭାରତ ମନ୍ତ୍ରୀ ମଣ୍ଟେଗୁ ସାହେବ ଭାରତ ଭ୍ରମଣରେ ଆସି ଓଡ଼ିଶାର ଦୁଃଖ କଥା ବୁଝି କହିଥିଲେ ଯେ, "ଓଡ଼ିଶା ଚାପଲ ଯାଇ ଅଭି-ଯୋଗୀ ପ୍ରଦେଶ ସହିତ ଯୁକ୍ତ ହୋଇ ଦୁଃଖ କଷ୍ଟରେ ରହିଥାଉ ନାହିଁ। ସରକାର ଏଥିପ୍ରତି ଏହାର ବ୍ୟବସ୍ଥା କରିବାକୁ ବାଧ୍ୟହେବେ। ଏହି ରିପୋର୍ଟରେ ଓଡ଼ିଶା ବାମ୍ଫ ସୁବସ୍ଥାର ପାଇଲେ।

ଏହାପରେ ଫିଲିପଡଫ କମିଟି ସରକାର ବସାଇ ସୀମାନିର୍ଦ୍ଧାର ଏବଂ ଲୋକମତ ବୁଝିଥିଲେ। ପଅନ୍ତ ସମ୍ପର୍ଣ୍ଣ ବୁଝିବା ଜମନ୍ତେ ମଧ୍ୟ ଜଣେ ବିଶେଷଜ୍ଞଙ୍କୁ (ଇଂ. ଏଜ. ଟେଲର) ନିଯୁକ୍ତ କରିଲ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲେ ତାର ଆର୍ଥିକ ଅବସ୍ଥା କିପରି ହେବ ସେ ବିଷୟରେ ଅନୁସନ୍ଧାନ କରାଇଥିଲେ। ସାଇମନ ସାହେବଙ୍କ ରେକର୍ଡରେ ଅଛି-ଥିବ୍‌ କରଲ କମିଶନ ମଧ୍ୟ ଗୋଟିଏ କମିଟି (ଅଟଲି କମିଟି) ବସାଇ ଏ ବିଷୟରେ ପୁଙ୍ଖାନୁ-ପୁଙ୍ଖ ଭାବରେ ଅନୁସନ୍ଧାନ କରି ରିପୋର୍ଟ ଦେଇ-ଥିଲେ। ପ୍ରଥମ ରାଉଣ୍ଡଟେବୁଲ ବୈଠକ ପରେ ଓଡ଼ିଶା ସୀମା ନିର୍ଦ୍ଧାରଣ କମିଶନ ବସାଇ ସରକାର ଓଡ଼ିଶା ସୀମା ବିଷୟରେ ଅନୁସନ୍ଧାନ କରିଥିଲେ।

ତାପରେ ଦ୍ୱିତୀୟ ଗୋଲଟେବୁଲରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ବିଷୟରେ ସରକାର ସ୍ପଷ୍ଟ ଭାବରେ ଚର୍ଚ୍ଚା କରିଥିଲେ। ତୃତୀୟ ଏବଂ ଶେଷ ଗୋଲଟେବୁଲରେ ସରକାର ତରଫରୁ ଘୋଷଣା ହେଲା ଯେ ଓଡ଼ିଶା ଅବସ୍ଥାର ପରିବର୍ତ୍ତନ ହେବ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବ।

ଉତ୍କଳ, ଇଂରାଜ ରାଜତ୍ୱ ଆରମ୍ଭରୁ ବଙ୍ଗ ସରକାରଙ୍କ ଅଧିନରେ, ତାପରେ ୧୯୧୨ରୁ ବିହାର ପ୍ରଦେଶ ସହିତ ଏପର୍ଯ୍ୟନ୍ତ ରହିଛି। ଖଣ୍ଡ ବିଖଣ୍ଡିତ ଉତ୍କଳକୁ ଏକତ୍ର କରି ଏକ ଶାସନାଧିନରେ ରଖିବାକୁ ଉତ୍କଳରେ ଅନେକ ବର୍ଷ ଧରି ଚେଷ୍ଟା ଚାଲିଛି। ଉତ୍କଳର ବରପୁତ୍ର ମଧୁସୂଦନ ଏ ଆନ୍ଦୋଳନରେ ଅଗ୍ରଣୀ। ଏହି ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀର ସୃଷ୍ଟି। ସ୍ୱତନ୍ତ୍ର ଉତ୍କଳ ଗଢ଼ିବା ତାଙ୍କର ଚେଷ୍ଟାରେ ଆଜ ପ୍ରତ୍ୟେକ ଓଡ଼ିଆ ମନରେ ଜାଗରୂକ। ପ୍ରଥମ ଗୋଲଟେବୁଲରେ ପାରଳା କେମିଡ଼ିର ରାଜା ସାହେବ ଓଡ଼ିଶା ପାଇଁ ଯଥେଷ୍ଟ ଚେଷ୍ଟା କରିଥିଲେ। ସୀମାନିର୍ଦ୍ଧାର କମିଟିକୁ ତାଙ୍କରେ ଯେ ଅଦ୍ଭୁତ ସାହାଯ୍ୟ କରିଛନ୍ତି। ଶେଷ ଗୋଲଟେବୁଲରେ ଯୋଗ ଦେଇଛନ୍ତି। ଓଡ଼ିଶା ତରଫରୁ ଖଲ୍ଲିକୋଟ ଅଠଗଡ଼ର ରାଜା ସାହେବ ମଧ୍ୟ ଏ ବିଷୟରେ ଖୁବ ଉଦ୍ୟମ କରିଛନ୍ତି। ଭାରତ ବ୍ୟବସ୍ଥାପକ ସଭା ମେମ୍ବର ଶ୍ରୀ ଭୁବନାନନ୍ଦ ଦାସ ବିଲାତରେ ଏ ବିଷୟରେ ଚେଷ୍ଟା କରିବା ପାଇଁ ଖଲ୍ଲିକୋଟ ରାଜା ସାହେବଙ୍କ ସହ ବିଲାତ ଯାଇଛନ୍ତି। ସେ କ୍ରିତ-ଅନୁଯାୟୀ ସେଠାରେ କାର୍ଯ୍ୟ କରୁଛନ୍ତି। ଓଡ଼ି-ଶାର ସୀମା ବିଷୟରେ ସରକାର ଏ ପର୍ଯ୍ୟନ୍ତ ଭଲ ସ୍ଥିର କରିନ ଥିବାର ପ୍ରକାଶ, ଏ ବିଷୟରେ ସର-କାର କ'ଣ କରୁଛନ୍ତି ଦେଖିବାକୁ ବାକି ରହିଲା।

---

# ସରକାରି ଋଣ

## ଦିନକୁ ଦିନ ବଢ଼ିଲା

ଭାରତ ସରକାରଙ୍କର ବର୍ତ୍ତମାନ ଋଣ ୧୨୧୬ କୋଟି ଟଙ୍କା। ୧୭୯୨ ଖ୍ରୀଷ୍ଟାବ୍ଦରେ ଭାରତ ଇଷ୍ଟଇଣ୍ଡିଆ କମ୍ପାନି ଶାସନାଧିନରେ ଥିଲା; ଇଷ୍ଟ ଇଣ୍ଡିଆ କମ୍ପାନି ସେହି ସମୟରେ ଭାରତପାଇଁ ୭୦ ଲକ୍ଷ ପାଉଣ୍ଡ ଋଣ କରିଥିଲା। ଏହା ସର୍ବପ୍ରଥମ ସରକାରୀ ଋଣ; ତା ପରେ ସିପାହୀ ବିଦ୍ରୋହ ସମୟରେ ଋଣର ପରିମାଣ ବଢ଼ି ୭୦୦ ଲକ୍ଷ ପାଉଣ୍ଡ ହେଲା, ଅଫଗାନ ଓ ଶିଖ ଯୁଦ୍ଧ ସମୟରେ ଅନେକ ଟଙ୍କା ଭାରତ ସରକାର ଋଣ କରିଥିଲେ। ୧୮୫୮ରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନିଠାରୁ ଭାରତକୁ ନିଜ ହାତକୁ ନେଲେ। ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନିକୁ ପାରିତୋଷିକ ସ୍ୱରୂପ ୧୨୦ ଲକ୍ଷ ପାଉଣ୍ଡ ଦେଲେ ଏବଂ ଭାରତ ସରକାରର ସମ୍ପୂର୍ଣ୍ଣ ଦେଣପାଉଣ ରହିଲା, ୧୮୬୦ ରୁ ୧୯୦୦ ମଧ୍ୟରେ ଭାରତ-ସରକାର ବହୁ ପରିମାଣରେ ଋଣ କରିଥିଲେ। ଜର୍ମାନୀ ସମରରେ ଏ ସମୟରେ ଅନେକ ଟଙ୍କା ଋଣ କରିଥିଲେ। ଏପରି ୧୯୦୪ରେ ଋଣ ହେଲା ୬୧୦ କୋଟି ପାଉଣ୍ଡ; ୧୯୩୦ରେ ଋଣର ପରିମାଣ ହେଲା ୧୧୩୭ କୋଟି; ୧୯୩୨ ରେ ୧୨୧୬ କୋଟି ପାଉଣ୍ଡ।

---

## ଜାପାନକୁ ଭାରତରୁ ଟେଲିଗ୍ରାମ

ଭାରତରୁ ଜାପାନକୁ ତଥା ଜାପାନରୁ ଭାରତକୁ ଟେଲିଗ୍ରାମ ପଠାଇବାର ବ୍ୟବସ୍ଥା କରା ହୋଇଛି। ଟେଲିଗ୍ରାମ ପଠାଇବାର ଖର୍ଚ୍ଚ ପ୍ରତ୍ୟେକ ପଦ ପାଇଁ ୫ ୭୫ ପଇସା।

---

## ଫିଲିପାଇନ ସ୍ୱାଧୀନତା

## ଆମେରିକା କଂଗ୍ରେସର ସ୍ୱୀକୃତି

ଆମେରିକା ଇଂରାଜ ଅଧିନରେ ପ୍ରଶାନ୍ତ ଫିଲିପାଇନ ଦ୍ୱୀପପୁଞ୍ଜ କେତେକାଳରୁ ଆମେରିକା ଅଧିନରେ ଅଛି। ସେଠା ଅଧିବାସୀମାନେ ସ୍ୱାଧୀନତା ପାଇଁ ଆମେରିକା କବଳରୁ ନିଜ ରାଜ୍ୟକୁ ମୁକ୍ତ କରିବାପାଇଁ ଚେଷ୍ଟା କରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ଗତ ମାସରେ ଆମେରିକା କଂଗ୍ରେସ ପକ୍ଷ ଏକ ଗୋଲଟେବୁଲ ସଭା ଆମେରିକା ସରକାର ଫିଲିପାଇନକୁ ସ୍ୱାଧୀନତା ଦିଆଯାଇପାରେ କି ନା ଏବଂ ସେଠା ଲୋକମାନେ ନିଜ ରାଜ୍ୟ ଚଳା-ଇବା ପାଇଁ କେତେ ଦୂର ସକ୍ଷମ ହେବେ ଏହି ସବୁ ବିଷୟରେ ଅନୁସନ୍ଧାନ କରିବାକୁ କହାଯାଇଥିଲା। ସେ ସଭା ତାଙ୍କ ରିପୋର୍ଟ ଆମେରିକା ସରକାରଙ୍କ କଂଗ୍ରେସରେ ଦାଖଲ କରିଥିଲେ। କଂଗ୍ରେସ ସେ ରିପୋର୍ଟର ଆଲୋଚନା କରି ବର୍ତ୍ତମାନ ସ୍ଥିର କରିଛନ୍ତି ଯେ ଫିଲିପାଇନକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ କିନ୍ତୁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଏହା କାର୍ଯ୍ୟରେ କରିବାକୁ ପ୍ରାୟ ଦଶବର୍ଷ ଲାଗିବ।

---

## ଆଣ୍ଡାମାନକୁ ନିର୍ବାସନ

## ପୁଣିଦଳେ ଗଲେ

ବିହାର ଏବଂ ବଙ୍ଗଦେଶରୁ ପ୍ରାୟ ୪୦ ଜଣ ବନ୍ଦୀଙ୍କୁ ଏହି ସପ୍ତାହରେ ଆଣ୍ଡାମାନ ଦ୍ୱୀପକୁ ନିର୍ବାସିତ କରାହୋଇଛି। ଏହି ୪୦ ଜଣଙ୍କ ମଧ୍ୟରୁ ବିହାରର ୩ ଜଣ ଏବଂ ବଙ୍ଗଦେଶରୁ ୩୭ ଜଣ।

---

## ଗାନ୍ଧି ଅନଶନ

ମହାତ୍ମା ଗାନ୍ଧୀଙ୍କ ଗୁରୁବାୟୁର ମନ୍ଦିର ସମ୍ପର୍କରେ ଅନଶନ ବର୍ତ୍ତମାନପାଇଁ ବନ୍ଦ ରହିଲା। କଳ୍ପତ ଲୋକଙ୍କ ଅନୁରୋଧ ରକ୍ଷା କରିବାକୁ ଯାଇ ଗାନ୍ଧିଜୀ ଏ ଉପବାସ ବନ୍ଦ କଲେ।

---

## ଜାମୋରିନ ଅଟଳ

କାଲିକଟର ରାଜା ଜାମୋରିନ ଗୁରୁବାୟୁର ମନ୍ଦିରର ମାଲିକ। ଭାରତର ସବୁଆଡ଼ୁ ତାଙ୍କୁ ଅନୁରୋଧ କରାଯାଇଥିଲା ଯେ ସେ ଅସ୍ପୃଶ୍ୟ-ମାନଙ୍କୁ ମନ୍ଦିରପ୍ରବେଶ ଅଧିକାର ଦିଅନ୍ତୁ। କିନ୍ତୁ ସେ ଅଟଳ, ତାଙ୍କ ମତର ପରିବର୍ତ୍ତନ ହୋଇ-ନାହିଁ।

---

## ଆଲ୍ଲାହାବାଦ ମିଳନ ସଭା

ଆଲ୍ଲାହାବାଦ ମିଳନ ସଭାରେ ଯୁକ୍ତିବରେ ଶିଖ ମୁସଲମାନ ଏବଂ ହିନ୍ଦୁଙ୍କ ବିଷୟ ସ୍ଥିର ହୋଇ ଯାଇଛି। କେଉଁ ବିଷୟରେ କିଛି ସ୍ଥିର ହୋଇ-ନାହିଁ, ଏହିଉଦ୍ଦେଶ୍ୟରେ ଗୋଟିଏ ଛୋଟ କମିଟି ବସିଛି, କମିଟି କଲିକତା ଆସି ଏହିଭଳି କାର୍ଯ୍ୟ କରୁଛନ୍ତି।

---

## ଓଡ଼ିଶାପ୍ରଦେଶ ଗଠନ

## ମୁସଲମାନୀ ଦାବି

କଲିକତାରେ ଏ ସପ୍ତାହରେ ମୁସଲମାନ ଲିଗର କାର୍ଯ୍ୟ ବୈଠକରେ ସରକାରଙ୍କ ଅନୁ-ରୋଧ କରାଯାଇଛି ଯେ ନୂତନ ଓଡ଼ିଶା ପ୍ରଦେ-ଶରେ ଯେପରି ମୁସଲମାନମାନେ ବ୍ୟବସ୍ଥାପକ ସଭା ଭିତରେ ଶତକଡ଼ା ୨୦ ସ୍ଥାନ ପାଆନ୍ତି ଏବଂ ବିହାରରେ ଶତକଡ଼ା ୩୦ ସ୍ଥାନ ପାଆନ୍ତି।

---

Digitized by srujanika@gmail.com

# ଉତ୍କଳଦୀପିକା

ଡିସେମ୍ବର ତା ୩୧ ରିଖ ଶନିବାର

## ସମାଧାନ

ଗୋଲଟେବୁଲ ବୈଠକ ଚାଲିଥିଲେ ସୁଦ୍ଧା, ଯିଏ ଯାହା ଭାବନା କରୁଥିଲେ ତାହା ପୂର୍ଣ୍ଣ ହେଲା, ବୃଟିଶ ସରକାର ତାହାର କିଛି ନାହିଁ, ଭାରତୀୟ ମୁସଲମାନମାନଙ୍କ ମଧ୍ୟରୁ କେତେକ ଆଶା କରୁଥିଲେ ସେମାନଙ୍କର କେତେକ ସୁବିଧା କରାଇ ନେବାକୁ-ତାହା ସେମାନେ କରିପାରିଲେ । ସାହେବ ଯାଇ ସାମ୍ପ୍ରଦାୟିକତାହିଁ ଓ ବାକ୍ ଭାରତ ତାହିଁ ମତର ଅନୁସରଣ କରି ସେମାନଙ୍କ ସ୍ୱାର୍ଥ ଠିକ ରଖିଲେ । ହିନ୍ଦୁଙ୍କ ମଧ୍ୟରୁ କେତେକ ଭିନ୍ନ ଗୋଷ୍ଠୀଏ କରିବାପାଇଁ ଯୋଗ ଦେଇଥିଲେ, ସେମାନେ ମଧ୍ୟ ଭିନ୍ନ ଗୋଷ୍ଠୀଏ ହେଲେ । ଅନେକ ଯୋଗ ନ ଦେଇ ଉଦାସୀନ ଥିଲେ ଭାରତର ସେ ହିତ ନ ହୋଇ ବିପରୀତ ହେଲା, ସେମାନଙ୍କର କଳନା ମଧ୍ୟ କାର୍ଯ୍ୟରେ ପରି-ଣତ ହୋଇଛି । ଭାରତ କେଉଁ ବିଷୟରେ କ'ଣ ଠିକ ଭାବରେ ପାଇବ ତାର ମୀମାଂସା ଏଯାଏ ହୋଇନାହିଁ କି ସରକାର ତାଙ୍କର ଦୃଢ଼-ମତ ପ୍ରକାଶ କରିନାହାନ୍ତି । କେବଳ ଭାରତ ଚାହିଁବାକୁ ସ୍ୱତନ୍ତ୍ରତା ମଧ୍ୟରେ ଜାତି ଧର୍ମ ମଧ୍ୟରେ ଯାହାର ଅଧିକାରର ସୀମା ରେଖା ସରକାର ତାଙ୍କ ଇଚ୍ଛା ଅନୁଯାୟୀ କରି ଦେଇଛନ୍ତି । ତାପର ମୁସଲମାନମାନଙ୍କ ସ୍ଥାନ କେଉଁଠାରେ କେତେ ତାହା ମଧ୍ୟ ଠିକ କରି ଦେଇଛନ୍ତି । କିନ୍ତୁ ସାମ୍ରାଜ୍ୟରେ ଭାରତର ସ୍ଥାନ, ପୃଥିବୀର ଜାତିମାନଙ୍କ ମଧ୍ୟରେ ଭାରତୀୟଙ୍କ ସ୍ଥାନ କେଉଁଠି ଏବଂ କି ପ୍ରକାର ତାର କିଛି ମୀମାଂସା ନାହିଁ । ଗୋଲଟେବୁଲ ଅଧିବେଶନ ପୂର୍ବରୁ ସାଇମନ କମିଶନ ସରକାର ବସାଇଥିଲେ । ଭାରତୀୟମାନେ କମିଶନ ଗଠନରେ ଅସନ୍ତୁଷ୍ଟ ଏବଂ ଉତ୍ତ୍ୟକ୍ତ ହେବାରୁ ସରକାର ଗୋଲଟେବୁଲ ବସାଇଲେ-ଉଦ୍ଦେଶ୍ୟ ଯେ ଭାରତର ନୂଆ ଶାସନ ସଂସ୍କାର ଭାରତୀୟମାନଙ୍କ ମତ ଅନୁସାରେ ହେବ, ପାର୍ଲିଆମେଣ୍ଟ ଯାହା ସ୍ଥିର କରିବେ ସେହିଅନୁସାରେ ହେବ । ବସ୍ତୁତ ଅଧା ବସ୍ତୁ ଉପଲବ୍ଧ କଲେ । ଅଥ-ଚ ଯେ ଭାରତର ଆଭ୍ୟନ୍ତର ଗୋଷ୍ଠୀ ସମା-ଧାନ ତର ଦଳପାଇଁ ହେବ, କିନ୍ତୁ କଣ ହେଲା, ଭାରତର ଏକମାତ୍ର ପ୍ରତିନିଧିତ୍ୱ ଦଳ, ଏଥିରେ ଯୋଗ ଦେଇପାରିଲେ ନାହିଁ, ସେମାନେ ଅନୁପସ୍ଥିତ ନଥିଲେ ମଧ୍ୟ ଉଦାସୀନ ରହିଲେ, ଲୋକ ସାଧାରଣଙ୍କ ମନରେ କଂଗ୍ରେସର ଏ ଉଦାସୀନତା ପ୍ରତି ଇଂରେଜ ସରକାରର ଏ ଉଦ୍ୟମରେ ଗୋଷ୍ଠୀଏ ଅବିଶ୍ୱାସର ଭାବ ଜାଗରୂକ କରିଅଛି । ଗୋଲଟେବୁଲରେ ଭାରତ ବାସିଙ୍କ ଆସ୍ଥା କମିଲା । ବର୍ତ୍ତମାନ ଚେଷ୍ଟା ଚାଲିଛି ଯାହା ଦ୍ୱାରା ହେଉଛି, ଏଣିକି କଂଗ୍ରେସର ସହଯୋଗ ଲୋଡ଼ା ମିଳିବ । ଏହି ଉଦ୍ଦେଶ୍ୟରେ କଥା ଚାଲିଛି ଯେ ମହାତ୍ମାଗାନ୍ଧିଙ୍କ ଜେଲରୁ ଛାଡ଼ିଦେଲେ ପୁଣି ଗୋଷ୍ଠୀଏ ମିଳାମିଶା ପ୍ରସ୍ତାବର ଅବତାରଣା ହେବ । ଦେଖି-ବାକୁ ବାକି ରହିଲା ଏ ବିଷୟରେ ଉଦ୍ୟୋଗୀ ମାନଙ୍କର ଭାବନା କେତେଦୂର ଫଳବତୀ ହେବ । ଗୋଲଟେବୁଲର ନିର୍ଦ୍ଧାରଣମାନ ମଧ୍ୟ ଶେଷ ହୋଇଛି । ଭାରତ ସରକାର ତାଙ୍କର ମତ ସହିତ ଏ ନିର୍ଦ୍ଧାରଣମାନ ପାର୍ଲିଆମେଣ୍ଟରେ ଉପ-ସ୍ଥାପିତ କରିବେ । ପାର୍ଲିଆମେଣ୍ଟ ସଭ୍ୟ ଉଭୟରୁ ହାଉସ ଅଫ କମନ୍ସ ଏବଂ ହାଉସ ଅଫ ଲର୍ଡ୍ସରୁ ବଛା ହୋଇ କେତେଜଣ ମେମ୍ବରଙ୍କୁ ନେଇ ଗୋଷ୍ଠୀଏ ଯଏଣ୍ଟ ସିଲେକ୍ଟ କମିଟି ଗଢ଼ି ଏ ନିର୍ଦ୍ଧା-ରଣର ବିଚାର କରିବେ । ସେମାନଙ୍କ ରିପୋର୍ଟ ପାର୍ଲିଆମେଣ୍ଟରେ ପଢ଼ା ବିଚାର ହେବ । ତାପରେ ସମ୍ରାଟଙ୍କ ସ୍ୱୀକୃତି ସହିତ ସେ ନିର୍ଦ୍ଧାରଣମାନ କାର୍ଯ୍ୟକାରୀ ହେବ । ଏ ସବୁ ହେଉ ହେଉ ପ୍ରାୟ ବର୍ଷେ । ୧୯୩୩ ମଧ୍ୟରେ ଏ ସବୁ ସରି ୧୯୩୪ ରେ ନୂଆ ସଂସ୍କାର କାର୍ଯ୍ୟକାରୀ ହେବ ।

---

## ଓଡ଼ିଆ ଯୁବକର କୃତିତ୍ୱ

ଡାକ୍ତର ଗୋପମୋହନ ଦାସଙ୍କ ପୁତ୍ର ସଂଗ୍ରାମ କେଶରୀ ଦାସ ବିଲାତ ଉଲଉଇଚ ମିଲିଟେରି ଏକାଡେମିରୁ କୃତିତ୍ୱ ସହିତ ପାଶ କରିଛନ୍ତି, ସେ କିଙ୍ଗସ୍ କମିଶନ ପାଇ ରୟେଲକୋର ଅଫ୍ ସିଗ୍ନାଲସ୍ ଶିକ୍ଷା ପାଇବେ ।

## ଋଷିଆରେ ଲୋକାଭାବ

ରୁଷିଆ ସରକାର ସରକାରୀ କାର୍ଯ୍ୟ ଚଳାଇବାକୁ ଲୋକ ନପାଇ ଢେର ବିବ୍ରତ । ସେଠା ସରକାରଙ୍କର ବର୍ତ୍ତମାନ ୧୮୦୦୦ ଡାକ୍ତର ଏବଂ ୬୦୦୦୦ ଶିକ୍ଷକ ଦରକାର, କିନ୍ତୁ କେତେକ ସପ୍ତାହ ଅପେକ୍ଷା କରି ମଧ୍ୟ ଏତେଲୋକ ସରକାର ପାଇବାରେ ସକ୍ଷମ ହୋଇ ନାହାନ୍ତି । ବିଦେଶରୁ ଲୋକ ନେଇ ସେଠାରେ କାର୍ଯ୍ୟ ଦବାପାଇଁ ମଧ୍ୟ ସରକାର ଲାଗିଛି ।

## ଖ୍ରୀଷ୍ଟିଆନ ମାନଙ୍କର ବଡ଼ଦିନ ଉତ୍ସବ
## ଋଷିଆ ସରକାରଙ୍କ ବିପକ୍ଷତା

ରୁଷିଆର ସୋଭିଏଟ ସରକାରଙ୍କର ହୁକୁମ ହୋଇଛି ଯେ ରୁଷିଆ ସରକାରଙ୍କ ଶାସିତ ଦେଶ-ମାନଙ୍କରେ ବଡ଼ଦିନ ଉତ୍ସବ ପାଳିତ ହେବନାହିଁ । ପୃଥିବୀରୁ ଏ ଉତ୍ସବ କିପରି ଅନ୍ତର୍ହିତ ହେବ ସୋଭିଏଟ ସରକାର ସେହି ଚେଷ୍ଟାରେ ଅଛନ୍ତି ।

## ଗୁପ୍ତଚରଙ୍କ ଦଣ୍ଡ

ପୋଲାଣ୍ଡରେ ଗତ ମାସରେ ସୋଭିଏଟ ସରକାରଙ୍କର ୬୦୦ ଗୁପ୍ତଚରଙ୍କୁ ମୃତ୍ୟୁଦଣ୍ଡ ଦିଆ-ହୋଇଛି ।

## ଜର୍ମାନିରେ ଅକର୍ମା

ଜର୍ମାନି ରାଜ୍ୟରେ ବର୍ତ୍ତମାନ ଅକର୍ମାଙ୍କ ସଂଖ୍ୟା ୬୦୦୦୦୦୦ । ସେଠା ସରକାର ଏହି ଅକର୍ମାଙ୍କ ଚିନ୍ତାରେ ଅତ୍ୟନ୍ତ ବିବ୍ରତ ।

## ଜର୍ମାନି କୈଜାର ଅସୁସ୍ଥ

ଜର୍ମାନିର କୈଜାର ବିଶେଷ ଭାବରେ ପୀଡ଼ିତ ଅଛନ୍ତି । ତାଙ୍କ ପ୍ରାସାଦରେ ଏହା ଗଲା ସପ୍ତାହରେ ଜଣେ ଅପରିଚିତ ଯୁବକ ପିସ୍ତଲ ପକେଟରେ ରଖି ପ୍ରବେଶ କରିଥିଲା । ପ୍ରାସାଦ ପ୍ରହରୀମାନେ ତାକୁ ଧରି ସେଠା ପୁଲିସ ହାତରେ ଦେଇଥିଲେ । ସେହିଦିନଠାରୁ ପ୍ରାସାଦର ସୁରକ୍ଷା ବିଶେଷ ଭାବରେ ବୃଦ୍ଧି "ଦରୱାନ" ନୂଆ ନିଯୁକ୍ତ ହୋଇଛନ୍ତି ।

---

## ଗ୍ଲାସ ସାହେବଙ୍କ
### ଅବସର ଗ୍ରହଣ

ବିହାର ଓଡ଼ିଶାର ଇରିଗେସନ ବିଭାଗର କର୍ତ୍ତା ମିଃ, ଇ, ଏଲ, ଗ୍ଲାସ ସାହେବ ଆସନ୍ତା ଜାନୁଆରି ୨୯ ତାରିଖରେ କାର୍ଯ୍ୟରୁ ଅବସର ଗ୍ରହଣ କରିବେ । ସେ ରୁରକି ଇଞ୍ଜିନିୟରିଙ୍ଗ କଲେଜରୁ ୧୯୦୧ରେ ପାଶକରି ଭାରତରେ ନାନା ସ୍ଥାନରେ କାର୍ଯ୍ୟ କରି ୧୯୨୮ରେ ବିହାର ଓଡ଼ିଶାରେ ଚିଫ ଇଞ୍ଜିନିୟର ହୋଇଥିଲେ । ତାଙ୍କ ଅମଳରେ ଓଡ଼ିଶା କେନାଲମାନଙ୍କରେ ନଳକର ବୃଦ୍ଧି ହୋଇଛି । ଫସଲର ମୂଲ୍ୟ ହ୍ରାସ ହେତୁ କୃଷକମାନେ ବର୍ଦ୍ଧିତ ଦରରେ ନଳକର ଦେବାକୁ ଅକ୍ଷମ ଥାଇ ବହୁଚେଷ୍ଟା କରି-ଥିଲେ ମଧ୍ୟ ନଳକର ସାବେକ ରେଟ ଅନୁଯାୟୀ କମା ନହୋଇ ମାତ୍ର ଏକରକେ ଅଠଣା କମା ଯାଇଛି । ଗ୍ଲାସ ସାହେବଙ୍କ ସ୍ଥାନରେ କେଟଲଟନ ସାହେବ ଇରିଗେସନ ବିଭାଗର କର୍ତ୍ତା ହେବେ । ସେ କଟକରେ ଅନେକ ଦିନ ଥିଲେ ଏବଂ ଓଡ଼ିଶାରେ ସେ ସୁପରିଚିତ ।

---

## ଫ୍ରି ପ୍ରେସର ଟଙ୍କା ବାଜ୍ୟାପ୍ତି
### ହାଇକୋର୍ଟରେ ଅପିଲ

ବମ୍ବେ ସରକାର ଫ୍ରି ପ୍ରେସ ଜର୍ଣ୍ଣାଲ କାଗଜଠାରୁ ଜାମିନ ସ୍ୱରୂପ ୧୦୦୦୦ ଟଙ୍କା ରଖିଥିଲେ । ରାଜଦ୍ରୋହ ମୂଳକ କେତେକ ଲେଖା ସେ କାଗଜରେ ବାହାରିବାରୁ ସରକାର ବର୍ତ୍ତମାନ ସେ ୧୦୦୦୦ ଟଙ୍କାକୁ ବାଜ୍ୟାପ୍ତ କରିଛନ୍ତି । ଏହା ବିରୁଦ୍ଧରେ ଫ୍ରି ପ୍ରେସ ହାଇକୋର୍ଟର ଅପିଲ ଦାଏର କରିଛନ୍ତି । ଅପିଲ ବମ୍ବେ ହାଇକୋର୍ଟରେ ଗ୍ରହଣ କରା ହୋଇଛି ।

---

## ଡାକ ବିଭାଗର ଆୟ
### ଦିନକୁ ଦିନ କମିଲା

ସରକାରୀ ଡାକ ବିଭାଗର ଆୟ ପୂର୍ବଠାରୁ କେତେ ପରିମାଣରେ କମି ଯାଉଥିବାର ପ୍ରକାଶ । ଆୟ କମିବାର ଯୋଡ଼ିଏ କାରଣ ଅନୁମାନ କରା ହେଉଛି । ପ୍ରଥମ କାରଣ ଡାକ ଟିକେଟ ଇତ୍ୟାଦିର ପୂର୍ବାପେକ୍ଷା ମୂଲ୍ୟ ବୃଦ୍ଧି । ଦ୍ୱିତୀୟ କାରଣ ଡାକ ବର୍ଜନ, ଡାକ ଟିକେଟର ଦାମ ବଢ଼ାଇବା ଦ୍ୱାରା ସାଧାରଣ ଲୋକ ମାନଙ୍କର ଚିଠି ପତ୍ର ଅନେକ ପରିମାଣରେ କମିଛି । ବ୍ୟବସାୟ ମାନ୍ଦା ଯୋଗୁଁ ମଧ୍ୟ ଚିଠି ପତ୍ର ଅନେକ କମିଛି । କଂଗ୍ରେସ ମଧ୍ୟ ଅନେକ ସ୍ଥାନରେ ସ୍ୱତନ୍ତ୍ର ଡାକ ବିଭାଗ ଖୋଲି ଚିଠି ପତ୍ର ପଠାଇବାର ବ୍ୟବସ୍ଥା କରୁଥିବାର ପ୍ରକାଶ । ଏହା ଦ୍ୱାରା ସରକାରୀ ଆୟରେ ବ୍ୟାଘାତ ଘଟିଛି । ନିମ୍ନ ହିସାବରୁ ଜଣା-ପଡ଼ିବ କିପରି ଭାବରେ ବର୍ଷକୁ ବର୍ଷ ଆୟ କମିଛି ।

| | | | | |
|---|---|---|---|---|
| ୧୯୨୭ | — | — | ୭୨୯ | ଲକ୍ଷ |
| ୧୯୨୮ | — | — | ୭୯୦ | ଲକ୍ଷ |
| ୧୯୨୯ | — | — | ୭୯୨ | ଲକ୍ଷ |
| ୧୯୩୦ | — | — | ୭୪୨ | ଲକ୍ଷ |
| ୧୯୩୧ | — | — | ୭୦୭ | ଲକ୍ଷ |
| ୧୯୩୨ | — | — | ୬୪୭ | ଲକ୍ଷ |

Split by PDF Splitter
Digitized by srujanika@gmail.com